

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ

ଦ୍ୱିତୀୟ ମହକ ✻ ସପ୍ତମ ପୁଷ୍ପ ✻ ଦ୍ୱିତୀୟ ପାଖୁଡ଼ା ✻ ତ୍ରିତ୍ରିଂଶତମ ସଂଖ୍ୟା ✻


ସଂପାଦକ : କେଶବଦାସ

ପ୍ରକାଶକ : ପୀତାମ୍ବର ଦାସ, ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧

**କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ**

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜିଃ କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ ।


ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।


✻ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ଏକବିଂଶ ମୁଦ୍ରାଙ୍କ ✻

✵ କେଶବାବ୍ଦ : ଷଟ୍‌ପଞ୍ଚାଶତ୍ ✵ ଅଗ୍ନ୍ୟୁତ୍ସବ ମାସ ✵ ଦୋଳ ପୂର୍ଣ୍ଣିମା ✵

# ପ୍ରବେଶ ପରିଚିତି

✵ ସପ୍ତମ ପୁଷ୍ପ ✵
ଦ୍ୱିତୀୟ ପାଖୁଡ଼ା
ତ୍ରିତ୍ରିଂଶତ୍ତମ ସଂଖ୍ୟା

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ବନ୍ଦନା : ଶ୍ରୀପାଦ ମହିମା : | ୧ |
| **ସିଂହଦ୍ୱାର** | |
| ମହାକାଳ ଶରଣରେ ପାଶେ ନ ପଶିବ କାଳ: | ୨ |
| **ମୁଖଶାଳା** | |
| ସଂପାଦକୀୟ | ୩ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ : ଭକ୍ତି ବୈଚିତ୍ର୍ୟ | ୪ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୬ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ | ୭ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୦ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୩ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି : | ୧୬ |
| ଉତିଷ୍ଠତଃ ! ଜାଗ୍ରତଃ !! | ୧୮ |
| ଜିଜ୍ଞାସା : ଜିଜ୍ଞାସୁ : | ୨୧ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୪ |
| କଲ୍ୟାଣ ଦେଲି ତୋତେ | ୨୬ |
| କେଶବ କୈବଲ୍ୟ କଣିକା | ୨୮ |
| ଗାଈ ଉଦଣ୍ଡ ହୋଇଲାରେ'ର ସରଳ ବ୍ୟାଖ୍ୟା | ୩୦ |
| **ନୀଳଚକ୍ର** | |
| 'ଚରମ'ର ସଙ୍କେତ | ୩୨ |
| ଉତ୍ସବ ପରିଚିତି | ୩୫ |
| ଆଶ୍ରମ ସନ୍ଦେଶ | ୪୩ |


## ପତ୍ରିକା ବ୍ୟବହାର ବିଧି


୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅନୁଶୀଳନ



## ମଙ୍ଗଳାଚରଣ

ସୁକାନ୍ତି ତନୟଂ ଦେବ
ଯଦୁନାଥ ସୁତାୟତ ।
ଜଗଦ୍ଧିତାୟ ମୋକ୍ଷାୟ
କେଶବାୟ ନମୋନମଃ ।

## ଅଥ ଶ୍ରୀପାଦ ମହିମା



ଶ୍ରୀପାଦ ଚିନ୍ତିଲେ ନରହେ ଭୀତି ।
ଶ୍ରୀପାଦ ଶିଖାଏ ବଞ୍ଚିବା ରୀତି ।।୧।।

ଶ୍ରୀପାଦ ବିତରେ ଶାଶ୍ୱତ ପ୍ରେମ ।
ଶ୍ରୀପାଦ କାଟଇ ସକଳ ଭ୍ରମ ।।୨।।

ଶ୍ରୀପାଦ ଅଟଇ ଭକତି ମୂଳ ।
ଶ୍ରୀପାଦେ ସକଳ ବିଭୂତି ଠୁଳ ।।୩।।

ଶ୍ରୀପାଦ ବତାଏ ଚରମ ପଥ ।
ଶ୍ରୀପାଦ ଗ୍ରହଣ କରେ ଶପଥ ।।୪।।

ଶ୍ରୀପାଦ ଅଟଇ ପରମ ଗୁରୁ ।
ଶ୍ରୀପାଦ ଧାୟି ଏ ଜୀବନ ସରୁ ।।୫।।

ଶ୍ରୀପାଦ ଅଟଇ ସୁନ୍ଦରତମ ।
ଶ୍ରୀପାଦ ଜୀବର ପରମଧାମ ।।୬।।

ଶ୍ରୀପାଦ ବୁଝଇ ମନ ବେଦନା ।
ଶ୍ରୀପାଦ ଦିଅଇ ଦିବ୍ୟ ଚେତନା ।।୭।।

ଶ୍ରୀପାଦୁ ମିଳଇ ଜୀବକୁ ତୃପ୍ତି ।
ଶ୍ରୀପାଦୁ କ୍ଷରଇ ଅଖଣ୍ଡ ଭକ୍ତି ।।୮।।

ଶ୍ରୀପାଦ ଅଟଇ ଭାବ-ସାଗର ।
ଶ୍ରୀପାଦ ଅଟଇ ଗୁରୁ ସାକାର ।।୯।।

ଶ୍ରୀପାଦରେ କେବେ ଛଳ ନକର ।
ଶ୍ରୀପାଦେ ସାଷ୍ଟାଙ୍ଗ ପ୍ରଣାମ କର ।।୧୦।।

ଶ୍ରୀପାଦ କଷୁଛି କରମ ଫଳ ।
ଶ୍ରୀପାଦ କରୁଛି ପ୍ରାଣୀ ମଙ୍ଗଳ ।।୧।।

ଶ୍ରୀପାଦ ଅଟେ ନିତ୍ୟ ସହଚର ।
ଶ୍ରୀପାଦ ପଦ୍ମକୁ ହୃଦରେ ଧର ।।୧୨।।

ଶ୍ରୀପାଦ ଅଟଇ ଧ୍ୟାନର ବିନ୍ଦୁ ।
ଶ୍ରୀପାଦୁ କ୍ଷରଇ ଜ୍ଞାନର ସିନ୍ଧୁ ।।୧୩।।

ଶ୍ରୀପାଦ ମୂରତି ତ୍ରିକୂଟେ ରଖ ।
ଶ୍ରୀପାଦହିଁ ଦେବେ ଜ୍ୟୋତିଃ ଅଲେଖ ।।୧୪।।

ଶ୍ରୀପାଦକୁ ଆଶ୍ରା କରି ରହିବ ।
ଶ୍ରୀପାଦ ଦୟାରୁ ଭବୁ ତରିବ ।।୧୫।।




## ମହାକାଳ ଶରଣରେ ପାଶେ ନ ପଶିବ କାଳ

ବରଜି ମାୟା ଜଞ୍ଜାଳ
ପୂଜ ଶ୍ରୀଗୁରୁପାଦୁକା, ଚିନ୍ତ ଶ୍ରୀପଦ କମଳ ।। (ଘୋଷା) ।।

ପ୍ରତ୍ୟକ୍ଷ ଗୁରୁ ପାଦୁକା     ଭବ ତାରଣ ନଉକା
ଧ୍ୟାନରେ ହୃଦରେ ଧର     ହେବ ସରବ ମଙ୍ଗଳ     ।।୧।।

ଗୁରୁ ତ୍ରିନାଥ ଈଶ୍ୱର     ବ୍ରହ୍ମା ବିଷ୍ଣୁ ମହେଶ୍ୱର ।
ମନ୍ତ୍ର ଗୁରୁବାଣୀ,ମୋକ୍ଷ     ଗୁରୁ କୃପା ହିଁ କେବଳ     ।।୨।।

ଧାରାଧରି ଧରାତଳେ     ଆଚରଣ ନିଷ୍ଠାବଳେ ।
ଲଭିବ ଦିବ୍ୟାନୁଭୂତି     ଲୀଳା ଅମୃତ କଲ୍ଲୋଳ     ।।୩।।

ପାଦେ ସାଷ୍ଟାଙ୍ଗ ପ୍ରଣାମ     କୃତାଞ୍ଜଳି ଅର୍ଘ୍ୟ ଦାନ ।
ବିଧିମତ କରୁଥିଲେ     ସଂଚରେ ଶ୍ରୀଗୁରୁ ବଳ     ।।୪।।

ପାଦୁକା ପାଶେ ବିନତି     ସଂଜେ ସକାଳରେ ନିତି
ଧରି ଅନ୍ତରେ ଭକତି     ଗାର୍ହସ୍ଥ୍ୟ ଧର୍ମରେ ଚଳ     ।।୫।।

କରମ ଯୋଗ ଅଭ୍ୟାସ     କର ତେଜି ହିଂସାଦ୍ୱେଷ ।
ସବୁଠି ଶ୍ରୀଗୁରୁ ମୂର୍ତ୍ତି     ଦେଖ ଛାଡ଼ି କୂଟ ଛଳ     ।।୬।।

ଆତ୍ମ ସମର୍ପଣ କର     ବୀଜମନ୍ତ୍ର ହୃଦେ ଧର ।
ମହାକାଳ ଶରଣରେ     ପାଶେ ନପଶିବ କାଳ     ।।୭।।

# ମୁଖଶାଳା

## ସମ୍ପାଦକୀୟ

ଯାହାର ଧନ ନାହିଁ, ବିଦ୍ୟା ନାହିଁ, ରୂପ ନାହିଁ, ଗୁଣ ନାହିଁ, ଶାସ୍ତ୍ରଜ୍ଞାନ ନାହିଁ, ଆଶ୍ରୟ ନାହିଁ, କିମ୍ବା ସେପରି କିଛି ହେଲେ ନାହିଁ, ଯାହାକୁ ପାପୀ ବିଚାରକରି ସଂସାରୀମାନେ ସମାଜରେ ଉପେକ୍ଷା କରନ୍ତି, ସେହି ବ୍ୟକ୍ତି ମଧ୍ୟ ଯେଉଁ ଶରଣାଗତ ପାଳକ ପ୍ରଭୁଙ୍କର ଶରଣନେଇ ସଦ୍ଧ ହୋଇ ମୁକ୍ତିଲାଭ କରନ୍ତି, ମୁଁ ସେହି ସକଳଗୁଣ ସମ୍ପନ୍ନ ଅମଳାତ୍ମା ନିର୍ଗୁଣପୁରୁଷ ଯଦୁନନ୍ଦନ ଭଗବାନ ଠାକୁରଙ୍କୁ ଭକ୍ତିପୂତ ଚିତ୍ତରେ ପ୍ରଣାମ କରୁଛି ।

ଭଗବାନ କହିଛନ୍ତି : ସକଳ ଧର୍ମର ଆଶ୍ରୟ ଓ ମନ ମଧ୍ୟରୁ ଧର୍ମ ନିର୍ଣ୍ଣୟର ବିଚାରବୁଦ୍ଧିକୁ ସଂପୂର୍ଣ୍ଣ ତ୍ୟାଗ କରି (ଅର୍ଥାତ୍ କ'ଣ କରିବା ଉଚିତ୍ ଏବଂ କ'ଣ କରିବା ଅନୁଚିତ୍) କେବଳ ମୋର ଶରଣାଗତ ହୋଇଯାଅ । ସବୁ ଧର୍ମର ସାରତତ୍ତ୍ୱ ହେଉଛି, ନିଜେ ନିଜକୁ ଭଗବାନଙ୍କ ଚରଣରେ ଅର୍ପଣ କରିଦେବା, ଅର୍ଥାତ୍ ସ୍ୱୟଂ ଠାକୁରଙ୍କର ଶରଣାଗତ ହୋଇଯିବା । ଶରଣାଗତ ହୋଇଯିବା ପରେ, ତା' ପାଇଁ ଆଉ କୌଣସି କର୍ମର ଅବଶେଷ ରହେ ନାହିଁ । ଶରଣାଗତ ଭକ୍ତ ନିଜକୁ ଠାକୁରଙ୍କର ପଦ୍ମପାଦରେ ସମର୍ପଣ କରିଦେଇ ନିଶ୍ଚିନ୍ତ, ନିର୍ଭୟ, ନିଃଶୋକ ଏବଂ ନିଃଶଙ୍କ ହୋଇଯାଏ ।

ଗୀତାନୁସାରେ 'ଧର୍ମ'ର ଅର୍ଥ କର୍ତ୍ତବ୍ୟ କର୍ମ ଅଟେ । ଶରଣାଗତ ଭକ୍ତ ନିଜ ଇଚ୍ଛାନୁସାରେ କୌଣସି କର୍ମ କରେ ନାହିଁ । ସେ ଭଗବାନ ଠାକୁରଙ୍କ ଦ୍ୱାରା ତା' ଉପରେ ନ୍ୟସ୍ତ କର୍ମହିଁ ସୁଚାରୁରୂପେ ସମ୍ପାଦନ କରିଥାଏ । କର୍ମତ୍ୟାଗ ଦ୍ୱାରା ନିଷ୍କର୍ମତା ଓ ସିଦ୍ଧି ପ୍ରାପ୍ତ ହୁଏ ନାହିଁ । କୌଣସି ବ୍ୟକ୍ତି ଯେ କୌଣସି ଅବସ୍ଥାରେ କ୍ଷଣେମାତ୍ର କର୍ମ ନ କରି ରହିପାରେ ନାହିଁ । ଯେ ବାହ୍ୟକର୍ମ ତ୍ୟାଗ କରି, ମନ ମଧ୍ୟରେ ବିଷୟ ଚିନ୍ତା କରେ, ସେ ମିଥ୍ୟାବାଦୀ । ଯେ ମନ ଓ ଇନ୍ଦ୍ରିୟକୁ ବଶବର୍ତ୍ତୀ କରି କର୍ତ୍ତବ୍ୟ କର୍ମକରେ, ସେ ଶ୍ରେଷ୍ଠ । କର୍ମ ନ କରି ଶରୀର ନିର୍ବାହ ସମ୍ଭବ ନୁହେଁ, ତେଣୁ କର୍ମ କରିବା ଉଚିତ । କର୍ତ୍ତବ୍ୟ ପାଳନ ଦ୍ୱାରା ସୃଷ୍ଟିଚକ୍ରର ପରମ୍ପରା ପରିଚାଳିତ ହୁଏ ।

ସାଂଖ୍ୟ ଯୋଗ, କର୍ମଯୋଗ ଆଦି ଯେତେ ସାଧନା ପଦ୍ଧତି ରହିଛି, ସେସବୁ ମଧ୍ୟରେ ଶରଣାଗତିହିଁ ମୁଖ୍ୟ ସାଧନା ଅଟେ । ସଂପୂର୍ଣ୍ଣ ସାଧନାର ସାର ଶିରୋମଣି ସାଧନା ହେଉଛି ଠାକୁରଙ୍କର ଅନନ୍ୟ ଶରଣ ଗ୍ରହଣ କରିବା ବା ନିଜେ ନିଜକୁ ତାଙ୍କ ପଦ୍ମପାଦରେ ସମର୍ପିଦେବା । ଭକ୍ତିଭାବର ବିଶେଷ ମହିମା କ'ଣ ? ଦୁସ୍ତର ମାୟାକୁ ସୁଗମତା ପୂର୍ବକ ଅତିକ୍ରମ କରିବାର ଉପାୟ ହିଁ ଭଗବାନଙ୍କର ଶରଣାଗତି । ଅନନ୍ୟ ଚିତ୍ତ ଭକ୍ତ ପାଇଁ ସେ ସୁଲଭ ଅଟନ୍ତି । ପରମପୁରୁଷ ଠାକୁରଙ୍କର ପ୍ରାପ୍ତି ଅନନ୍ୟ ଭକ୍ତି ଦ୍ୱାରା ହିଁ ହୋଇଥାଏ । ଗୀତାରେ ଭଗବାନ ଶ୍ରୀକୃଷ୍ଣ ନିର୍ଭର ପ୍ରତିଶ୍ରୁତି ଦେଇ କହିଅଛନ୍ତି : ମୁଁ ଅନନ୍ୟ ଭକ୍ତଙ୍କର ଯୋଗକ୍ଷେମ ବହନ କରେ (୯/୨୨: ଗୀତା) । ଅନନ୍ୟ ଭକ୍ତି ବଳରେ ଠାକୁରଙ୍କୁ ଜାଣିହୁଏ, ଦେଖିହୁଏ ଓ ପ୍ରାପ୍ତ କରିହୁଏ । ଅନନ୍ୟ ଭକ୍ତି ହିଁ ଗୁଣାତୀତ ହେବାର ଉପାୟ ଅଟେ । କେବଳ ମନ ବା ବୁଦ୍ଧି ଦ୍ୱାରା ଶରଣାଗତି ସ୍ୱୀକାର କରିବା ଯଥେଷ୍ଟ ନୁହେଁ । ବରଂ ନିଜର ଆତ୍ମାକୁ ଠାକୁରଙ୍କର ପଦ୍ମପାଦରେ ସମର୍ପଣ କରିବା ଆବଶ୍ୟକ । ଭକ୍ତ ସ୍ୱୟଂ ଠାକୁରଙ୍କର ଶରଣାଗତ ହେବା ପରେ, ତାହାର ମନ, ବୁଦ୍ଧି, ଇନ୍ଦ୍ରିୟ, ଶରୀର ଇତ୍ୟାଦି ସମସ୍ତ ଠାକୁରଙ୍କର ଅନ୍ତର୍ଗତ ହୋଇ ଯାଆନ୍ତି । ଭିନ୍ନ ହୋଇ ରହିପାରନ୍ତି ନାହିଁ ।

ଭକ୍ତ ଯେତେବେଳେ ସଂପୂର୍ଣ୍ଣ ଭାବରେ ଠାକୁରଙ୍କ ଶରଣରେ ଆସିଯାଇ ଶରଣାଗତ ହେବା ପରେ ମଧ୍ୟ ତାହାର ଭାବ, ବୃତ୍ତି, ଆଚରଣ ଆଦିରେ ପରିବର୍ତ୍ତନ ହୁଏ ନାହିଁ, ଭଗବଦ୍ ପ୍ରେମ, ଭଗବଦ୍ ଦର୍ଶନ ଆଦି ହୁଏ ନାହିଁ ଏବଂ ସେହି କାରଣରୁ ନିଜକୁ ଅଯୋଗ୍ୟ, ଅନଧିକାରୀ, ଦୁର୍ବଳ ଇତ୍ୟାଦି ମନେ କରେ, ତଥାପି ସେତେବେଳେ ଏ ସବୁ ବିଚାରି ଭକ୍ତ ଚିନ୍ତା କିମ୍ବା ଭୟ, ରାଗ, ଦ୍ୱେଷ କିମ୍ବା ଅଭିମାନ କରିବା ଉଚିତ୍ ନୁହେଁ । କାରଣ ଭକ୍ତ ଠାକୁରଙ୍କର ଅନନ୍ୟ ଶରଣାଗତ ହୋଇଛି । ଶରଣାଗତ ହେବାପରେ ଭକ୍ତଠାରେ ଆଦୌ ନ୍ୟୁନତା ରହିପାରିବ ନାହିଁ । ଏ ଅବସ୍ଥାରେ ଭକ୍ତର ସକଳ ଦାୟିତ୍ୱ ଠାକୁରେ ସ୍ୱୟଂ ହିଁ ବହନ କରିଥାଆନ୍ତି । ଭକ୍ତର ଏକମାତ୍ର କାମ ହେଉଛି ନିଶ୍ଚିନ୍ତ, ନିଃଶୋକ, ନିଃଶଙ୍କ, ନିର୍ଭୟ ହୋଇ ପ୍ରଭୁଙ୍କର ପାଦପଦ୍ମରେ ପଡ଼ି ରହିବା । ଶରଣାଗତ ହୋଇ ନିଜ ମୁଣ୍ଡରେ ନିଜ ଭାର ବୋହିବା ଶରଣାଗତିରେ କଳଙ୍କ ଲେପିବା ସହିତ ସମାନ ।

କିମଧିକମ୍ ? ଶ୍ରୀକେଶବ ସମର୍ପଣମସ୍ତୁ ! ଓମିତି ନମସ୍କାରାନ୍ତେ, ବିନୀତ,

କେଶବ ଦାସ ॥
ସଂପାଦକ, 'ଚରମ' ॥

# 'ଚରମ' ର ଚିନ୍ତନ : ଏ ପାଖୁଡ଼ାରେ

## ଭକ୍ତି ବୈଚିତ୍ର୍ୟ

ସାଧକ ନିଜ ଚେଷ୍ଟାରେ ଯେଉଁ ସାଧନା କରେ, ତାହା ଲୌକିକ ସାଧନା ଅଟେ । ବ୍ୟକ୍ତିର ସାଧନା ପଥର ପ୍ରଥମ ପର୍ଯ୍ୟାୟରେ ଲୌକିକ ସାଧନା ଉପଯୋଗୀ ଅଟେ । କର୍ମଯୋଗ ଓ ଜ୍ଞାନଯୋଗ ଲୌକିକ ସାଧନା ଅଟେ । ଏଥିରେ ବ୍ୟକ୍ତିର ନିଜସ୍ୱ ପ୍ରଚେଷ୍ଟାର ପ୍ରାଧାନ୍ୟ ଥାଏ । ଲୌକିକ ସାଧନା ନିମ୍ନମାନର ନୁହେଁ । ଏହାର ଉପଯୋଗିତା ମଧ ଯଥେଷ୍ଟ । ଲୌକିକ ସାଧନାସ୍ତର ଅତିକ୍ରମ କରିବା ପରେ ସାଧକ ଅଲୌକିକ ସାଧନା ପର୍ଯ୍ୟାୟରେ ପହଞ୍ଚିଥାଏ । ଅଲୌକିକ ସାଧନା ସ୍ୱୟଂ ଚାଳିତ । ଏଥିପାଇଁ ସାଧକକୁ ନିଜ ତରଫରୁ ଚେଷ୍ଟା ବା ଉଦ୍ୟମ କରିବାକୁ ପଡ଼େ ନାହିଁ । ଏହି ଅଲୌକିକ ସାଧନାସ୍ତରରେ ବ୍ୟକ୍ତିର ବା ବ୍ୟକ୍ତିଗତ ପ୍ରଚେଷ୍ଟାର ଆଦୌ ପ୍ରାଧାନ୍ୟ ନଥାଏ । ଭକ୍ତିଯୋଗ ଅଲୌକିକ ସାଧନା ଅଟେ । ଭଗବଦ୍ ସମ୍ବନ୍ଧରୁ ସକଳ ଅଲୌକିକ ଅଟେ । ଭଗବଦ୍ ସମ୍ବନ୍ଧ ନଥିଲେ, ସମସ୍ତ ଲୌକିକ ଅଟେ ।

ଲୌକିକ ସାଧନା-କର୍ମଯୋଗ, ଜ୍ଞାନଯୋଗରେ ଜଗତ ଓ ଜୀବର ପ୍ରାଧାନ୍ୟ ରହିଥାଏ । କିନ୍ତୁ ଅଲୌକିକ ସାଧନା ଭକ୍ତିଯୋଗରେ ଜଗତ ବା ଜୀବର ପ୍ରାଧାନ୍ୟ ରହିନଥାଏ । ଏଥିରେ ଭଗବାନ ଠାକୁରଙ୍କର ହିଁ ପ୍ରାଧାନ୍ୟ ଥାଏ । ଲୌକିକ ଓ ଅଲୌକିକ ଉଭୟ ସ୍ତରର ସାଧନାରେ ବିବେକ ବିଚାର, ଶ୍ରଦ୍ଧା-ବିଶ୍ୱାସ, ଆଚାର-ନିଷ୍ଠା ଇତ୍ୟାଦି ଆବଶ୍ୟକ ଅଟେ । କିନ୍ତୁ ଲୌକିକ ସାଧନାରେ ବିବେକ-ବୁଦ୍ଧି ଓ ବିଚାରବୁଦ୍ଧିର ଆବଶ୍ୟକତା ଅଧିକ, ମାତ୍ର ଅଲୌକିକ ସାଧନାରେ ବିବେକ-ବିଚାର-ବୁଦ୍ଧିର ଆବଶ୍ୟକତା ସେତେ ମାତ୍ରାରେ ଆବଶ୍ୟକ ନପଡ଼ି ଶ୍ରଦ୍ଧା, ପ୍ରେମ, ବିଶ୍ୱାସ, ନିଷ୍ଠା ଓ ଆଚରଣର ଯଥେଷ୍ଟ ଆବଶ୍ୟକତା ପଡ଼ିଥାଏ । ଆମେ ଯେଉଁ ବିଷୟରେ କିଛି ଜାଣିଛୁ ଓ ଆହୁରି କିଛି ଜାଣିବା ବାକି ରହିଯାଇଛି, ସେ କ୍ଷେତ୍ରରେ ବିଚାରବୁଦ୍ଧିର ଲୋଡ଼ା ପଡ଼ିଥାଏ । କିନ୍ତୁ ଯେଉଁ ବିଷୟରେ ଆମେ ଆଦୌ କିଛି ଜାଣିନାହୁଁ, ସେଠାରେ ବିଶ୍ୱାସ ହିଁ ଏକମାତ୍ର ପାଥେୟ । ଏହି କାରଣରୁ କର୍ମଯୋଗ ଓ ଜ୍ଞାନଯୋଗ ପାଇଁ ବିଚାର ଓ ଭକ୍ତିଯୋଗ ପାଇଁ ବିଶ୍ୱାସ ଲୋଡ଼ା ହୁଏ ।

ଭକ୍ତି ଭଗବାନ ଠାକୁରଙ୍କ ସହିତ ସଂପୃକ୍ତ । ଠାକୁରଙ୍କର ବର୍ଣ୍ଣନା କରିବା, ଚିନ୍ତନ କରିବା, ଧ୍ୟାନ କରିବା ତାଙ୍କ କୃପାବିନା ଆମ ପକ୍ଷରେ ସମ୍ଭବ ନୁହେଁ । କିନ୍ତୁ ତାଙ୍କୁ ଆମେ ପ୍ରାପ୍ତ କରି ପାରିବା, ଯେହେତୁ ଆମେ ତାଙ୍କର ଅଂଶ ଅଟୁ । ଠାକୁରଙ୍କର ସଂପୂର୍ଣ୍ଣ ଲୀଳା ପ୍ରସଙ୍ଗ ବର୍ଣ୍ଣନା କରିବା ମଧ ଆମ  ପକ୍ଷରେ ସମ୍ଭବ ନୁହେଁ । କାରଣ, ଲୀଳା ପ୍ରସଙ୍ଗ ବ୍ୟାଖ୍ୟା କରିବା ପରି ଶବ୍ଦ, ବିଶେଷଣ, ଯୁକ୍ତି ବା ଉପମା ଆଦି ସାରା ସଂସାରର କୌଣସି ଭାଷାରେ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇ ନାହିଁ । ଠାକୁରଙ୍କର ଗତିବିଧି, ଚାଲିଚଳନ ଇତ୍ୟାଦି ଅତ୍ୟନ୍ତ ଅଲୌକିକ । ଶ୍ରୀଗୁରୁସ୍ୱାମୀଙ୍କୁ ଜାଣିବା ବା ଚିହ୍ନିବା ପାଇଁ ଲୋଡ଼ା ଆମ ନିଜର ଅଟଳ ବିଶ୍ୱାସ ଓ ତାଙ୍କର କୃପା, କରୁଣା ଓ କଲ୍ୟାଣ । ତେଣୁ ଠାକୁରଙ୍କର ସମ୍ପର୍କରେ ଆମେ ଯଦି ଆମ ନିଜସ୍ୱ ଅହଂଜ୍ଞାନ, ବିବେକ-ବିଚାର ଓ ତର୍କ ଲଗାଇବା, ତେବେ ତାହା ଆମର ବହୁତ କ୍ଷତି କରିବ ହିଁ କରିବ । ଶିଖାଣିଆ ଭାବରୁ ଆହରଣ କରାଯାଇଥିବା ଜ୍ଞାନ ଆମ ମଧରେ ଅଭିମାନ ଉଦ୍ରେକ କରେ ଓ ଠାକୁରଙ୍କ ପ୍ରତି ବିମୁଖ କରାଏ । ଏହା ଆମର ଅଧଃପତନର କାରଣ ହୋଇ ଛିଡ଼ାହୁଏ ।

ବିଶ୍ୱାସ ସବୁବେଳେ ହିଁ ଅନ୍ଧ । କାରଣ ବିଶ୍ୱାସର ଚକ୍ଷୁ ନାହିଁ । ନଥାଏ । ଯେଉଁଠି ଚକ୍ଷୁ ବିଦ୍ୟମାନ, ସେଠାରେ ବିଶ୍ୱାସ ହିଁ ନଥାଏ । ଅନ୍ଧଭାବରେ ବିଶ୍ୱାସ କରିବାକୁ ହୁଏ । ମାତ୍ର ଠାକୁର ଭଗବାନଙ୍କୁ ଯେଉଁ ବିଶ୍ୱାସ କରାଯାଏ, ତାହା ଅନ୍ଧ ବିଶ୍ୱାସ ନୁହେଁ । ଯାହା ସତ୍ୟ, ତା'କୁ ମିଥ୍ୟା ବୋଲି ବିଶ୍ୱାସ କରିବା ହିଁ ଅନ୍ଧ ବିଶ୍ୱାସ । ସେହିପରି ଯାହା ମିଥ୍ୟା, ତା'କୁ ସତ୍ୟବୋଲି ବିଶ୍ୱାସ କରିବା ମଧ ଅନ୍ଧବିଶ୍ୱାସ । ମାତ୍ର ଯାହା ସତ୍ୟ, ତା'କୁ ସତ୍ୟ ବୋଲି ବିଶ୍ୱାସ କରିବା ଅନ୍ଧବିଶ୍ୱାସ ନୁହେଁ, ତାହାହିଁ ଭକ୍ତିଭାବ, ଭକ୍ତିଯୋଗ । ଅଟଳ ବିଶ୍ୱାସ ବଳରୁ ମନୁଷ୍ୟ ଭଗବଦ୍ ପ୍ରାପ୍ତି ଇଚ୍ଛା କଲେ, ସେ ମନୁଷ୍ୟ ବଡ଼ ମଣିଷ ହୋଇଯାଏ । କାରଣ ଠାକୁରେ ବଡ଼ ଠାକୁର । ତାଙ୍କଠାରେ ବିଶ୍ୱାସ ରଖି ତାଙ୍କୁ ପାଇବା ପାଇଁ ମନ ବଳାଇ ଚଳିଲେ, ସେ ମନୁଷ୍ୟକୁ ବଡ଼ କରି ତୋଳନ୍ତି । ଠାକୁରଙ୍କ ବ୍ୟତୀତ

ଅନ୍ୟ ଯାହାସବୁ ରହିଛି, ଯଥା-ଧନ, ଜନ, ଗୋପ, ଲକ୍ଷ୍ମୀ, ଯୌବନ, ପଦପଦବୀ, ଗୁରୁପଦ, ମନ୍ତ୍ରୀପଦ, ଜାତିଗତ ବଡ଼ପଣ, ସାଧୁପଣ, ବଳ, ବିଦ୍ୟା, ମାନ, ସମ୍ମାନ, ଆଦର ସତ୍କାର ଇତ୍ୟାଦିର ଅଧୀନତା ସ୍ୱୀକାର କରିବାକୁ ପରାଧୀନତା କୁହାଯାଏ । କିନ୍ତୁ ଠାକୁରଙ୍କର ଅଧୀନତା ସ୍ୱୀକାର କରିବା ଦ୍ୱାରା ଆମେ ପରାଧୀନ ହୋଇଯାଉନାହୁଁ । ଯାହାକୁ ଆମେ ଆମନିଜର ବୋଲି ମନେ କରୁଁ, ତାଙ୍କର ଅଧୀନସ୍ଥ ହେବା କ'ଣ ପରାଧୀନତା ହୋଇପାରେ ? ବାପାମାଆଙ୍କର ଅଧୀନସ୍ଥ ହେବା କ'ଣ ପରାଧୀନତା ? ସେହିପରି ଠାକୁରେ ହେଉଛନ୍ତି ଭଗବାନ । ତାଙ୍କର ଅଧୀନତା ସ୍ୱୀକାର କରିବା ଆଦୌ ପରାଧୀନତା ହୋଇନପାରେ, ବରଂ ଅନ୍ୟପକ୍ଷରେ ତାହା ସ୍ୱାଧୀନତା (ସ୍ୱ+ଅଧୀନତା)ର ମୂଳ ଉତ୍ସ । ଏହାହିଁ ସ୍ୱାଧୀନତାର ଚରମ ପର୍ଯ୍ୟାୟ । ପର (ଶରୀର/ସଂସାର) ସହିତ ସମ୍ବନ୍ଧ ରକ୍ଷା କରିବାକୁ ପରାଧୀନତା କୁହାଯାଏ । ସେହିପରି ପର ସହିତ ସମ୍ବନ୍ଧ ବିଚ୍ଛେଦକୁ କୁହାଯାଏ ମୁକ୍ତି, ମୋକ୍ଷ, ନିର୍ବାଣ ଓ ଚରମ ପ୍ରାପ୍ତି ।

ଶରୀର ଓ ସଂସାର ଜୀବକୁ ପରାଧୀନ କରେ, ବନ୍ଧନରେ ବାନ୍ଧି ରଖେ । ଏହା ମୁକ୍ତି ମୋକ୍ଷାଦିର କଣ୍ଟକ ସଦୃଶ । ମାତ୍ର ପରଂବ୍ରହ୍ମ ଠାକୁରେ କେବେ କାହାକୁ ନିଜର ଅଧୀନ କରନ୍ତି ନାହିଁ । ଜୀବ କିନ୍ତୁ ସ୍ୱତଃ ତାଙ୍କର ଅଧୀନରେ ରହି ଚଳିବା ଆବଶ୍ୟକ । ଚିନ୍ତା କରି ଦେଖତ, ଠାକୁରେ ତୁମ ମଥାରେ ହାତ ଦେଲେ ବୋଲି, ତୁମେ କ'ଣ ତାଙ୍କ ମଥାରେ ହାତ ଥୋଇ ଦେବ ? ସେ ତୁମକୁ ଅଧୀନସ୍ଥ ନକଲେ ବୋଲି ତୁମେ କ'ଣ ତାଙ୍କ ଅଧୀନରେ ରହିବ ନାହିଁ ? ଠାକୁରେ ଆମ ମଥାରେ ହାତ ରଖି ଆମକୁ କଲ୍ୟାଣ କରନ୍ତି, ଆମେ ତାଙ୍କ ପାଦ ଧରି ତାଙ୍କର କୃପା ଭିକ୍ଷା କରିବା ଉଚିତ ନୁହେଁ କି ?

ଭକ୍ତ ଏବଂ ଭଗବାନଙ୍କର ସମ୍ପର୍କ ଅଲୌକିକ, ଅତୀବ ବିଚିତ୍ର ଓ ଅବ୍ୟକ୍ତ । ତାହା ପ୍ରକାଶ କରିବା ପାଇଁ ଭାଷା ନାହିଁ । ଭକ୍ତର ଅନାବିଳ ନିଷ୍କପଟ ଭକ୍ତିଭାବରେ ବିଗଳିତ କରୁଣା ଠାକୁରେ ନିଜକୁ ସଂପୂର୍ଣ୍ଣ ରୂପେ ଭକ୍ତକୁ ଦେଇ ଦିଅନ୍ତି । ଭାବବିନୋଦିଆ ଠାକୁରେ ଭକ୍ତର ଅଧୀନ ହୋଇଯାଆନ୍ତି । ଠାକୁରେ ନିଜକୁ ଦେଇଦେବା ସହିତ ଭକ୍ତର ଦାସ ହୋଇଯାଆନ୍ତି । 'ମୈଁ ତୋ ହୁଁ ଭଗତନ କୋ ଦାସ, ଭଗତ ମେରେ ମୁକୁଟମଣି ।' ଶ୍ରୀମଦ୍‌ଭାଗବତ (୯/୪/୬୩)ରେ କୁହାଯାଇଛି :

'ଅହଂ ଭକ୍ତ ପରାଧୀନୋ ହ୍ୟସ୍ୱତନ୍ତ୍ର ଇବ ଦ୍ୱିଜ ।' ଅର୍ଥାତ୍ : ହେ ଦ୍ୱିଜ, ମୁଁ ଭକ୍ତର ସଂପୂର୍ଣ୍ଣ ଅଧୀନ, ସ୍ୱତନ୍ତ୍ର ନୁହେଁ । ମନେରଖ, ମାଆ ଯେପରି ପ୍ରେମବଶତଃ ସଂପୂର୍ଣ୍ଣ ଭାବରେ ପୁଅର ବଶୀଭୂତ ହୋଇଯାଏ, ଠାକୁରେ ମଧ ସେହିପରି ଭାବରେ ପ୍ରେମବଶତଃ ଭକ୍ତର ବଶୀଭୂତ ହୋଇଯାଆନ୍ତି । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ପ୍ରେମଭକ୍ତିର ସ୍ୱରୂପ ମଧ୍ୟ ସ୍ୱତନ୍ତ୍ର । ଭକ୍ତ, ମୁକ୍ତିମୋକ୍ଷ, ନିର୍ବାଣ ବା ଚରମ ପ୍ରାପ୍ତି, ଇନ୍ଦ୍ରପଦ, ସମଗ୍ର ବିଶ୍ୱର ଅଧୀଶ୍ୱର ହେବା ଇତ୍ୟାଦି କିଛି ବି ଲୋଡ଼େ ନାହିଁ । ସେ କେବଳ ଲୋଡ଼େ ପ୍ରଭୁଙ୍କୁ । ପ୍ରଭୁଙ୍କର ପଦ୍ମପାଦକୁ । ଶୟନେ, ସ୍ୱପନେ, ଜାଗରଣେ ସେ ପ୍ରଭୁକୁ ହିଁ ଝୁରି ହୁଏ । ସେହିପରି ଠାକୁରେ ମଧ ଭକ୍ତର ରୂପ, ଯୌବନ, ବିଦ୍ୟା, ବୁଦ୍ଧି, ଆଚାର, ଆଚରଣ, ଦାନ, ତ୍ୟାଗ ଏସବୁ କିଛି ବି ଦେଖନ୍ତି ନାହିଁ କି ମାପନ୍ତି ନାହିଁ । ସେ କେବଳ ଭକ୍ତର ଆତ୍ମୀୟତା, ପ୍ରେମ, ଭକ୍ତି, ଭାବକୁହିଁ ଦେଖନ୍ତି । ସଂସାରରେ ମାଆ ଯେପରି ପୁଅର ରୂପ, ଯୌବନ, ଧନଧାନ୍ୟ, ବିଦ୍ୟାବୁଦ୍ଧି, ଯୋଗ୍ୟତା, ବଳ ଆଦିକୁ ନଦେଖି ଆତ୍ମୀୟତାକୁ ଦେଖି ପୁଅକୁ କୋଳେଇ ନେଇ ଅନାବିଳ ପ୍ରେମକରେ, ଠାକୁରେ ସେହିପରି ଭକ୍ତର ଭାବ ଦେଖି ପ୍ରେମ କରନ୍ତି । ଭକ୍ତ ନିଜ ସ୍ଥିତିରେ ଅସନ୍ତୁଷ୍ଟ, ବିରକ୍ତ ହୋଇ ପରାଧୀନତାରେ ବ୍ୟାକୁଳ ହୋଇ ତାଙ୍କୁ ବିକଳ ଭାବରେ ଡାକିଲେ, ଠାକୁରେ ଭକ୍ତକୁ କୋଳେଇ ନେଇ ପ୍ରେମ ପ୍ରଦାନ କରନ୍ତି ।

ଶରୀର ଓ ସଂସାରକୁ ଅସ୍ୱୀକାର କରି ଜଣେ ଲୌକିକ ସାଧନାରେ ସିଦ୍ଧ ହୋଇପାରେ । ଭଗବାନ ଠାକୁରଙ୍କ ସହିତ ପ୍ରଗାଢ଼ ଓ ନିବିଡ଼ ଆତ୍ମୀୟତା ବଳରେ ଜଣେ ଅଲୌକିକ ସାଧନାରେ ସିଦ୍ଧିଲାଭ କରିପାରେ। ଭକ୍ତ ମୁକ୍ତି ଚାହେଁ ନାହିଁ ଓ ମୁକ୍ତି ପାଇଲେ ମଧ ସନ୍ତୁଷ୍ଟ ହୁଏ ନାହିଁ ବୋଲି ଠାକୁରେ ଭକ୍ତକୁ କୃପା କରି ତା'ର ମୁକ୍ତିର ଅଖଣ୍ଡ ରସକୁ ନଗଣ୍ୟ କରି ପ୍ରେମର ଅନନ୍ତ ରସ ପ୍ରଦାନ କରିଥାଆନ୍ତି । ତେଣୁ ଭକ୍ତ ଏକ ସମୟରେ ଏକାସଙ୍ଗରେ ଭକ୍ତି ଓ ମୁକ୍ତି ଲାଭ କରି ଧନ୍ୟ ହୁଏ । ଧନ୍ୟ କରେ ସଚରାଚର ବିଶ୍ୱକୁ ।

ଶ୍ରୀମନ୍ଦିର

**ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !**

ଅଚ୍ୟୁତଙ୍କ ଲେଖନୀରୁ :

## ଆରେ ମନ ମୋର

ଆରେ ମନ ମୋର,
କହୁଅଛି ମୁଁ ସ୍ୱରୂପ ତୋ ଆଗର ।।୦।।

ଧୂନି ଚଉକତି ଜ୍ୟୋତିଘର
ଧବଳ ଚିତାକୁ ଲୟେ କର
ଭଜୁଅଛି ଜୀବ ପରମ ପଦକୁ
ଧ୍ୟାନ କରିଣଯେ ନିରନ୍ତର ।।୧।।

ଦେଉଳ ଦୁଆରେ ଦିଅଁଘର
ପୂଜିବାକୁ ହୁଏ ତତପର
ଲୟରେ ମଜ୍ଜିଲେ ସେ ପଦ ଭଜିଲେ
ଦ୍ରଶନ ପାଇବୁ ନିରାକାର ।।୨।।

ତ୍ରିକୂଟ ତ୍ରିବେଣୀ ତିନିତଟ
କଳପ ବଟକୁ ତା' ନିକଟ
ସେ ବଟ ମୂଳରେ ଶଙ୍କର ଥାଇଣ
ଯୋଗ ସାଧୁଛନ୍ତି ଯୁଗାନ୍ତର ।।୩।।

ସଦଗୁରୁ ସେବି ଲୟେ କର
ଭେଟ ପାଇବୁ ତୁ ନିରାକାର
ଭେଟି ନ ପାରିଲେ ପାମର ଅଚ୍ୟୁତ
ଭଗାରି କରିବ ନାରଖାର ।।୪।।

*(ବ୍ୟାଖ୍ୟା ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶିତ ହେବ)*



# ପୁରାଣ ପୃଷ୍ଠାରୁ

## ଚାଳୁଣି

*ପୁରାଣ ବର୍ଣ୍ଣିତ ପୌରାଣିକ ଉପାଖ୍ୟାନ ସମୂହଭାବ, ଅର୍ଥ, ତତ୍ତ୍ୱ ଓ ଦର୍ଶନରେ ପରିପୂର୍ଣ୍ଣ । ପ୍ରତ୍ୟେକ ପୁରାଣର ଗାଥା ସରଳ, ସହଜ, ପ୍ରାଞ୍ଜଳ ଓ ବୋଧଗମ୍ୟ ଭାଷାରେ ରଚିତ । ପୁରାଣକାରମାନେ ସମାଜର ପ୍ରତ୍ୟେକ ଶ୍ରେଣୀର ଲୋକଙ୍କୁ ସ୍ପର୍ଶ କରିବା ଭଳି ଶୈଳୀ,ଭାଷା ଓ ଭାବରେ ଗାଥାଗୁଡ଼ିକୁ ମନଛୁଆଁ କରି ରଚନା କରିବାରେ ସିଦ୍ଧହସ୍ତ ଥିଲେ । ଉଦ୍ଦେଶ୍ୟ ତାଙ୍କର ଥିଲା-ସମାଜରେ ଶୃଙ୍ଖଳା ଜନିତ ଶାନ୍ତି ପ୍ରତିଷ୍ଠା କରିବା । ଏହି ଉଦ୍ଦେଶ୍ୟ ମଧ୍ୟ ବହୁଳ ଭାବରେ ତାଙ୍କର ସଫଳ ହୋଇଥିଲା । ନୀତି, ନିଷ୍ଠା ଓ ସାଧନା ପଥରେ ପୌରାଣିକ ଆଖ୍ୟାୟିକା ଗୁଡ଼ିକର ଜ୍ଞାନ, ବିଜ୍ଞାନ, ତତ୍ତ୍ୱ, ଦର୍ଶନ ଓ ଅର୍ଥ ସମାଜକୁ ପରିଚାଳନା କରି ଆସୁଥିଲା । ସେହି ଅତୀତର ସ୍ୱର୍ଣ୍ଣାଭ ପରମ୍ପରାର ଉଦ୍ଧାର ପାଇଁ 'ଚରମ' ପୃଷ୍ଠାରେ ନିୟମିତ ଭାବରେ ଏହି ସ୍ତମ୍ଭରେ ସୁନିର୍ବାଚିତ ମନୋରମ ଉପାଖ୍ୟାନ ମାନ ପରିବେଷିତ ହୋଇ ଆସୁଅଛି । ଏ ସଂଖ୍ୟାରେ ଆମର ଅର୍ଘ୍ୟ :*

## ଦେବମାଳି ଉପାଖ୍ୟାନ

କୋଟି କୋଟି ବର୍ଷ ପୂର୍ବର କଥା । ବର୍ତ୍ତମାନର ବୈବସ୍ୱତ ମନୁଙ୍କ ଭଳି ସେତେବେଳେ ମହାରାଜାଧିରାଜ ଥିଲେ ରୈବତ । ଏହି ଉପାଖ୍ୟାନ ସେହି ସମୟର ।

ଦେବମାଳି ନାମରେ ସେ ସମୟରେ ଜଣେ ବ୍ରାହ୍ମଣ ଥିଲେ । ସର୍ବଶାସ୍ତ୍ରରେ ସେ ଥିଲେ ସୁପଣ୍ଡିତ । ଯଥେଷ୍ଟ ଜ୍ଞାନୀ, ଗୁଣୀ । ବ୍ରାହ୍ମଣ ଓ ସୁପଣ୍ଡିତ ହୋଇ ମଧ୍ୟ ସେ କାହାକୁ ଘୃଣା କରୁ ନଥିଲେ, ଅବହେଳା କରୁନଥିଲେ । ସମସ୍ତଙ୍କୁ ପ୍ରାଣ ଦେଇ ଭଲ ପାଉଥିଲେ, ଆଦର କରୁଥିଲେ । ଯେ କେହି କୌଣସି ଦୁଃଖ କଷ୍ଟରେ ପଡ଼ିଲେ, ତା' ପାଖରେ ଯାଇ ଠିଆ ହେଉଥିଲେ । ପ୍ରାଣ ପଣେ ସାହାଯ୍ୟ ସହଯୋଗ କରୁଥିଲେ । ସେଥିପାଇଁ ସେ ସମସ୍ତଙ୍କର ପରିଚିତ ଥିଲେ । ସମସ୍ତେ ମଧ୍ୟ ତାଙ୍କୁ ଭଲ ପାଉଥିଲେ ।

ଏତେବଡ଼ ଶାସ୍ତ୍ରଜ୍ଞ ସୁପଣ୍ଡିତ ହେଲେ ମଧ୍ୟ ତାଙ୍କର କିନ୍ତୁ ଧନ ଦୌଲତରେ ଲୋଭଥିଲା ପ୍ରଚୁର । କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର-ଯିଏ ଯାହା ଦାନ କରୁଥିଲେ, ସେ ତାହା ନିର୍ବିବାଦରେ ଗ୍ରହଣ କରି ନେଉଥିଲେ । ଏପରିକି, ଯେଉଁମାନଙ୍କ ପାଖରୁ ଦାନ ଗ୍ରହଣ କରିବା ଶାସ୍ତ୍ରମତେ ବ୍ରାହ୍ମଣମାନଙ୍କ ପକ୍ଷରେ ଆଦୌ ଉଚିତ ନୁହେଁ, ସେହି ଚଣ୍ଡାଳମାନଙ୍କ ପାଖରୁ ମଧ୍ୟ ସେ ଦାନ ଗ୍ରହଣ କରୁଥିଲେ । ତଥାପି ତାଙ୍କର ଧନ ସମ୍ପତ୍ତିର ଆକାଂକ୍ଷା ମେଣ୍ଟୁନଥିଲା । ଧନପ୍ରାପ୍ତି ଆଶାରେ ବ୍ରାହ୍ମଣଙ୍କର ଯେଉଁ କାର୍ଯ୍ୟ କରିବା ଏକବାର ଅନୁଚିତ ସେହି ମାଦକରସ ବିକ୍ରୟ କାର୍ଯ୍ୟ ମଧ୍ୟ ସେ ଗୋପନରେ କରୁଥିଲେ ।

କାଳକ୍ରମେ ତାଙ୍କର ଦୁଇପୁଅ ଜାତ ହେଲେ । ବଡ଼ ପୁଅର ନାମ ଯଜ୍ଞମାଳି ଓ ସାନ ପୁଅର ନାମ ସୁମାଳି । ଧିରେ ଦୁଇ ପୁଅ ବଡ଼ ହେଲେ । ବ୍ରାହ୍ମଣର ପୁଅ, ତେଣୁ ଯଥା ସମୟରେ ସେମାନଙ୍କର ବ୍ରତ ହେଲା । ଦେବମାଳି ସେମାନଙ୍କୁ କିଛି କିଛି ଶାସ୍ତ୍ର ମଧ୍ୟ ପଢ଼ାଇଲେ । ତା'ପରେ ସେମାନଙ୍କ ମାଧ୍ୟମରେ ମଧ୍ୟ ଦାନ ଗ୍ରହଣ କରାଇ ନିଜେ ସେସବୁ ଜମା କରିବାକୁ ଲାଗିଲେ । କିନ୍ତୁ ସେ କେତେ ଦୌଲତ ଜମାକଲେ, ତାହା ନିଜେ କେବେ ଦେଖୁନଥିଲେ । କେବଳ ଧନ ସମ୍ପତ୍ତି ପଛରେ ଗୋଡ଼ାଉଥିଲେ ଓ ସମ୍ପତ୍ତି ସଞ୍ଚୟ କରି ରଖୁଥିଲେ । ଯଥା କାଳରେ ଦୁଇ ଯୁବକ ପୁଅଙ୍କ ପାଇଁ ଭଲ କନ୍ୟା ଖୋଜି ସେମାନଙ୍କୁ ବିବାହ ମଧ୍ୟ କରାଇ ଦେଲେ । ଏଇଭଳି ଭାବରେ ତାଙ୍କର କାଳ କଟିବାକୁ ଲାଗିଲା ।

ହଠାତ୍ ଦିନେ ତାଙ୍କର ମନେ ହେଲା-ବୟସ ହୋଇଛି । ପ୍ରକୃତରେ ସେ ବୃଦ୍ଧ ହୋଇ ଯାଇଥିଲେ । ବାଳ ପାଚି ଯାଇଥିଲା । ଚମଡ଼ା ଧୋକଡ଼ା ହୋଇ ଆସିଥିଲା । ତଥାପି ଧନ ଦୌଲତ ଉପରୁ ତାଙ୍କର ମୋହ କଟୁନଥିଲା । ଦିନେ ସେ ତାଙ୍କର ସଞ୍ଚିତ ଦୌଲତର ହିସାବ କରି ବସିଲେ । ହିସାବ କରି ଦେଖିଲେ - ଜଣେ ସାଧାରଣ ମଣିଷ ତା'ର ଜୀବନ କାଳ ମଧ୍ୟରେ ଯେତେ ରୋଜଗାର କରିପାରିବା କଥା, ତା'ଠାରୁ ଯଥେଷ୍ଟ ଅଧିକ ରୋଜଗାର ସେ କରିପାରିଛନ୍ତି, ସବୁ ସଞ୍ଚିତ ଅଛି, କିଛି ହିଁ ବ୍ୟୟ ହୋଇନାହିଁ । ତେଣୁ ସେ ଧନ ପଛରେ ନଗୋଡ଼ାଇବା ପାଇଁ ଶପଥ କଲେ । କାହାରି ପାଖରୁ ଦାନ ଗ୍ରହଣ କଲେ ନାହିଁ । ମାଦକରସ ବିକ୍ରୟ ବନ୍ଦ କରିଦେଲେ । ମନକୁ ସଂଯତ କରି ଲୋଭଠାରୁ ଦୂରେଇ ରଖିଲେ । ଦିନେ ଦିପୁଅଙ୍କୁ ପାଖକୁ ଡାକି ସଞ୍ଚିତ ଧନକୁ ସମାନ ଚାରିଭାଗ କଲେ । ଦିପୁଅଙ୍କୁ ଦି ଭାଗ ଦେଇଦେଲେ । ଭାଗେ ନିଜ ପାଇଁ ରଖି ଅନ୍ୟ ଭାଗର ଅର୍ଥରେ ଜଳାଶୟ ଖୋଳାଇଲେ, ଦେବ ମନ୍ଦିର ନିର୍ମାଣ କରାଇଲେ । ଅର୍ଥ ଶେଷ ହେବାରୁ ନିଜ ପାଇଁ ରଖିଥିବା ଅଂଶଧନରେ କୂଅ ଖୋଳାଇଲେ, ଅନ୍ୟ ଭାଗର ଅର୍ଥରେ ଅସଂପୂର୍ଣ୍ଣ ଦେବ ମନ୍ଦିରମାନ ସଂପୂର୍ଣ୍ଣ କରାଇଲେ ଓ ଏହିପରି ସମାଜ ହିତକର କାର୍ଯ୍ୟରେ ସମସ୍ତ ଅର୍ଥ ବ୍ୟୟ କରିଦେଲେ । ଶେଷରେ ପୁଅମାନଙ୍କ ହାତରେ ସଂସାର ଭାର ଦେଇ ସନ୍ନ୍ୟାସୀ ହୋଇ ବଣକୁ ଚାଲିଗଲେ ।

ସେ ସମୟରେ ବଣ ହିଁ ଥିଲା ଶାନ୍ତିର ସ୍ଥାନ । ମୁନିଋଷିମାନେ ବଣରେ ତପୋବନ କରି ରହୁଥିଲେ । ଧର୍ମଶାସ୍ତ୍ର ଆଲୋଚନା ହେଉଥିଲା । ଆଧ୍ୟାତ୍ମିକ ଚର୍ଚ୍ଚା ହେଉଥିଲା । ତହିଁରୁ ପ୍ରଚୁର ଶାନ୍ତି ମିଳୁଥିଲା । ଦେବମାଳି ବଣ ମଧ୍ୟରେ ବୁଲୁବୁଲୁ ଜଣେ ସୌମ୍ୟଶାନ୍ତ ମୂର୍ତ୍ତି ତପସ୍ୱୀଙ୍କୁ ଭେଟିଲେ । ତାଙ୍କର ନାମ ଜାନନ୍ତି । ସେ ଜାନନ୍ତିଙ୍କ ତପୋବନରେ ରହି ଧ୍ୟାନଯୋଗ ସାଧନାରେ ବସିଲେ । ତହିଁରୁ ସେ ପାଇଲେ ଅମୃତମୟ ଆନନ୍ଦ । ଶେଷ ପର୍ଯ୍ୟନ୍ତ ସେ ତପୋବନରେ ରହିଗଲେ । ଆଉ ଘର ସଂସାରକୁ ଫେରିଲେ ନାହିଁ ।

ବଡ଼ପୁଅ ଯଜ୍ଞମାଳି ପ୍ରଥମରୁ ହିଁ ଧର୍ମଭୀରୁ । ପିତାଙ୍କ ପରି ସେ ଯାହା ତାହା ପାଖରୁ ଦାନ ଗ୍ରହଣ କରୁନଥିଲେ । ଶାସ୍ତ୍ରାନୁମୋଦିତ ସଦ୍‌ଭାବରେ ସେ ଜୀବନ ଯାପନ କରୁଥିଲେ । ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା, ଭଲପାଇବା, ଆଦର କରିବା, ସାହାଯ୍ୟ ସହଯୋଗ କରିବା, ପିତୃଦତ୍ତ ଧନକୁ ସତ୍ କାର୍ଯ୍ୟରେ ବିନିଯୋଗ କରିବା, ସନ୍ତୁଷ୍ଟ ରହିବା ଥିଲା ତାଙ୍କର ପ୍ରକୃତିଗତ ଚରିତ୍ର । ତାଙ୍କର ଧନଲୋଭ ନଥିଲା କି ସଞ୍ଚୟ କରିବାର ପ୍ରବୃତ୍ତି ମଧ୍ୟ ନଥିଲା ।

ସାନଭାଇ ସୁମାଳି ଏ ସବୁର ଠିକ୍ ବିପରୀତ । ସେ ଅଳ୍ପ ବୟସରୁ ଖରାପ ବାଟରେ ଚାଲିବା ଆରମ୍ଭ କରିଦେଇଥିଲା । ବାପାଙ୍କ ପାଖରୁ ଅଂଶଧନ ପାଇବା ପରେ ତା'ର ମନ୍ଦ ପ୍ରକୃତି ଆହୁରି ବେଶି ବଢ଼ିଗଲା । ନିଶା ଖାଇବା, ମଦ୍ୟପାନ କରିବା, ଚୋରି କରିବା ଠାରୁ ଆରମ୍ଭ କରି ଦୁନିଆଁର ସବୁ ଅପକର୍ମ ସେ ନିଶ୍ଚିନ୍ତରେ କରିଯାଉଥିଲା । ସ୍ତ୍ରୀ କଥା ମଧ୍ୟ ସେ ଶୁଣୁନଥିଲା । ଲୋକେ ତା'କୁ ଭଲ ପାଉନଥିଲେ, ତା'ର ନିନ୍ଦା ଗାନ କରୁଥିଲେ । ଏ ସବୁ ଶୁଣି

ଶୁଣି ଯଜ୍ଞମାଳିକୁ ଭଲ ଲାଗିଲା ନାହିଁ । ଦିନେ ରାତିରେ ସେ ସୁମାଳିକୁ ବୁଝାଇବାକୁ ଚେଷ୍ଟା କଲା । ସୁମାଳି କ୍ରୋଧରେ ଜଳି ଉଠିଲା । ଭାଇକୁ ଯାଇଛା ତା' ଅପମାନ କରି କହିଲା । ଶେଷରେ କତୁରି ଧରି ହାଣିବାକୁ ଦଉଡ଼ି ଆସିଲା । ତା'ସ୍ତ୍ରୀ ଯଦି ତା'କୁ ଅଟକାଇ ନଥାନ୍ତା, ତେବେ ବଡ଼ଭାଇକୁ ସେ ସେଦିନ ରାତିରେ ଖୁନ୍ କରି ଦେଇଥାଆନ୍ତା । ଅନ୍ୟ ଉପାୟ ନଦେଖି ଯଜ୍ଞମାଳି ମନଦୁଃଖରେ ଘରୁ ବାହାରି ଗଲା । ରାତି ପାହିଲା । ସକାଳ ହେବାରୁ ଅନେକ ଲୋକ ମିଳି ଯଜ୍ଞମାଳି ଘର ଉପରେ ଚଡ଼ାଉ କଲେ । ଡାକୁ ବଦମାସ ସୁମାଳି କେଉଁଠି ? କେଉଁଠି ସେ ? ଏହିପରି କହି ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରି ଘର ଭିତରେ ପଶି ସୁମାଳିକୁ ବାନ୍ଧି ପକାଇଲେ । ଉତ୍ତମ ମଧ୍ୟମ ପ୍ରହାର ଦେବାକୁ ମଧ୍ୟ ଆରମ୍ଭ କରିଦେଲେ । ମାଡ଼ ଆଘାତରେ ସାନଭାଇ ସୁମାଳିର ଜୀବନ କାଳେ ଚାଲିଯିବ ଭାବି ଯଜ୍ଞମାଳି ନିଜକୁ ସମ୍ଭାଳି ପାରିଲା ନାହିଁ । ଦୌଡ଼ି ଆସି ସାନଭାଇର ଅପକର୍ମ ପାଇଁ ସମସ୍ତଙ୍କ ହାତଗୋଡ଼ ଧରି କ୍ଷମା ମାଗିଲା । ଲୋକେ ଯଜ୍ଞମାଳିକୁ ତା'ର ଉତ୍ତମ ସ୍ୱଭାବ ପାଇଁ ଅନ୍ତରଦେଇ ଭଲପାଉଥିଲେ । ତେଣୁ ସୁମାଳି ରକ୍ଷା ପାଇଗଲା ।

ଯଜ୍ଞମାଳି ସାନଭାଇ ଦେହ ଆଉଁସି ଦେଇ ମନ୍ଦବୁଦ୍ଧି, ମନ୍ଦ କାର୍ଯ୍ୟ ଛାଡ଼ିବାକୁ କହିଲା । ନିଜ ଅଂଶ ଧନରୁ ସୁମାଳିକୁ ଅଧେ ଦେଲା । କିଛି ଦିନପାଇଁ ସୁମାଳି ଘରେ ଭଲ ଲୋକ ପରି ରହିଲା । ପୁଣି ଯେସାକୁ ତେସା, କୁସଙ୍ଗରେ ପଡ଼ି ନିଶାପାନ, ମଦ୍ୟପାନ ଆଉ ନାନାଦି ଅପକର୍ମ କରି ସବୁଟଙ୍କା ଶେଷ କରିଦେଲା । ଏଥର ଆରମ୍ଭ କଲା ରୀତିମତ ଡକାୟତି । ସେ ଶାସନର ବାହାରକୁ ଚାଲିଯାଇଥିଲା । ଶେଷରେ ରାଜ୍ୟର ରାଜାଙ୍କ କାନକୁ କଥାଗଲା । ରାଜା ତା'ର ବିଚାର କରି ରାଜ୍ୟରୁ ତଡ଼ିଦେଲେ । ସେ ଅନ୍ୟ ଉପାୟ ନ ଦେଖି ବଣକୁ ପଳାଇଗଲା । ବଣକୁ ଯାଇ ପଶୁପରି ଜୀବନ ଯାପନ କରିବାକୁ ଲାଗିଲା । ଏହା ଦେଖିଶୁଣି ଯଜ୍ଞମାଳିର ଅନ୍ତର କାନ୍ଦିଉଠିଲା । କିନ୍ତୁ କିଛି କରିବାର ଉପାୟନଥିଲା ।

ଏହିପରି ଭାବରେ ବହୁତ ବର୍ଷ କଟିଗଲା । ଯଜ୍ଞମାଳି ବୃଦ୍ଧ ହେଲା । ରୁଗ୍ଣ ହେଲା । ଶେଷରେ ଦିନେ ତାର ମୃତ୍ୟୁ ହେଲା । ସଂଯୋଗ ବଶତଃ ଯେଉଁଦିନ ଯଜ୍ଞମାଳିର ମୃତ୍ୟୁହେଲା, ଠିକ୍ ସେହିଦିନ ସୁମାଳିର ମଧ୍ୟ ବଣରେ ଅକାଳରେ ମୃତ୍ୟୁ ହେଲା । ମୃତ୍ୟୁପରେ ବିଷ୍ଣୁଦୂତମାନେ ଯଜ୍ଞମାଳିକୁ ଦିବ୍ୟ ବିମାନରେ ବସାଇ ବିଷ୍ଣୁଲୋକକୁ ନେଉଯାଉଥିଲେ । ଏହି ସମୟରେ ସେ କାହାର ଆର୍ତ୍ତଚିତ୍କାର ଶୁଣିବାକୁ ପାଇଲା । ଯେପରି କିଏ କାହାକୁ ଅହସ୍ୟଯନ୍ତ୍ରଣା ଦେଉଛି । ଯନ୍ତ୍ରଣା ସହି ନପାରି ଲୋକଟି ବିକଳରେ ଚିତ୍କାର କରୁଛି । ପଚାରିବାରୁ ବିଷ୍ଣୁଦୂତମାନେ କହିଲେ ତୁମ ସାନଭାଇକୁ ଯମଦୂତମାନେ ନରକପୁରୀକୁ ବାନ୍ଧି ନେଉଛନ୍ତି । ଯଜ୍ଞମାଳି ସେମାନଙ୍କୁ ସାନଭାଇର ମୁକ୍ତିର ଉପାୟ ପଚାରିଲା । ବିଷ୍ଣୁ ଦୂତମାନେ କହିଲେ, 'ସେ ଜୀବନ ସାରା ପାପାଚାର ଛଡ଼ା ଆଉକିଛି କରିନାହିଁ । ତାକୁ ନରକ ଯନ୍ତ୍ରଣା ଭୋଗିବାକୁ ପଡ଼ିବ ।' ଯଜ୍ଞମାଳି କହିଲା, 'ମୋଭାଇ ଯଦି ନରକ ଯନ୍ତ୍ରଣା ଭୋଗିବ, ତେବେ ବିଷ୍ଣୁଲୋକରେ ମୁଁ କି ସୁଖ ଲଭିବି ? ମୋତେ ଦୟାକରି ତା' ପାଖକୁ ଯିବାକୁ ଦିଅନ୍ତୁ ।' ବିଷ୍ଣୁଦୂତମାନେ କହିଲେ, 'ତୁମକୁ ଯମରାଜ ସେଠାରେ ପୂରାଇ ଦେବେନାହିଁ । ସମ୍ମାନର ସହିତ ପୂଜାର୍ଚ୍ଚନା କରି ତୁମକୁ ବାହାରକୁ କାଢ଼ିଦେବେ । କାରଣ ତୁମେ ବିଷ୍ଣୁଭକ୍ତ' । ଯଜ୍ଞମାଳି କହିଲା, 'ତେବେ ଏହାର କ'ଣ କିଛି ବୋଲି କିଛି ପ୍ରତିକାର ନାହିଁ ? ଥିଲେ, ଦୟାକରି ମୋତେ କୁହନ୍ତୁ' । ବିଷ୍ଣୁଦୂତମାନେ କହିଲେ, 'ହଁ, ନାହିଁ କାହିଁକି ? ଗୋଟିଏ ଉପାୟ ଅଛି । ତୁମେ ପୂର୍ବଜନ୍ମ ଜନ୍ମାନ୍ତରରୁ ଏ ଜନ୍ମ ପର୍ଯ୍ୟନ୍ତ ଅନେକ ପୁଣ୍ୟବଳ ସଞ୍ଚୟ କରିଛ । ସେଥିରୁ ଯଦି ସାମାନ୍ୟ ଗୋଟିଏ କଣିକା ତୁମେ ତୁମର ଭାଇକୁ ଦେଇଦେବ, ତେବେ ତାହାର ମୁକ୍ତିର ଦ୍ୱାରା ଖୋଲିଯିବ ।'

ଯଜ୍ଞମାଳି ଏହା ଶୁଣିବା ମାତ୍ରେ ନିଜର ସମସ୍ତ ସଞ୍ଚିତ ପୁଣ୍ୟରୁ ଅଧେ ସୁମାଳିକୁ ଦାନ କଲା । ଗୋଟିଏ ମୁହୂର୍ତ୍ତ ମଧ୍ୟ ଏଥିରେ ବିଳମ୍ବ କଲା ନାହିଁ । ସଂଗେ ସଂଗେ ସେହି କରୁଣ ଆର୍ତ୍ତନାଦ ଥମିଗଲା । ଯମଦୂତମାନେ ତାକୁ ବନ୍ଧନମୁକ୍ତ କରି ଛାଡ଼ି ଦେଇ ଚାଲିଗଲେ । ବିଷ୍ଣୁଦୂତମାନେ ସେହି ବିମାନରେ ଯଜ୍ଞମାଳି ସହିତ ସୁମାଳିକୁ ବସାଇ ବିଷ୍ଣୁ ଲୋକକୁ ନେଇଗଲେ । ଦୁଇଭାଇ ମହା ଆନନ୍ଦରେ ବିଷ୍ଣୁଲୋକକୁ ଯାଇ ସେଠାରେ ମହାବିଷ୍ଣୁଙ୍କର ପ୍ରତ୍ୟକ୍ଷ ସେବା ଦାୟିତ୍ୱରେ ନିୟୋଗ ହେଲେ ।

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

# ମୋହ



''ମୋହିତ ପ୍ରାଣୀନାଂ ଇତି ମୋହ''- ଧରାଧାମରେ ଜୀବକୁ ଯାହା ମୋହିତ କରେ ତାହାକୁ ମୋହ କୁହାଯାଏ । ମୋହ ଏକ ପର୍ଯ୍ୟାୟର ମାନସିକ ବିକାର । କୌଣସି ନା କୌଣସି ବ୍ୟକ୍ତି, ବସ୍ତୁ , ସ୍ଥାନ ବା ଘଟଣା ପ୍ରତି ଅତିମାତ୍ରାରେ ଆସକ୍ତ ହୋଇପଡ଼ିଲେ ଜୀବ ଧରାପୃଷ୍ଠରେ ମୋହଗ୍ରସ୍ତ ହୋଇଯାଏ । ପୃଥିବୀରେ ବ୍ୟକ୍ତି ବିଶେଷ ଧନମୋହ, ଜନମୋହ, ପଦପଦବୀର ମୋହ, ସମ୍ମାନ ପୁରସ୍କାରର ମୋହ, ସ୍ନେହର ମୋହ ଇତ୍ୟାଦି ଭଳି କେତେ କେତେ ବ୍ୟକ୍ତି, ବସ୍ତୁ, ସ୍ଥାନ ବା ଘଟଣାରେ ମୋହିତ ହୋଇ ଦୁଃଖ, ବେଦନା ବିଷାଦରେ ଅହରହ କାଳଯାପନ କରି ଅଶେଷ ଯାତନା ଲାଭ କରୁଅଛନ୍ତି । ତଥାପି, ଅଜ୍ଞତା ଓ ଅହଂଜ୍ଞାନ ବଶତଃ ସେହି ଅସହ୍ୟ ଯାତନାର କାରଣ ବୁଝି ପାରୁନାହାନ୍ତି । ''ଚରମ'' ପୃଷ୍ଠାର ନିୟମିତ ଧାରାବାହିକ ''ମୋହ'' ପତ୍ରସ୍ଥ କରାଯାଇ ସଂସାରରୁ ଦୁଃଖର ବିନାଶ ନିମନ୍ତେ ସାମାନ୍ୟତମ ପ୍ରୟାସ ମାତ୍ର କରାଯାଉଅଛି ।

''ଚରମ'' : ସପ୍ତମ ପୃଷ୍ଠ : ପ୍ରଥମ ପାଖୁଡ଼ା : ଦ୍ୱାତ୍ରିଂଶତିତମ ସଂଖ୍ୟାର ଅନୁସୃତିରୁ:

## ଗୃହସ୍ଥ-ଆର୍ଯ୍ୟଗୁରୁ ମୋହ

## ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀ ଉବାଚ :

ଗୃହସ୍ଥ ଆର୍ଯ୍ୟଗୁରୁ ମୋହ । ପ୍ରଥମେ କୁହେ ଧୀରେ ଶୁହ ।।
ଯେ ବ୍ୟକ୍ତି କୈବଲ୍ୟକୁ ତାରି । ପାଦରେ ପଡ଼ି ଗୁରୁଗିରି ।।
କରନ୍ତି ଜନ୍ମ ନେଇ ପୁଣି । ପରିବାରରେ ଜଡ଼ି ପ୍ରାଣୀ ।।
ସଂସାରେ ଧର୍ମ ଧାରା ଧରି । ସଂସାରୀ ଗୃହସ୍ଥର ପରି ।।
ପୁତ୍ର କଳତ୍ର ଧରି ସୁଖେ । ନାମ କୀର୍ତ୍ତନ କରି ମୁଖେ ।।
ଅନ୍ୟକୁ ଉପଦେଶ ଦେଇ । ତତ୍ତ୍ୱର ଗ୍ରନ୍ଥି ଥାନ୍ତି ଫେଇ ।।
ଅନିତ୍ୟ ସଂସାରକୁ ଜାଣି । ତହିଁରେ ପଡ଼ିଥାନ୍ତି ପୁଣି ।।
ତାହାକୁ ଗ୍ରାସି ଥାଏ ମୋହ । ଗୃହସ୍ଥ ଆର୍ଯ୍ୟଗୁରୁ ମୋହ ।।
ଗୁରୁ ସେ ହୋଇଥା'ନ୍ତି ସିନା । ମୋହରେ ପଡ଼ିଥା'ନ୍ତି ବିନା ।।
ଏତହୁଁ ସିଦ୍ଧି ନ ଲଭନ୍ତି । ତୁଚ୍ଛାକୁ ଗୁରୁ ବୋଲା ଅନ୍ତି ।।
ପୂର୍ବ ଜନ୍ମର ସଂସ୍କାରରେ । ଗୁରୁ ବୋଲାନ୍ତି ଏ ସଂସାରେ ।।
ମୋହ ତାଙ୍କର କଟି ନାହିଁ । ସିଦ୍ଧି ଲଭିବେ ତହୁଁ କାହିଁ ।।

ଜିଜ୍ଞାସୁ ଶିଷ୍ୟର ଆଧ୍ୟାତ୍ମିକ ତତ୍ତ୍ୱ ଜିଜ୍ଞାସାକୁ ଶ୍ରଦ୍ଧା କରି ପରମ କାରୁଣିକ ଠାକୁରେ ମୃଦୁ ମଧୁର ହାସ ହସି କୋମଳ କମନୀୟ ମଧୁର ଭାଷାରେ 'ସସ୍ତ୍ରୀକ ଆଧ୍ୟାତ୍ମିକ ମୋହ'ର ପ୍ରଥମ ବିଭାଗ- 'ଗୃହସ୍ଥ ଆର୍ଯ୍ୟଗୁରୁ ମୋହ'ର ତତ୍ତ୍ୱ ସରଳ ପ୍ରାଞ୍ଜଳ ବୋଧଗମ୍ୟ ଭାବରେ ବୁଝାଇ କହୁଛନ୍ତି ।

ଯେଉଁ ବ୍ୟକ୍ତି କୈବଲ୍ୟରୁ ଚାରି ପାଦରେ ପଡ଼ି ଧରାପୃଷ୍ଠରେ ଜନ୍ମ ଗ୍ରହଣ କରି ସଂସାରରେ ଗୁରୁ ଗ୍ରହଣ କରି ଧର୍ମ ଧାରା ଧରି ଗୁରୁଗିରି କରୁଥିଲେ ମଧ୍ୟ ପରିବାର ସହିତ ଜଡ଼ିତ ହୋଇ ସାଧାରଣ ସଂସାରୀ ଗୃହସ୍ଥ ପରି ସ୍ତ୍ରୀ ପୁତ୍ରକନ୍ୟାଦିଙ୍କ ସହିତ ରହି ନାମ କୀର୍ତ୍ତନ କରିବା ସହିତ ଅନ୍ୟମାନଙ୍କୁ ତତ୍ତ୍ୱପ୍ରବଚନ ଓ ବ୍ୟାଖ୍ୟା ଦ୍ୱାରା ଉପଦେଶ ଦେଇ ସନ୍ଦେହ ମୋଚନ କରୁଥାନ୍ତି, ତାଙ୍କୁ ସସ୍ତ୍ରୀକ ଆଧ୍ୟାତ୍ମିକ ମୋହର ପ୍ରଥମ ବିଭାଗ ଗୃହସ୍ଥ ଆର୍ଯ୍ୟଗୁରୁ ମୋହ ଗ୍ରାସ କରିଛି ବୋଲି ନିଶ୍ଚିତରୂପେ ଜଣାଯାଏ । ଏହି ଜାଗତିକ ସଂସାର ବିଷୟା ବିଷପୂର୍ଣ୍ଣ ଏବଂ ଅନିତ୍ୟ ଅଟେ । ଏହା ଜାଣି ମଧ୍ୟ ସେହି 'ଗୃହସ୍ଥ ଆର୍ଯ୍ୟଗୁରୁ ମୋହ' ବଶରୁ ସେ ସେହି ଅନିତ୍ୟ ସଂସାରରେ ପାରିବାରିକ ବନ୍ଧନରେ ବିଷୟାବିଷ ବଳୟରେ ପଡ଼ିରହିଥାନ୍ତି । ଗୃହସ୍ଥ ଆର୍ଯ୍ୟ ଗୁରୁ ମୋହ ତାଙ୍କୁ ଏପରି ଗ୍ରାସ କରିଥାଏ ଯେ, ଗୁରୁଗିରି କରି ଗୁରୁ ବୋଲାଉ ଥିଲେ ମଧ୍ୟ ସେ ମୋହଗ୍ରସ୍ତ ହୋଇ ସାଂସାରିକ ବନ୍ଧନରୁ ମୁକ୍ତ ହୋଇ ପାରନ୍ତି ନାହିଁ । ସାଧାରଣ ବିଷୟୀ ସଂସାରୀଙ୍କ ପରି ସେ ଭୌତିକ ଉନ୍ନତି ଯଥା:- ନିଜର ଓ ନିଜ ପରିବାରବର୍ଗଙ୍କ ପାଇଁ ଭଲ ଘରଟିଏ କରିବା, ଅର୍ଥ (ଧନ) ସଞ୍ଚୟ କରିବା, ଭଲ ପୋଷାକ ପରିଧାନ କରିବା, ଭଲ ଖାଦ୍ୟ ଖାଇବା, ମାନ ସମ୍ମାନ, ପୁରସ୍କାର ଲାଭ କରିବା, ପଦପଦବୀ ପାଇଁ ଲାଳାୟିତ ହେବା, ଉଚ୍ଚ ଆସନ ଲଭିବା, ଅନ୍ୟମାନଙ୍କଠାରୁ ପ୍ରଣାମ ନେବାରେ ଆମୋଦିତ ହେବା, ଛଳନା ଓ କପଟତା ପୂର୍ଣ୍ଣ ବାକ୍ୟ କହି ବ୍ୟବହାର (ଆଚରଣ) ଦେଖାଇ ଅନ୍ୟକୁ ଠକି ଭଣ୍ଡି ଅର୍ଥ ରୋଜଗାର କରିବା, ତ୍ୟାଗ ପରିବର୍ତ୍ତେ ଭୋଗସର୍ବସ୍ୱ ହୋଇ ଅନିତ୍ୟ ମଧ୍ୟରେ ନିତ୍ୟକୁ ଖୋଜୁ ଥିବାର ଅଭିନୟ ଦେଖାଇବା ଇତ୍ୟାଦି ଯାବତୀୟ କର୍ମରେ ନିଜକୁ ଓ ଅନ୍ୟମାନଙ୍କୁ ନିୟୋଜିତ କରି/କରାଇ ଆତ୍ମସ୍ୱାର୍ଥ ସାଧନ ଓ ଆତ୍ମେନ୍ଦ୍ରିୟ ପ୍ରୀତି ନିମନ୍ତେ ଓସ୍ତାଦ୍ ବନିଯାଆନ୍ତି । ଏହି କାରଣରୁ ସେ ଗୁରୁହେଲେ ମଧ୍ୟ ସିଦ୍ଧି ଲାଭ କରି ପାରନ୍ତି ନାହିଁ । ଏଭଳି ଗୁରୁଙ୍କ ଠାରୁ ମନ୍ତ୍ର ପ୍ରାପ୍ତ ହୋଇ ଥିବା ଶିଷ୍ୟମାନେ ମଧ୍ୟ ବୃଥା ଧାର୍ମିକ ଜୀବନ ଯାପନ କରନ୍ତି ସିନା, ପରମାର୍ଥ ଲାଭ କରିବାକୁ ଅସମର୍ଥ ହୋଇ ଅସଫଳ ବାହ୍ୟାଡମ୍ବରପୂର୍ଣ୍ଣ ଲୋକଦେଖାଣିଆ ଭେକ ଧରି ଘୋରତର ଅଜ୍ଞାନ ଅନ୍ଧକାର ମଧ୍ୟରେ ନିଃସହାୟ ଜୀବନ ଯାପନ କେବଳ କରୁଥାନ୍ତି । ଏହି ପର୍ଯ୍ୟାୟର ଏତାଦୃଶ ଗୁରୁ ଓ ତାଙ୍କର ଶିଷ୍ୟଗଣ ତୁଚ୍ଛାଟାରେ ଗୁରୁ ଓ ବୃଥାରେ ଶିଷ୍ୟ ବୋଲାଇ ଥାଆନ୍ତି । ପୂର୍ବ ଜନ୍ମର ସଂସ୍କାରରୁ ଏ ଜନ୍ମରେ ସେ ଏ ସଂସାରରେ ଗୁରୁ ବୋଲାଉ ଥାଆନ୍ତି, ମାତ୍ର ତାଙ୍କର ମୋହ କଟି ନ ଥିବା କାରଣରୁ ସେ କସ୍ମିନ୍କାଳେ ସିଦ୍ଧିଲାଭ କରିପାରନ୍ତି ନାହିଁ । ଏହି ଜାତୀୟ ଗୁରୁ ଆତ୍ମପ୍ରଚାରରେ, ଆତ୍ମପ୍ରଶଂସାରେ ବିମୋହିତ ହୋଇ ଅତ୍ୟନ୍ତ ଆନନ୍ଦ ଆମୋଦ ଲାଭ କରନ୍ତି । ମାତ୍ର ତାଙ୍କର ଅନ୍ତଃକରଣ ଛଳନା, କପଟାଚାର, ମିଥ୍ୟାଭିନୟରେ ପରିପୂର୍ଣ୍ଣ ଥିବାରୁ ପରମପିତାଙ୍କର ଲେଶମାତ୍ର କରୁଣା କଲ୍ୟାଣ ଲାଭ କରିପାରନ୍ତି ନାହିଁ କିମ୍ବା ନିଜର ଶିଷ୍ୟମାନଙ୍କୁ ତାହା ଲବ ମାତ୍ର ଲାଭ କରାଇ ପାରନ୍ତି ନାହିଁ । ଏହି ପ୍ରକାର ଗୁରୁଙ୍କ କବଳରେ ଯେଉଁମାନେ ଦୁର୍ଭାଗ୍ୟ ବଶତଃ ପଡ଼ିଥାଆନ୍ତି, ସେମାନେ ମଧ୍ୟ ମୋହଗ୍ରସ୍ତ ହୋଇ ଇହକାଳ ପରକାଳର ଗତିମୁକ୍ତିକୁ ଧ୍ୱଂସ ମଧ୍ୟକୁ ଠେଲି ଦେଇ ଥାଆନ୍ତି । ପରମପିତାଙ୍କ କରୁଣାକଲ୍ୟାଣରୁ ସୌଭାଗ୍ୟବଶତଃ ଯେଉଁମାନେ ଏପରି ଗୁରୁଙ୍କ କବଳରୁ ମୁକ୍ତି ପାଇ ସଦ୍‌ଗୁରୁ ଆଶ୍ରୟୀ ହୁଅନ୍ତି, ସେମାନେ ତରି ଯାଇ ପାରନ୍ତି ।

ପରମ ପ୍ରେମମୟ ଜ୍ଞାନସାଗର ଠାକୁରେ 'ଗୃହସ୍ଥ ଆର୍ଯ୍ୟଗୁରୁ ମୋହ'କୁ ଅଧିକ ସରଳ ସହଜ ବୋଧଗମ୍ୟ କରିବା ପାଇଁ ଯୁଗାନୁବାଦରେ ଅସ୍ପଷ୍ଟ ପୌରାଣିକ ପୃଷ୍ଠଭୂମିରେ ସଂଘଟିତ ଆଖ୍ୟାୟିକାଟିଏ ବର୍ଣ୍ଣନା କରିବାକୁ ଯାଇ କହନ୍ତି :

ତ୍ରେତୟା ଯୁଗରେ **ଶ୍ରୁତଧନ୍ୟ** ନାମରେ ଜଣେ ଯାଜ୍ଞିକ ଥିଲେ । ସେ ବ୍ରାହ୍ମଣ ନୀତିନିଷ୍ଠ ତ୍ୟାଗପୂତ ଜୀବନ ନିର୍ବାହ କରିବା ସହିତ ପ୍ରତିଦିନ ଯଜ୍ଞଶାଳାରେ ଅଗ୍ନିକୁ ଆବାହନ କରି ଯଜ୍ଞାହୁତି ପ୍ରଦାନ କରୁଥିଲେ । କ୍ରମଶଃ ତାଙ୍କର ଯଶଖ୍ୟାତି ଜନପଦରେ ପ୍ରଚାରିତ ହେଲା । ଏ ଉତ୍ତାରୁ ବହୁଲୋକ ତାଙ୍କ ଯଜ୍ଞଶାଳାକୁ ଆସି ନାନାଦି ଦାତବ୍ୟ ପଦାର୍ଥ ଦାନ କରିବା ସହିତ ଯଜ୍ଞାଗ୍ନି ଏବଂ ଯାଜ୍ଞିକଙ୍କୁ ପ୍ରଣାମ ନିବେଦନ କରିବାକୁ ଲାଗିଲେ । କାଳକ୍ରମେ ଯାଜ୍ଞିକ **ଶ୍ରୁତଧନ୍ୟ**ଙ୍କ ଅନ୍ତଃକରଣରେ ଯଜ୍ଞାର୍ଥ ନିବେଦିତ ଦାତବ୍ୟ ପଦାର୍ଥ ପ୍ରତି ଲୋଭ ଜାତ ହେଲା ଓ ଦର୍ଶନାର୍ଥୀ

ସ୍ତ୍ରୀମାନଙ୍କ ପ୍ରତି କାମବିକାର ଭାବର ଉଦ୍ରେକ ହେଲା । ତ୍ୟାଗନିଷ୍ଠ **ଶ୍ରୁତଧନ୍ୟ**ଙ୍କ ସଂସ୍କାରରୁ ପରିବାର ପ୍ରତି କାମନା ଜାଗ୍ରତ ହେଲା । ଅବଶ୍ୟ **ଶ୍ରୁତଧନ୍ୟ** ବାହ୍ୟତଃ ତାହା ନିୟନ୍ତ୍ରଣ କରିପାରୁଥିଲେ, ମାତ୍ର ଅନ୍ତଃକରଣରେ ଉଦ୍ରେକ ଭାବରାଜୀକୁ ସେ ଅନ୍ତସ୍ଥଳରୁ ଦୂରୀଭୂତ କରି ପାରିନଥିଲେ । ଏହି ଭାବ ସୂକ୍ଷ୍ମତଃ ତାଙ୍କ ମଧ୍ୟରେ ତାଙ୍କର ଅଗୋଚରରେ ସୂକ୍ଷ୍ମ ସଂସ୍କାରର ବୀଜ ତୋଳି ସାରିଥିଲା । କାଳ ସହିତ ତାଳ ଦେଇ ସମୟ ଅତିବାହିତ ହେବାକୁ ଲାଗିଲା ଓ କାଳକ୍ରମେ ତାଙ୍କର ମରଶରୀର ତ୍ୟାଗ କରି ଆତ୍ମାପକ୍ଷୀ ଉଡ଼ିଗଲା ।

**ଶ୍ରୁତଧନ୍ୟ**ଙ୍କର ଦିବଂଗତ ଆତ୍ମା ପୂର୍ବଜନ୍ମର ସଂସ୍କାରରେ ବୀଜକୁ ସୂକ୍ଷ୍ମରେ ବହନ କରି ଦ୍ୱାପର ଯୁଗରେ ଜନନୀ ଜଠର ଜରାୟୁ ଦେଇ ଧରାପୃଷ୍ଠରେ ମାନବ ଶରୀରରେ ଜନ୍ମଗ୍ରହଣ କଲେ । ଦ୍ୱାପରରେ ତାଙ୍କର ପିତୃମାତୃଦତ୍ତ ନାମ ଥିଲା **ବିଧୁଧନ**, ଗୁରୁକୁଳରେ ବିଦ୍ୟାଶିକ୍ଷାନ୍ତେ ଦୀକ୍ଷାନ୍ତ ପରେ ଗୁରୁ ତାଙ୍କୁ **କୈବଲ୍ୟାନନ୍ଦ** ନାମରେ ନାମିତ କଲେ । **କୈବଲ୍ୟାନନ୍ଦ** ଜଣେ କର୍ମଯୋଗୀ ଥିଲେ । ସେ ଏକ ସ୍ୱତନ୍ତ୍ର ଆଶ୍ରମ ପ୍ରତିଷ୍ଠା କରି ଶିଷ୍ୟ ଗ୍ରହଣ କରି କର୍ମ ଯୋଗ ଶିକ୍ଷା ଦେଉଥିଲେ । ପୂର୍ବଜନ୍ମ ସଂସ୍କାରରୁ ଶିଷ୍ୟମାନଙ୍କଠାରୁ ସେ ଧନ ପ୍ରାପ୍ତିର ପ୍ରବଳ ଆଶା ପୋଷଣ କରୁଥିଲେ ଓ ପ୍ରକାରନ୍ତରରେ ମୁହଁ ଖୋଲି ଶିଷ୍ୟମାନଙ୍କୁ ତାହା ପ୍ରକାଶ ମଧ୍ୟ କରି ଦେଉଥିଲେ । ଆଶ୍ରମ ଜୀବନ ଯାପନ କରୁଥିଲେ ମଧ୍ୟ ଧନସମ୍ପତ୍ତି ଠୁଳ କରି ରଖିବାରେ ତାଙ୍କର ପ୍ରବଳ ଆଗ୍ରହ ଥିଲା । ଆଶ୍ରମରୁ ବାହାରି ନଗର ଜନପଦକୁ ଆସିଲେ, ସ୍ତ୍ରୀ ମାନଙ୍କ ରୂପ ଓ ସୌନ୍ଦର୍ଯ୍ୟରେ ସେ ବିମୁଗ୍ଧ ହୋଇ ପାରିବାରିକ/ଦାମ୍ପତ୍ୟ ଜୀବନର ସୁଖ ଓ ଐଶ୍ୱର୍ଯ୍ୟ କଳ୍ପନାରେ ବିମୋହିତ ହେଉଥିଲେ । ଏକଦା କୌଣସି ଏକ ନଗର ବାଟିକାରେ ଏକାକିନୀ ନବୋଢ଼ା ଯୁବତୀର ରୂପରେ କାମ ମୋହିତ **କୈବଲ୍ୟାନନ୍ଦ** ଆକୃଷ୍ଟହୋଇ ନିଜ ଉପରେ ନିୟନ୍ତ୍ରଣ ରକ୍ଷା କରିପାରି ନ ଥିଲେ । ଏହି ଗୋପନ ଘଟଣାଟି ତାଙ୍କ ମନ ମଧ୍ୟରେ ଘୋର ଆଲୋଡ଼ନ ସୃଷ୍ଟି କରିବାକୁ ଲାଗିଲା । କାଳକ୍ରମେ ତାଙ୍କର ଦେହାନ୍ତ ହେଲା, ସଂସ୍କାରର ବୀଜ ଧରି ଆତ୍ମା ଶରୀର ଛାଡ଼ିଲା ।

କଳିର ଅନ୍ତିମ ପର୍ଯ୍ୟାୟରେ **କୈବଲ୍ୟାନନ୍ଦ** ଶୂଦ୍ରଯୋନିରେ ଜନ୍ମଲାଭ କଲେ । ସେ ବାଲ୍ୟ କାଳରୁ କଳ୍ପନା ପ୍ରବଣ ଥିଲେ ଓ ପିତାଙ୍କର ଯତ୍ନହେତୁ ଉଚ୍ଚଶିକ୍ଷା ଲାଭ କଲେ । ତାଙ୍କର ପିତୃ ଦତ୍ତ ନାମ ଥିଲା **ଜୟଚନ୍ଦ୍ର** । ସୁଶିକ୍ଷିତ ଯୁବକ **ଜୟଚନ୍ଦ୍ର** ଯଥା ସମୟରେ ଏକ ସୁନ୍ଦରୀ ଯୁବତୀର ପାଣି ଗ୍ରହଣ କରି ଦାମ୍ପତ୍ୟ ଜୀବନରେ ଆବଦ୍ଧ ହେଲେ । ଏ ଯୁଗର ରୀତି ନୀତି ଅନୁସାରେ ସେ ଗୋଟିଏ ଟେଲରିଂ ଟ୍ରେନିଂ ସ୍କୁଲ ସ୍ଥାପନ କରି ଗୁରୁଗିରିର ପୂର୍ବ ସଂସ୍କୃତିକୁ ନିଜ ଜୀବନରେ ପ୍ରତିଫଳିତ କଲେ । ନିଜର ସୁନ୍ଦରୀ ଯୁବତୀ ସ୍ତ୍ରୀ ଥିବା ସତ୍ତ୍ୱେ ସେ ପୂର୍ବ ଜନ୍ମର ସଂସ୍କାର ଦୋଷରୁ ଏକାଧିକ ସ୍ତ୍ରୀ ସମ୍ଭୋଗରେ ଲିପ୍ତ ରହିବା ସହିତ ଧନ ଅର୍ଜନରେ ବ୍ରତୀ ହେଲେ । କାଳକ୍ରମେ ସୁବିଧା ସୁଯୋଗ ଦେଖି ସେ ନିଜକୁ ଜଣେ ସିଦ୍ଧପୁରୁଷ ଓ ସଦ୍‌ଗୁରୁ ସ୍ୱରୂପରେ ସଂସାରରେ ପ୍ରତିପାଦନ କରିବାକୁ ସମର୍ଥ ହେଲେ, ତାଙ୍କର ନାମ ହେଲା **ଜୟାନନ୍ଦ** । ଅନ୍ୟମାନଙ୍କୁ ଶିଷ୍ୟରୂପେ ଗ୍ରହଣ କରି ସେ ମନ୍ତ୍ର ଓ ସାଧନ ସୂତ୍ର ମଧ୍ୟ ଦେବାକୁ ଲାଗିଲେ । ତେଣେ ସ୍ୱପତ୍ନୀ ଉଦରରୁ ତାଙ୍କର ପୁତ୍ର କନ୍ୟାଦି ମଧ୍ୟ ଜାତ ହେଲେ । ଗୁରୁଗିରି କରିବା ସହିତ ସୁଖ ଓ ଐଶ୍ୱର୍ଯ୍ୟ ପୂର୍ଣ୍ଣ ଦାମ୍ପତ୍ୟ ଓ ପାରିବାରିକ ଜୀବନ ଚର୍ଯ୍ୟାରେ ସେ ବ୍ୟସ୍ତ ରହିଲେ । ନାନାଦି କୌଶଳରେ ଅର୍ଥ ଉପାର୍ଜନ ଓ ସଞ୍ଚୟ କରି ସେ ଭଲ ଘର, ଭଲ ଭଲ ଆସବାସପତ୍ର, ଭଲ ପୋଷାକ ପରିଚ୍ଛଦ ଆଦିରେ ଆବିଷ୍ଟ ହୋଇ ରହିଲେ । ତାଙ୍କୁ ଗୁରୁଭାବରେ ବରଣ କରିଥିବା ଶିଷ୍ୟଗଣଙ୍କୁ ନାନାଦି ତତ୍ତ୍ୱ ଉପଦେଶ ଦେବା, ପରମାର୍ଥ ପଥ ନିର୍ଦ୍ଦେଶ କରିବା, ଅନିତ୍ୟ ସଂସାରର ନୀତି ସହିତ ପରିଚିତ କରାଇବାର ଛଳନା ପୂର୍ଣ୍ଣ ମିଥ୍ୟା ଅଭିନୟ ମଧ୍ୟରେ ଅର୍ଥ ଶୋଷଣ କରିବା, ସମ୍ମାନ ଓ ପ୍ରତିପତ୍ତି ଲାଭ କରିବାର ଅଦମ୍ୟ ପିପାସା ତାଙ୍କ ଅନ୍ତଃସ୍ଥଳରେ କରାଳ ତାଣ୍ଡବ କରିବାକୁ ଲାଗିଲା । ପୂର୍ବ ସଂସ୍କାରରୁ ଗୁରୁଗିରି କରୁଥିଲେ ମଧ୍ୟ 'ଗୃହସ୍ଥ ଆର୍ଯ୍ୟ ଗୁରୁ ମୋହଗ୍ରସ୍ତ' ହୋଇ **ଜୟାନନ୍ଦଜୀ ମହାରାଜ** ଅନିତ୍ୟ ସଂସାରର ବିଷୟା ବନ୍ଧନରେ ଆବଦ୍ଧ ହୋଇ ରହିଗଲେ । ସିଦ୍ଧି ତାଙ୍କ ଠାରୁ ରହିଲା ବହୁତ ଦୂରରେ । **ଅସିଦ୍ଧ ଗୁରୁ ଜୟାନନ୍ଦଜୀ ମହାରାଜ** ଏହିପରି ଭାବରେ ଛଳନା, ମିଥ୍ୟା କପଟାଚାର, କୁଟିଳତା, ମିଥ୍ୟାଭିନୟର ଆଭରଣ ଓ ଆବରଣ ତଳେ ଜାଗତିକ ଜୀବନରେ ଅନ୍ୟମାନଙ୍କର ସରଳତାର ସୁଯୋଗ ନେଇ ଅନେକଙ୍କୁ ଠକିବା, ଭଣ୍ଡିବା ଆଦି କର୍ମରେ ବ୍ୟସ୍ତ ରହିଲେ । ସେ ନିଜକୁ ଗୁରୁବୋଲି ଅନ୍ୟମାନଙ୍କଠାରେ ପରିଚିତ କରାଇ ପାରିଥିଲେ ମଧ୍ୟ ବାସ୍ତବରେ ତାଙ୍କର ଲବମାତ୍ର ଗୁରୁତ୍ୱ ଯେ ନ ଥିଲା ତାହା ପରମପିତା ହିଁ କେବଳ ଉପଲବ୍ଧି କରିଥିଲେ । ସର୍ବଜ୍ଞାତା, ସର୍ବବ୍ୟାପୀ, ସର୍ବଶକ୍ତିମାନ ପରମପିତାଙ୍କୁ ଠକି ଦେବା କାହା ପକ୍ଷରେ କ'ଣ କେତେବେଳେ ସମ୍ଭବ ହୋଇପାରେ ??



**ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ** | **ନାରୀହିଁ ପ୍ରକୃତି**

*ବ୍ରହ୍ମଙ୍କର ମାୟା ପ୍ରଭାବରୁ ହିଁ ଏ ସୃଷ୍ଟି ସୁନ୍ଦର, କମନୀୟ, ମଧୁମୟ, ଆନନ୍ଦମୟ ହୋଇପାରିଛି । ଏହା ତତ୍ତ୍ୱ ସମ୍ବଳିତ ସତ୍ୟ । ସୃଷ୍ଟି ସର୍ଜନା, ପୋଷଣା ଓ ରକ୍ଷା ବ୍ରହ୍ମଙ୍କର ଦାୟିତ୍ୱ ଓ ସଂପୂର୍ଣ୍ଣରୂପେ ତାଙ୍କର ଇଚ୍ଛା ଉପରେ ହିଁ ନିର୍ଭରଶୀଳ । ତାଙ୍କରି ଇଚ୍ଛାନୁସାରେ ଏ ସକଳ ଦାୟିତ୍ୱ ସେ ମାୟା ହସ୍ତରେ ହିଁ ନ୍ୟସ୍ତ କରି ପ୍ରତି କ୍ଷେତ୍ରରେ ନିର୍ଦ୍ଦେଶ ଦେଇ ଚାଲିଛନ୍ତି । ତାଙ୍କରି ନିର୍ଦ୍ଦେଶକୁ ମାୟା କାର୍ଯ୍ୟକାରୀ କରୁଛି ମାତ୍ର । ଏ ସକଳ ସତ୍ୟ ଓ ତତ୍ତ୍ୱ ସୃଷ୍ଟି ରହସ୍ୟକୁ ଅଧିକ ରହସ୍ୟାଚ୍ଛନ୍ନ କରି ତୋଳିଥିଲେ ମଧ ପରମଦୟାଳୁ ଠାକୁରଙ୍କର ଅପାର କରୁଣାରୁ ଏହାର ଉଦ୍‌ଘାଟନ କରିବା ପାଇଁ ''ଚରମ'' ପୃଷ୍ଠାରେ କ୍ରମଶଃ ଉଦ୍ୟମ କରାଯାଉଛି । ଏହି ସୂକ୍ଷ୍ମ ଅଧ୍ୟାତ୍ମ ଜ୍ଞାନକୁ ସ୍ଥୂଳ ଜାଗତିକ ଭାଷା ଓ ସାହିତ୍ୟରେ ପ୍ରକାଶ କରିବା କଠିନ ହେଲେ ମଧ ଆମେ ଯଥାସମ୍ଭବ ଉଦ୍ୟମ ଚଳାଇ ନେଉଛୁ ॥*

**'ଚରମ' : ସପ୍ତମ ପୁଷ୍ପ : ପ୍ରଥମ ପାଖୁଡ଼ା : ଦ୍ୱାତ୍ରିଂଶତମ (୩୨) ସଂଖ୍ୟାର ଅନୁସୃତିରୁ:**

**(୧) ବୈଷ୍ଣବୀମାୟା** **ଭାବାଂଶ** **(୨) ଭୂମା ମାୟା :**

ପୂର୍ବ ସଂଖ୍ୟାରେ ଆଲୋଚିତ ଭୂମାମାୟାର ଅବଶିଷ୍ଟାଂଶ ଆଲୋଚନା ପ୍ରସଙ୍ଗ ସମାପ୍ତ କରିବା ପରେ ବୈଷ୍ଣବୀ ମାୟାର ତୃତୀୟ ଭାବାଂଶ ଉତୁଙ୍ଗମାୟା ସଂପର୍କରେ ଏହି ସଂଖ୍ୟାରେ ଆଲୋଚନା କରିବାର ପ୍ରସ୍ତାବ ରହିଛି । ପାଠକ ପାଠିକାମାନେ ସ୍ମରଣ କରିପାରୁଥିବେ-ବ୍ରହ୍ମଙ୍କର ଆଦେଶ ଅନୁସାରେ ଭୂମାମାୟାର ପ୍ରଭାବରୁ ସମୟୋପଯୋଗୀ ଜ୍ଞାନ ଯଥାର୍ଥ ବ୍ୟକ୍ତିଙ୍କ ମାଧମ ଦେଇ ଭୂପୃଷ୍ଠକୁ ଅବତରଣ କରି ଜନମଙ୍ଗଳ ଓ ଜଗତ କଲ୍ୟାଣକର କାର୍ଯ୍ୟରେ ନିୟୋଜିତ ହେବା ସହିତ ବ୍ରହ୍ମଙ୍କ ଲୀଳା ସୁଚାରୁରୂପେ ପ୍ରତିମୁହୂର୍ତ୍ତରେ ପ୍ରତ୍ୟେକ ସ୍ଥାନରେ ସଂଘଟିତ ହେଉଅଛି ।

ଭୂମା ମାୟାର ସଂକଳ୍ପ ନୀତି ବିଚିତ୍ର । ଏହା ଶକଟକ ବ୍ରହ୍ମରେ ଥିବା ଆୟୁଧକ ମଣ୍ଡଳରେ କାର୍ଯ୍ୟକାରୀ ହୁଏ । ପ୍ରତ୍ୟେକ ଦେବଦେବୀଙ୍କର ଆୟୁଧକ ମଣ୍ଡଳରେ ଆଲୋକଚିତ୍ରର ଛାୟା ସଦୃଶ ରୂପଧରି ଭୂମାମାୟା ବଳରେ ନିଜର ଶକ୍ତି ସହ ଭାର ବହନ କରି ଇଚ୍ଛାମତେ ଝୁଲୁଥାଆନ୍ତି । ବ୍ରହ୍ମଙ୍କର ଆଦେଶ ପାଳନ କରି ଭୂମାମାୟା ପ୍ରହରୀ ସଦୃଶ ଏହି ସବୁ ଆୟୁଧକୁ ଜଗି ରହିଥାଏ । ସିଦ୍ଧିଭାବ ପ୍ରାପ୍ତିପରେ ଆବଶ୍ୟକ ହେଲେ ବ୍ରହ୍ମ ଆଦେଶ ଦେଲେ ଆୟୁଧ ପ୍ରାପ୍ତି ହୁଏ । ଆୟୁଧଶକ୍ତି ଆବଦ୍ଧ କୋଠରୀ ମଧରେ ନୀଳବର୍ଣ୍ଣର ଧୂଆଁଳିଆ ହୋଇ ବିନ୍ଦୁ ବିନ୍ଦୁ ଆକାରରେ ରହିଥାଆନ୍ତି । ସେ ସମୟରେ ଏହିଗୁଡିକ ଭିନ୍ନ ଆକୃତିର ରେଖାଚିତ୍ର ପରି ଦେଖାଯାଉଥାଆନ୍ତି ।

ଅନେକ ଗୁଡିଏ ରେଖାଙ୍କିତ ଚିହ୍ନ ଏକତ୍ର ହୋଇଥିବାର ଦେଖାଯାଏ । ଏହିସବୁ ସୂକ୍ଷ୍ମ ଆୟୁଧକୁ ଭୂମାମାୟା ଯନ୍ତ୍ରର ସହିତ ସାଇତି ଜଗିରହିଥାଏ ।

ଏହି ମାୟାର ପ୍ରଭାବରୁ ଅତୀତରେ ବହୁ ଯୋଦ୍ଧା ଯୋଗତପସ୍ୟା ଆଚରଣ କରି ବ୍ରହ୍ମଙ୍କୁ ସନ୍ତୁଷ୍ଟ କରିବା ପରେ ଆୟୁଧକ ମଣ୍ଡଳରୁ ବିଭିନ୍ନ ଶସ୍ତ୍ରାଦି ଅସ୍ତ୍ରାଦି ପ୍ରାପ୍ତ ହୋଇଥିବାର ବହୁ ବିବରଣୀ ପୁରାଣ ପୃଷ୍ଠାରୁ ମିଳେ । ଏବେ ମଧ୍ୟ ପୃଥିବୀ ପୃଷ୍ଠକୁ ଭିନ୍ନ ଭିନ୍ନ ପ୍ରକାରର ନୂତନ ଅସ୍ତ୍ରଶସ୍ତ୍ରାଦି ନିର୍ମାଣର ଭାବ ଯଥାର୍ଥ ବ୍ୟକ୍ତି/ବୈଜ୍ଞାନିକଙ୍କ ମାଧ୍ୟମଦେଇ ଆସୁଅଛି । ଏହାର କାରଣ ସ୍ୱରୂପ ଭୂମାମାୟାର କାର୍ଯ୍ୟକାରିତାକୁ ନିର୍ଣ୍ଣୟ କରାଯାଏ । ଭୂମାମାୟାର ପ୍ରଭାବରୁ ଦେବ, ମାନବ, ଦାନବଗଣ ଅସ୍ତ୍ରଶସ୍ତ୍ରାଦିର ବ୍ୟବହାର କୌଶଳରେ କୁଶଳୀ ହୋଇଥାଆନ୍ତି । ଏହି ମାୟାର କାର୍ଯ୍ୟକାରିତାରୁ ସୃଷ୍ଟିରେ ଶୃଙ୍ଖଳା ରକ୍ଷା ସମ୍ଭବ ହୋଇପାରିଛି । ଅତ୍ୟାଚାର, ପରପୀଡନ, ବ୍ୟଭିଚାର, ଭ୍ରଷ୍ଟାଚାର ଆଦି ବିରୁଦ୍ଧରେ ସଂଗ୍ରାମ ସମ୍ଭବ ହୋଇ ପାରିଛି । ବ୍ରହ୍ମଙ୍କ ନିର୍ଦ୍ଦେଶମତେ ଭୂମାମାୟା ଏହି କାର୍ଯ୍ୟ ସୁଚାରୁରୂପେ ନିର୍ବାହ କରି ସୃଷ୍ଟିରେ ଭାରସାମ୍ୟ ରକ୍ଷା କରୁଅଛି ॥

## (୩) ଉତ୍ତୁଙ୍ଗ ମାୟା :

ଉତ୍ତୁଙ୍ଗମାୟା ହରିଦ୍ରା ଓ ଗୈରୀକ - ଏହି ଦୁଇବର୍ଣ୍ଣ ଧାରଣ କରେ । ପକ୍ଷକୁପକ୍ଷ ଏହା ବର୍ଣ୍ଣ ପରିବର୍ତ୍ତନ କରେ । ବହୁରୂପାପରି ବର୍ଣ୍ଣ ପରିବର୍ତ୍ତନ କରି ନିଜକୁ ନିଜେ ରକ୍ଷା କରିବା ପାଇଁ ଇଚ୍ଛାମତେ ବ୍ରହ୍ମବର୍ଣ୍ଣାଙ୍କ କବଚ ଏହି ମାୟା ଧାରଣ କରିଥାଏ । ଏହା ମାୟା ବଳରେ ଭିନ୍ନ ଭିନ୍ନ ରୂପ ଧାରଣ କରି ଚାଲିଥାଏ । ଏକଲକ୍ଷ ସଇଁତିରିଶି ହଜାର ଚାରି ଶହ ବାଇଶବର୍ଷ ଏହା ଅନୁଭୂତ ବ୍ରହ୍ମମଣ୍ଡଳରେ ରହେ । ତା'ପରେ ଏହା ମଣ୍ଡଳ ପରିବର୍ତ୍ତନ କରିଥାଏ । ମଣ୍ଡଳ ପରିବର୍ତ୍ତନର କାରଣ ମଧ୍ୟ ଅଛି । କାରଣ ହେଉଛି ବ୍ରହ୍ମନିର୍ବିକଳ୍ପ ଦିବସରେ ଅନେକ ମନିଷୀଙ୍କ ଆତ୍ମା ସୃଷ୍ଟି ହୋଇଯାଆନ୍ତି । ନୂତନ ସୃଷ୍ଟ ଏହି ଆତ୍ମାଗୁଡ଼ିକ ଅନିୟମିତ ଭାବରେ ପ୍ରତ୍ୟେକ ବ୍ରହ୍ମାଣ୍ଡର ରକ୍ଷଣକର୍ତ୍ତା ହୋଇଥାଆନ୍ତି । କଳ୍ପ ଯୁଗାନ୍ତକାରୀ ଆତ୍ମା ବ୍ରହ୍ମ ପଦକୁ ଧାୟିଥାଆନ୍ତି । ବ୍ରହ୍ମ ଶକଟକ ମଣ୍ଡଳରେ ବ୍ରହ୍ମାଣ୍ଡ ଗୁଡିକ ମାଳମାଳ ହୋଇ ଝୁଲୁଥିବା ଅବସ୍ଥାରେ ବ୍ରହ୍ମବ୍ରହ୍ମାଣ୍ଡ ସୂତ୍ରୀମାନଙ୍କ ମଧ୍ୟରେ ମିଳିତ ଗୋଷ୍ଠୀ ଦେଖାଯାଏ । ଏମାନଙ୍କ ମଧ୍ୟରେ ଗୋଷ୍ଠୀବିବାଦ ମାୟା କରାଇଦିଏ ନାହିଁ । ଏହି ଆତ୍ମାଗୁଡିକ ଦେହ ଧାରଣ କଲେ କବାଦିକ ସୂତ୍ର ଆରମ୍ଭ ହୁଏ । ବ୍ରହ୍ମ ବ୍ରହ୍ମାଣ୍ଡରେ ସଂକଳ୍ପ ସୂତ୍ରନେଇ ଗତି କରୁଥାଆନ୍ତି । ଉତ୍ତୁଙ୍ଗ ମାୟା ଏମାନଙ୍କୁ ନେଇ ପିଲାଙ୍କୁ ଧରି ଖେଳିବା ଭଳି କାର୍ଯ୍ୟ କରୁଥାଏ । ମାୟା ବ୍ରହ୍ମବ୍ରହ୍ମାଣ୍ଡକୁ ତ୍ରିଭୁଜାକାର ଆକୃତିର ହରିଦ୍ରା ବର୍ଣ୍ଣ ଶୋଭିତ କରି ଖେଳୁଥାଏ । ଅସଂଖ୍ୟ ଖଦ୍ୟୋତିକା ଏକ ସମୟରେ ଆକାଶର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଠୁଳ ହୋଇ ପରସ୍ପର ସହିତ ମିଳିତ ହୋଇ ପୁଣି ଦଳ ଦଳ ହୋଇ ବିଚ୍ଛିନ୍ନ ହୋଇଯାଆନ୍ତି । ପୁଣି ଦଳରୁ ଗୋଟିଏ ଗୋଟିଏ ଆସି ଅନ୍ୟ ଦଳର ଗୋଟିକ ଗୋଟିକ ସହିତ ମୁହଁ ଯୋଡି ପୁଣି ପଳାଇ ଯାଆନ୍ତି । ଏହି ପରି ଦୃଶ୍ୟ ବ୍ରହ୍ମବ୍ରହ୍ମାଣ୍ଡ ମଧ୍ୟରେ ମନିଷୀ ଆତ୍ମାଗୁଡିକର ଦେହଧାରଣ ପୂର୍ବରୁ ଦେଖାଯାଏ । ଉତ୍ତୁଙ୍ଗ ମାୟାର ବର୍ଣ୍ଣ ହରିଦ୍ରା ଓ ଆକାର ତ୍ରିଭୁଜ ପରି ହୋଇଥାଏ । ଏହା ସେହି ବର୍ଣ୍ଣ ଧାରଣ କରି ବ୍ରହ୍ମବ୍ରହ୍ମାଣ୍ଡରେ ଖେଳୁଥାଏ । ଉତ୍ତୁଙ୍ଗ ମାୟାର ପଛେ ପଛେ ବ୍ରହ୍ମ ଗତି କରୁଥାଆନ୍ତି । ମାୟାର ଅଗୋଚରରେ ବ୍ରହ୍ମଙ୍କ ଇଚ୍ଛାରେ ପୁଣି ଅନେକ ବ୍ରହ୍ମାତ୍ମା ତୋଳି ହୋଇ ଯାଆନ୍ତି । ବ୍ରହ୍ମାଣ୍ଡ ମଧ୍ୟରେ ପେଣ୍ଡୁ ଆକୃତିର ହୋଇ ସେମାନେ ଭ୍ରମଣ କରୁଥାଆନ୍ତି । ମାଛ ବିହନ ଆକୃତିର ବ୍ରହ୍ମାତ୍ମା ଗୁଡିକ ପରସ୍ପର ସହିତ ସମ୍ମିଳିତ ହୋଇ ପେଣ୍ଡୁ ଆକାର ଆକୃତି ଧାରଣ କରିଥାଆନ୍ତି । ଏହି

ପେଣ୍ଡୁଳା ଗୁଡିକର ବର୍ଣ୍ଣ ନୀଳ । ବହୁକୋନା ବିଶିଷ୍ଟ ଲମ୍ବାକୃତିର ଆଲୋକ ଛାୟା ସୂତ୍ରରେ ଏହି ପେଣ୍ଡୁଗୁଡିକ ଦୋଳାୟମାନ ଅବସ୍ଥାରେ ରହିଥାଆନ୍ତି । ଶକଟକ ବ୍ରହ୍ମମଣ୍ଡଳରେ ଏମାନେ ପେଣ୍ଡୁ ପ୍ରକଷ୍ଠରେ ବିଭୂତିପ୍ରାପ୍ତ ହୁଅନ୍ତି । ବିଭୂତି ପ୍ରାପ୍ତ ହୋଇସାରିବା ପରେ ପେଣ୍ଡୁଗୁଡିକର ଆଲୋକଛାୟାସୂତ୍ର ପରସ୍ପର ସହିତ ଛନ୍ଦି ହୋଇ ଯାଆନ୍ତି । ଏହି ଅବସ୍ଥାରେ ସେମାନଙ୍କ ଠାରୁ ବର୍ଣ୍ଣାଛନ୍ଦ ଆତ୍ମାଜାତ ହୁଏ । ବର୍ଣ୍ଣାଛନ୍ଦ ଆତ୍ମାଗୁଡିକ ଗୈରିକ ବର୍ଣ୍ଣର ଛନ୍ଦଣିରେ ମେଞ୍ଚା ମେଞ୍ଚା ହୋଇ ମାଳାକାରରେ ଶୂନ୍ୟରେ ଝୁଲୁଥାଆନ୍ତି । ସେଗୁଡ଼ିକ ଦୋଳାୟମାନ ଅବସ୍ଥାରେ ଥିବା ସମୟରେ ଉତ୍ତୁଙ୍ଗମାୟା ବ୍ରହ୍ମ ସହିତ ସଂଯୁକ୍ତ ହୋଇ ପେଣ୍ଡୁଳା ଗୁଡିକୁ କୁହୁଡି ଭଳି ଢାଙ୍କି ରଖିଥାଏ । ଏହି ଅବସ୍ଥାକୁ ବର୍ଣ୍ଣ ବ୍ରହ୍ମ ବର୍ଣ୍ଣାଳ ଅବସ୍ଥା କୁହାଯାଏ । ଏପରି ଅବସ୍ଥା ପ୍ରାପ୍ତିର କାରଣ ମଧ୍ୟ ରହିଛି । ତାହା ହେଉଛି- ମୂଳବ୍ରହ୍ମପିଣ୍ଡ ଇଚ୍ଛାମତେ ଅନେକ କ୍ଷୁଦ୍ରବ୍ରହ୍ମ ସୃଷ୍ଟି କରିବା ପରେ ଉତ୍ତୁଙ୍ଗ ମାୟାକୁ ଯୁଗ ବିବର୍ତ୍ତନ ସମୟକୁ ଲକ୍ଷ୍ୟ ରଖି ମାୟା ବିଭୂତି ଆଚ୍ଛନ୍ନ କରି ରଖିବାକୁ ଆଦେଶ ଦେଇଥାଆନ୍ତି । ସେହି ଆଦେଶକୁ ଉତ୍ତୁଙ୍ଗ ମାୟା ସୁଚାରୁରୂପେ କାର୍ଯ୍ୟରେ ପରିଣତ କରେ । ଏହା ଫଳରେ ବଡ ବଡ ମନିଷୀମାନେ ବିବେକ, ବୁଦ୍ଧି, ଜ୍ଞାନ ଓ ଚୈତନ୍ୟର ଅଧିକାରୀ ହୋଇ ଭୁବନକୁ ଭୁବନ ଯୁଗକୁ ଯୁଗ ଧରାପୃଷ୍ଠରେ ଅବତରଣ କରିଥାଆନ୍ତି ।

ବ୍ରହ୍ମଙ୍କ ଇଚ୍ଛାରେ ଓ ନିର୍ଦ୍ଦେଶରେ ଉତ୍ତୁଙ୍ଗମାୟା ଦ୍ୱାରା ପରିଚାଳିତ ହୋଇ ଧରାପୃଷ୍ଠକୁ ବିଭିନ୍ନ ସମୟରେ ମହାମନିଷୀମାନେ ଅବତରଣ କରି ମାନବ ସମାଜରେ ସତ୍ୟ, ଶାନ୍ତି, ଧର୍ମ, ଅହିଂସା, ପ୍ରେମ, ଭକ୍ତି, ନାମ, ଯୋଗ, ସାଧନା ଆଦିର ମହିମା ପ୍ରଚାର ପ୍ରସାର କରିଅଛନ୍ତି । ଏହି ମାୟାର ପ୍ରଭାବରୁ ପୃଥିବୀରେ କେତେକେତେ ଯୋଗୀ, ଋଷି, ମୁନି, ଧ୍ୟାନୀ, ଜ୍ଞାନୀ, ମହାତ୍ମା ବିଭିନ୍ନ ଯୁଗରେ ବିଭିନ୍ନ ସମୟରେ ଜନ୍ମ ଗ୍ରହଣ କରି ମାନବ ସମାଜକୁ ସତ୍ ପଥରେ ଚଳାଇନେଇ ଯାଉଛନ୍ତି । ଧର୍ମ ସଂସ୍ଥାପନ, ଦୁଷ୍କୃତିନାଶନ ଓ ସନ୍ଥ ପାଳନ ଓ ପତିତ ଉଦ୍ଧାରଣ ଭଳି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ବ୍ରହ୍ମଙ୍କ ଇଚ୍ଛା ଓ ଆଦେଶ ଅନୁସାରେ ମାୟାଦ୍ୱାରା ତାଙ୍କ ସୃଷ୍ଟିରେ କାର୍ଯ୍ୟକାରୀ ହେଉଅଛି ।

(କ୍ରମଶଃ)

ପର ଆପଣାର ମନୋଭାବ ଛାଡ଼
ସଭିଏଁ ଭାଇଭଉଣୀ ।
ଯା'ଠାରେ ଯେପରି ସ୍ନେହଶ୍ରଦ୍ଧା ପ୍ରୀତି
ଦିଅ ଆପଣାର ମଣି ॥

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

ସବୁ ଦୁର୍ଗୁଣ ଛାଡି ଦେଇ ବାବୁ ପାଦରେ ଲଗାଅ ମତି ।
ହାତଧରି ପଥ ବତାଇ ଦେବ ସେ ସେତ ଅଗତିର ଗତି ॥

ତାହାରି କୋଳରେ ଜନମିଛ ଧନ ବଢୁଥିବ ତାହାରିକୋଳେ
ତାହାରିପାଦରେ ମଥା ନୋଇଁ ଦେଏ ପରମ ଭକତିଭୋଳେ ।

*କେବଳ ବୈଷୟିକ ଜ୍ଞାନ ଦେଇ ସାଂସାରିକ ଜୀବନ ପାଇଁ ସନ୍ତଦା କରିବାରେ ଧୁରନ୍ଧର କରିଦେଲେ ପିଲାମାନଙ୍କ ପ୍ରତି ପିତାମାତା/ଅଭିଭାବକ ମାନଙ୍କର ଦାୟିତ୍ୱ ସରିଯାଏ ନାହିଁ । ସଂସାର ପଥରେ ଯାତ୍ରା କରିବା ପାଇଁ ବୈଷୟିକ ଜ୍ଞାନ ସହିତ ଆଧାତ୍ମିକ ଦିଗ୍‌ଦର୍ଶନର ମଧ୍ୟ ଯଥେଷ୍ଟ ଆବଶ୍ୟକତା ରହିଛି । ଏହି ଆବଶ୍ୟକତା ଜୀବନରେ ଶାନ୍ତି ଓ ଆନନ୍ଦ ଭରିଦେବା ସହିତ ସମାଜରେ ନୀତି ଓ ଶୃଙ୍ଖଳା ରକ୍ଷା କରିବାରେ ବହୁତ ଅଭାବ ପୂରଣ କରେ । ସାମ୍ପ୍ରତିକ ସମାଜର ପୃଷ୍ଠଭୂମିରେ ବାଳକ ବାଳିକା/କିଶୋର କିଶୋରୀ ମାନଙ୍କୁ ମଣିଷ ପରି ମଣିଷ ଗଢ଼ି ତୋଳିବାର ଉପାଦାନ ଯୋଗାଇ ଦେବାର ବ୍ରତରେ ''ଚରମ'' ପୃଷ୍ଠାରେ ନିୟମିତ ଏହି ସ୍ତମ୍ଭ ସେହିମାନଙ୍କର କୋମଳ ହାତରେ ଉତ୍ସର୍ଗୀକୃତ -*

**''ଚରମ'' ସପ୍ତମ ପୁଷ୍ପ : ପ୍ରଥମ ପାଖୁଡ଼ା : ଦ୍ୱାତ୍ରିଂଶତ୍ତମ ସଂଖ୍ୟାର ଅନୁସୃତିରୁ :**

## ଦେବଶିଶୁ ସୁଧାନନ୍ଦ

ବୈଶାଖ ମାସର ସୋମବାର । ନିଛାଟିଆ ଖରାବେଳରେ ସୁଧାନନ୍ଦ କୋଠରୀ ମଧ୍ୟରେ ଶୋଇପଡ଼ିଥାଏ । ମାଆ ସାରଥୀ ପିଣ୍ଡାରେ ବସି ବିଞ୍ଚଣା ବୁଲାଉଥିବା ସମୟରେ କୋଠରୀ ମଧ୍ୟରେ ଝଣ ଝଣ ଶବ୍ଦ ଶୁଣିଲେ । ଉଠିଯାଇ ଦେଖିଲେ ପୂର୍ବର ସେହି ସାପଟି ସୁଧାନନ୍ଦର ମଥା ଉପରେ ଫଣା ଟେକି ରହିଛି । ସାରଥୀ ମନେ ମନେ ଈଶ୍ୱରଙ୍କୁ ପ୍ରାର୍ଥନା କଲେ । ସାପ ପୁଅର ଚାରିପାଖରେ ତିନିଥର ଚକ୍ର କାଟି ବୁଲିବା ପରେ ଅଦୃଶ୍ୟ ହୋଇଗଲା । ମାଆ ଶୋଇଲା ପୁଅକୁ ବଲବଲ ହୋଇଚାହିଁ ରହିଥିଲେ । ସତେ ଯେପରି ସେ ଜଡ ପାଲଟି ଯାଇଥିଲେ । ଏପରି ଅବସ୍ଥାରେ କେତେ ସମୟ ଗଡି ଯାଇଛି, କିଏ ଜାଣେ ?

ଏହି ସମୟରେ ଦ୍ୱାରଦେଶରେ ବେଦଧ୍ୱନି ଶୁଣାଗଲା । ସାରଥୀ ଉଠିଯାଇ ଦେଖିଲେ ଜଣେ ବାବାଜୀ । ସାଧୁ ମହାତ୍ମା । ଗୈରିକ ବାସ ପରିହିତ । ଶୁକ୍ଳକେଶ । ଶୁକ୍ଳଶ୍ମଶ୍ରୁ । ଲଲାଟରେ ଚନ୍ଦନ ସିନ୍ଦୁର । ସାରଥୀ ସଭକ୍ତି ପ୍ରଣାମ ଜଣାଇଲେ ସାଧୁଙ୍କର ପାଦତଳେ ମଥା ଛୁଆଁଇ । ଆଗନ୍ତୁକ ସାଧୁ କହିଲେ - ମାଆ, ମୁଁ ଆସିଛି । ମୋତେ ଚିହ୍ନି ପାରୁନାହଁ ମାଆ । ମୁଁ ଅମେଧାନନ୍ଦ । ତତ୍ତ୍ୱଗୁରୁ ଅମେଧାନନ୍ଦ । ମୋ ହାତରେ ସୁଧାନନ୍ଦକୁ ଦିଅ ମାଆ । ମୁଁ ତା'କୁ ମୋ ଆଶ୍ରମକୁ ନେଇଯିବି । ତା'କୁ ଉପଯୁକ୍ତ ଶିକ୍ଷାଦେଇ ମଣିଷଟିଏ କରି ଗଢ଼ି ତୋଳିବି ।

ତତ୍ତ୍ୱଗୁରୁ ଅମେଧାନନ୍ଦଙ୍କର ଉପଯୁକ୍ତ ସତ୍କାର କଲେ ସାରଥୀ । ଯଥା ସମୟରେ ସତ୍ୟବ୍ରତ (ସୁଧାନନ୍ଦର ପିତା) ମଧ୍ୟ ଆସି ପହଞ୍ଚିଲେ । ଅମେଧାନନ୍ଦଙ୍କର ପାଦତଳେ ଭକ୍ତିଭରେ ପ୍ରଣାମ କଲେ ଓ ତାଙ୍କର ଆସିବାର ଉଦ୍ଦେଶ୍ୟ ମଧ୍ୟ ଶୁଣିଲେ । ସୁଧାନନ୍ଦର ବାପାମାଆ (ସାରଥୀ ଓ ସତ୍ୟବ୍ରତ) ଅମେଧାନନ୍ଦଙ୍କୁ କ'ଣ ଉତ୍ତର ଦେବେ ଠିକ୍ କରିପାରୁ ନଥା'ନ୍ତି । ଅମେଧାନନ୍ଦ କିନ୍ତୁ ଅଟଳ, ଅଚଳ, ମହାମେରୁ । ସେ ସୁଧାନନ୍ଦକୁ ସାଥିରେ ଧରି ଆଶ୍ରମକୁ ଫେରିବେ । ସେ ଉପଦେଶ ଓ ସାନ୍ତ୍ୱନା ଦେଇ କହି ଚାଲିଥାଆନ୍ତି-ଏହି ନିଷ୍ପତ୍ତି ବିଧି ନିର୍ଦ୍ଦିଷ୍ଟ, ପୂର୍ବ ପରିକଳ୍ପିତ । ଏଥିରେ ବାଧା ଦେବା ଅର୍ଥ ଈଶ୍ୱରଙ୍କ ଇଚ୍ଛା ବିରୁଦ୍ଧରେ କାର୍ଯ୍ୟ କରିବା । ଏଥିରେ ଜଗତର ତ ମଙ୍ଗଳ ହେବ ନାହିଁ, ସୁଧାନନ୍ଦ ବା ତୁମ ପରିବାରର ମଧ୍ୟ କଲ୍ୟାଣ ହେବ ନାହିଁ । ପରମପିତା ତୁମ ଦୁହିଁଙ୍କର କାତର ପ୍ରାର୍ଥନା ଶୁଣି

ଜଗତର କଲ୍ୟାଣ ପାଇଁ ତୁମରି କୋଳରେ ଏ ଶିଶୁ ପୁତ୍ରକୁ ତୋଳି ଦେଇଛନ୍ତି । ତୁମେ ତା'କୁ ତା'ବାଟରେ ଯିବାକୁ ଛାଡ଼ିଦିଅ । ତା' ଚଲାପଥରେ କଣ୍ଟା ହୁଅ ନାହିଁ । ସେ ସଂସାର କରିବା ପାଇଁ ଜନ୍ମହୋଇ ନାହିଁ । ତା'ର କର୍ମ ସ୍ୱତନ୍ତ୍ର ।

ଏହି ସମୟ ମଧ୍ୟରେ ସୁଧାନନ୍ଦର ନିଦ ଭାଙ୍ଗି ଯାଇଛି । ସେ ଆସି ଦେଖେତ ଗୁରୁ ଅମେଧାନନ୍ଦ ଚକାସନରେ ବସିଛନ୍ତି । ମାତ୍ର ଆଠବର୍ଷର ଶିଶୁପୁତ୍ର ସୁଧାନନ୍ଦ ପରମ ଭକ୍ତିର ସହିତ ତତ୍ତ୍ୱଗୁରୁଙ୍କୁ ଭୂମିଷ୍ଠ ପ୍ରଣାମ କଲା । ଗୁରୁ ତା'ର ମଥା ଛୁଇଁ ଆଶୀର୍ବାଦ କଲେ - ''ଯଶସ୍ୱୀ ହୁଅ'' । ସବୁ ଜାଣିଲା ଶୁଣିଲା ପରି ସୁଧାନନ୍ଦ କହିଲା - ମୋତେ ଏବେ ଏହି ମୁହୂର୍ତ୍ତରେ ବିଦାୟ ଦିଅ ମାଆ । ମୁଁ ଗୁରୁଙ୍କ ସହିତ ତାଙ୍କ ଗୁରୁକୁଳାଶ୍ରମକୁ ଯିବି । ମୋତେ ଏ ଘରର ଚାରିକାନ୍ଥ ମଧ୍ୟରେ ବନ୍ଦୀ କରି ରଖ ନାହିଁ । ମୁଁ ଯେ ମୁକ୍ତି ଚାହେଁ, ମୁକ୍ତି ।

ଅନ୍ୟ ଉପାୟ ନପାଇ ମାତା ସାରଥୀ ଓ ପିତା ସତ୍ୟବ୍ରତ ସୁଧାନନ୍ଦକୁ ତତ୍ତ୍ୱଗୁରୁ ଅମେଧାନନ୍ଦଙ୍କ ହାତରେ ଟେକିଦେଲେ । ବୈଶାଖ ଅପରାହ୍ନରେ ସୂର୍ଯ୍ୟଙ୍କର ତେଜ ତଥାପି ନରମି ନଥାଏ । ଗୁରୁ ଅମେଧାନନ୍ଦଙ୍କ ପଛେ ପଛେ ଗୋଟିଏ ଗୋଟିଏ ପାଦ ବଢାଇ ଚାଲି ଯାଉଥାଏ ସୁଧାନନ୍ଦ । ଆଠବର୍ଷ ବୟସର ବାଳକ ସୁଧାନନ୍ଦ । ମୁକ୍ତି ପଥର ଯାତ୍ରୀ ସୁଧାନନ୍ଦ ମାଆଙ୍କର କୋମଳ କୋଳର ବନ୍ଧନ ତେଜି ଆଗକୁ ଆଗକୁ ଚାଲିଯାଉଥାଏ ତତ୍ତ୍ୱଗୁରୁଙ୍କ ପଛେପଛେ । କ୍ରମଶଃ ଦୂରକୁ ଦୂରକୁ, ଚକ୍ଷୁର ଅନ୍ତରାଳକୁ ଚାଲିଗଲା ସୁଧାନନ୍ଦ । ବାତ୍ସଲ୍ୟ ସ୍ନେହଭାରରେ ଭାଙ୍ଗି ପଡୁଥାଏ ମାତୃପିତୃ ହୃଦୟ । କି ଦାରୁଣ ଏ ବିଚ୍ଛେଦ ଯନ୍ତ୍ରଣା !!

ତତ୍ତ୍ୱଗୁରୁ ଅମେଧାନନ୍ଦ ନିର୍ବିକାର ଭାବରେ ଚାଲିଛନ୍ତି ଗୁରୁକୁଳ ଆଶ୍ରମ ଅଭିମୁଖରେ । ବୈଶାଖର ଶୁଷ୍କଧରଣୀରେ ତାଙ୍କ ପାଦର କାଠକଉ ଶବ୍ଦ କରୁଛି ଠକ୍ ଠକ୍, ଠକ୍ ଠକ୍ । କେତେ ନଦ ନଦୀ, କ୍ଷେତ ପ୍ରାନ୍ତର ଅତିକ୍ରମ କରି ଜଙ୍ଗଲ ପଥରେ ପହଞ୍ଚିଲେ ସେମାନେ । ବେଳ ସେତେବେଳକୁ ରତରତ । ସୂର୍ଯ୍ୟ ଅସ୍ତହେବାକୁ ସଜବାଜ ହେଲେଣି । ପଥଶ୍ରାନ୍ତିରେ କି କ'ଣ ହଠାତ୍ ଚୈତନ୍ୟ ହରାଇ ଅଚେତ ହୋଇଗଲା ସୁଧାନନ୍ଦ । ଅମେଧାନନ୍ଦ ସୁଧାନନ୍ଦର ଏ ଅବସ୍ଥାର କାରଣ ବୁଝି ପାରୁନଥାନ୍ତି । ହଠାତ୍ କ'ଣ କରିବେ ନ କରିବେ ଚିନ୍ତା କରୁଛନ୍ତି, ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ସେଠାରେ ଅକସ୍ମାତ୍ ଗୁରୁ ଅଖଣ୍ଡାନନ୍ଦ ଉପସ୍ଥିତ ହେଲେ । ଗୁରୁ ଅଖଣ୍ଡାନନ୍ଦ ଥିଲେ ସୁଧାନନ୍ଦର ପୂର୍ବଜନ୍ମର ଧ୍ୟାନଗୁରୁ । ସେ ଥିଲେ ଯୋଗସିଦ୍ଧ । ସୁଧାନନ୍ଦ ପୂର୍ବଜନ୍ମରେ ଥିଲା ଅଖଣ୍ଡାନନ୍ଦଙ୍କର ପ୍ରିୟ ଶିଷ୍ୟ । ସେ ସୁଧାନନ୍ଦର ଗୁରୁ ଆଶ୍ରମକୁ ଯିବା ବାଟରେ ଏ ଅବସ୍ଥା ଜାଣି ସେଠାରେ ସଶରୀର ଉପସ୍ଥିତ ହୋଇଥିଲେ । ସେ ଭଲ ରୂପେ ଜାଣିଥିଲେ ଯେ, ସୁଧାନନ୍ଦର ଭକ୍ତି ଓ ବିଶ୍ୱାସ ଥିଲା ଅତ୍ୟନ୍ତ ଦୃଢ଼ । ପୂର୍ବଜନ୍ମର ଧ୍ୟାନଯୋଗାଭ୍ୟାସ ତା'ଠାରେ କାର୍ଯ୍ୟ କରିବା ସ୍ୱାଭାବିକ । ସେ ସୁଧାନନ୍ଦକୁ ଅନୁଧ୍ୟାନ କରି ତା'ର ଭାବସମାଧି ଅବସ୍ଥା ପ୍ରାପ୍ତ ହୋଇଥିବାର ଜାଣିବାକୁ ପାଇଲେ । ତତ୍ତ୍ୱଗୁରୁ ଅମେଧାନନ୍ଦଙ୍କୁ ସେ ଏହି ତଥ୍ୟ ଜଣାଇଲେ । ଉଭୟଗୁରୁ ଅମେଧାନନ୍ଦ ଓ ଅଖଣ୍ଡାନନ୍ଦ ସେଠାରେ ସୁଧାନନ୍ଦର ଭାବ ସମାଧିସ୍ତର ଅତିକ୍ରମ ହେବା ପର୍ଯ୍ୟନ୍ତ ଅପେକ୍ଷା କଲେ । ଯଥା ସମୟରେ ସୁଧାନନ୍ଦର ଚେତା ଫେରିଲା । ସେ ସ୍ମିତହାସ୍ୟ ମୁଖରେ ଉଭୟଗୁରୁଙ୍କୁ ସଭକ୍ତି ଭୂମିଷ୍ଠ ପ୍ରଣାମ ଜଣାଇଲା ।

ଏହାପରେ ଗୁରୁଶିଷ୍ୟ ତିନିଜଣ ନିଘଞ୍ଚ ଜଙ୍ଗଲ ପଥରେ ଆଗେଇ ଚାଲିଲେ । ବୈଶାଖ ଶୁକ୍ଳପକ୍ଷର ଚନ୍ଦ୍ରକିରଣର ଅସ୍ପଷ୍ଟ ଆଲୋକ ମଧ୍ୟରେ ବନପଥରେ ପାଦଚାଲି ଆଗେଇ ଯିବାରେ ସେମାନେ ଅବଶ୍ୟ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନଥିଲେ । ସୁଧାନନ୍ଦ ମାତ୍ର ଆଠବର୍ଷର ବାଳକ ହୋଇଥିଲେ ମଧ୍ୟ ପୂର୍ବଜନ୍ମର ସଂସ୍କାରରୁ ଗୁରୁଦ୍ୱୟଙ୍କର ପଦାଙ୍କ ଅନୁସରଣ କରି ବନପଥରେ ଚାଲିବାରେ ଅସୁବିଧାରେ ପଡୁନଥିଲା । ସେମାନେ ଯଥା ସମୟରେ ଆସି ତତ୍ତ୍ୱଗୁରୁଙ୍କ ଆଶ୍ରମରେ ପହଞ୍ଚିଲେ । ଆଶ୍ରମ ରହଣି କାଳ ମଧ୍ୟରେ ଅମେଧାନନ୍ଦ ପ୍ରୀତ ହୋଇ ଅଖଣ୍ଡାନନ୍ଦଙ୍କୁ ଜ୍ୟୋତିର୍ମୟତତ୍ତ୍ୱ ପ୍ରଦାନ କଲେ ଓ ନବଦ୍ୱୀପକୁ ଯାଇ ସେଠାରେ ତପୋବନ ଆଶ୍ରମ କରି ରହିବାକୁ ଅନୁରୋଧ କଲେ । ତତ୍ତ୍ୱଗୁରୁ ଅମେଧାନନ୍ଦଙ୍କର ଅନୁରୋଧ ରକ୍ଷା କରି ଅଖଣ୍ଡାନନ୍ଦ ନବଦ୍ୱୀପକୁ ଗମନ କଲେ । ସେଠାରେ କୌଣସି ଏକ ନଦୀକୂଳର ମନୋରମ ବନ ମଧ୍ୟରେ ତପୋବନ ନିର୍ମାଣ କରି ଆଶ୍ରମ ପ୍ରତିଷ୍ଠା କଲେ ଓ ସେହି ଆଶ୍ରମରେ ଧ୍ୟାନଯୋଗ ସାଧନାରେ ରତ ରହିଲେ । (କ୍ରମଶଃ)

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ବିଳାସବ୍ୟସନପୂର୍ଣ୍ଣ ଜୀବନଚର୍ଯ୍ୟା ଆଧୁନିକ ଯୁଗର ଅନ୍ୟତମ ବିଶେଷତ୍ୱ । ବିଶେଷ ଭାବରେ ଏହି ବିଶେଷତ୍ୱ ସାମ୍ପ୍ରତିକ ଯୁବ ସମାଜ ଉପରେ ସୁଦୂରପ୍ରସାରୀ ପ୍ରଭାବ ପକାଇଛି । ଉଚ୍ଚଶିକ୍ଷିତ ଏହି ଯୁବଗୋଷ୍ଠୀ ଆଜି ଶିକ୍ଷାର କୋମଳ ଛାୟା ତଳେ ବିଳାସିତାର କୋମଳ ଶଯ୍ୟାରେ ନିଜକୁ ହଜାଇ ଦେଇଛି । ସଂଯମତା, ଆଦର୍ଶବୋଧ ଏବଂ ଜାତୀୟ ସ୍ୱାଭିମାନ ହରାଇ ବିଳାସୀ ଯୁବ ସମାଜ ଆଜି ବିଭ୍ରାନ୍ତ । ଜାତୀୟ ପରମ୍ପରା, ଜାତୀୟ ଗୌରବ, ଅଧ୍ୟାତ୍ମ ଉଦ୍ଦୀପିତ ପୁରାଣର ଭାବଧାରା, ଧର୍ମର ମହତ୍ତ୍ୱଠାରୁ ଯୁବଗୋଷ୍ଠୀ କ୍ରମଶଃ ଦୂରେଇ ଯାଉଥିବା ପରିଲକ୍ଷିତ ହୁଏ । ଏହି ସବୁ କାରଣରୁ ଯୁବ ସମାଜ ଆଜି ମାନବିକ ମୂଲ୍ୟବୋଧ ବୁଝି ନ ପାରି ସ୍ୱାର୍ଥପର, କଷ୍ଟ ଓ ଶ୍ରମକାତର, ବିଳାସୀ ଏବଂ ଆତ୍ମକୈନ୍ଦ୍ରିକ ହୋଇ ଉଠିଛି । ସେହି ଅମିତ ଶୌର୍ଯ୍ୟ ଓ ବୀର୍ଯ୍ୟର ଅଧିକାରୀ ଯୁବ ସମାଜର କଲ୍ୟାଣ ଲକ୍ଷ୍ୟରେ ''ଚରମ''ର ଏହି ଶ୍ରମ ଉତ୍ସର୍ଗୀକୃତ । ସେମାନଙ୍କର କଲ୍ୟାଣ କାମନାରେ ଏହି ସଂଖ୍ୟାରେ ସେମାନଙ୍କୁ ଆମର ଅର୍ଘ୍ୟ ।*

**'ଚରମ' : ସପ୍ତମ ପୁଷ୍ପ : ପ୍ରଥମ ପାଖୁଡ଼ା : ଦ୍ୱାତ୍ରିଂଶତିତମ ସଂଖ୍ୟାର ଅନୁସ୍ମୃତିରୁ :**

## ଶିକ୍ଷା : ଧର୍ମ : ସଂକୀର୍ଣ୍ଣତା

ଧର୍ମ ଏକ ପ୍ରକାର ଜୀବନ ପ୍ରବାହର ଗତି ନିରୂପକ । ଯେ କୌଣସି ଧର୍ମାନୁଷ୍ଠାନ କରିବାକୁ ଗଲେ, ଦେଶାଚାର ଓ କୁଳାଚାର ପ୍ରଭୃତିର ଆଶ୍ରୟ ନେବାକୁ ହୁଏ । କେବଳ ପାଣ୍ଡିତ୍ୟ ବଳରେ ଶାସ୍ତ୍ରାଦିର କ୍ରିୟାନୁଷ୍ଠାନ ସର୍ବତ୍ର/ସତ୍‌ମାର୍ଗଗାମୀ ହୋଇପାରେ ନାହିଁ । ଆଚାର ଆଚରଣ ହିଁ ସକଳ ଧର୍ମାନୁଷ୍ଠାନର ମୂଳ । କଥିତ ଅଛି : 'ଆଚାର ପ୍ରଭବୋ ଧର୍ମଃ ।' ଧାରଣ କରିବା ଅର୍ଥରେ 'ଧୃଡ୍' ଧାତୁରୁ ଧର୍ମ ଶବ୍ଦର ଉତ୍ପତ୍ତି । ମହାଭାରତର କର୍ଣ୍ଣପର୍ବରେ କୁହାଯାଇଛି - ଧାରଣ କରୁଥିବାରୁ ଏହାର ନାମ ଧର୍ମ । ଯାହାର  ଧାରଣ କରିବାର କ୍ଷମତା ଅଛି, ବାସ୍ତବରେ ତାହାହିଁ ଧର୍ମ । ଯାହା ବ୍ୟକ୍ତି, ଦମ୍ପତ୍ତି, ପରିବାର, ସମାଜ, ରାଷ୍ଟ୍ର ତଥା ବିଶ୍ୱ ଜୀବନକୁ ଧରି ରଖିଛି ବାସ୍ତବ ଜୀବନରେ ତାହାହିଁ ଧର୍ମ । ତେଣୁ ଏହା ମାନବ ସମାଜର ଜୀବନଯାପନ ପ୍ରଣାଳୀର ସମନ୍ୱିତ ଧାରା ଅଟେ । ଏହା ସନାତନ, ଏହା ଚିରନ୍ତନ, ଏହା ନିତ୍ୟନୂତନ, ଏହା ସତ୍ୟ ଓ ଶାଶ୍ୱତ । ଏହାର ଗତି ଓ ପ୍ରକୃତି ବିଶ୍ୱବ୍ୟାପୀ ଓ କେତେକାଂଶରେ ପରିବର୍ତ୍ତନଶୀଳ ହୋଇଥିଲେ ମଧ୍ୟ ଅନ୍ୟ କେତେକାଂଶରେ ଅପରିବର୍ତ୍ତନୀୟ । ନଦୀର ଗତିପଥ ଅବସ୍ଥାକ୍ରମେ ଭିନ୍ନଭିନ୍ନ ରୂପ ଧାରଣ କଲା ପରି ମାନବଜୀବନ ପ୍ରବାହ ମଧ୍ୟ ଦେଶକାଳପାତ୍ର ଅନୁସାରେ ବିଭିନ୍ନ ବିଚିତ୍ରତା ନେଇ ପ୍ରକାଶିତ ହୁଏ । ତଥାପି ନଦୀର ପ୍ରବହମାନ ସ୍ରୋତ ସକଳ ପରିବର୍ତ୍ତନ ସତ୍ତ୍ୱେ ନିମ୍ନଗାମୀ ହିଁ ହୋଇଥାଏ । କସ୍ମିନ୍‌କାଳେ ଉର୍ଦ୍ଧ୍ୱଗାମୀ ହୁଏ ନାହିଁ । ଧର୍ମ ସେହିପରି କାଳଭେଦରେ ସାମାଜିକ ଆବଶ୍ୟକତାକୁ ବିଚାରକରି ନୀତିଗତ ପରିବର୍ତ୍ତନ ଧାରାରେ ପ୍ରବାହମାନ ହେଉଥିଲେ ହେଁ ପ୍ରକୃତିଗତ ଭାବରେ ସ୍ଥିତିସ୍ଥାପକତା ରକ୍ଷା କରି ସତ୍ୟ, ଶାଶ୍ୱତ ଓ ସନାତନ ହିଁ ରହିଥାଏ ।

ଶାସ୍ତ୍ରାନୁସାରେ ପରିଚାଳିତ ମାର୍ଗକୁ ହିଁ ଧର୍ମ ବୋଲି କୁହାଯାଇଥାଏ । 'ଶ୍ରୁତିସ୍ମୃତିଭ୍ୟାଂ ଉଦିତୋଯଃ ସ ଧର୍ମ ପ୍ରକୀର୍ତ୍ତିତଃ ।' ଶ୍ରୁତି ଓ ସ୍ମୃତି ନିର୍ଣ୍ଣିତ ବିଧିବାକ୍ୟର ଅନ୍ୟ ନାମ ହିଁ ଧର୍ମ । ଅନ୍ୟତ୍ର ଅର୍ଥବାଦ ରୂପରେ ଯାହା ବିବୃତ ହୋଇଥାଏ, ତାହା ଧର୍ମ ନୁହେଁ ଧର୍ମର ଆଭାସ ମାତ୍ର । ଜୀବନରେ ଶାସ୍ତ୍ରବିଧି ନିର୍ଦ୍ଦିଷ୍ଟ କର୍ମାନୁଷ୍ଠାନ କରିବା ଦ୍ୱାରା ଧର୍ମ ରକ୍ଷା କରାଯାଏ । ଏହା ନକଲେ, ଉତ୍ଥାନ ପରିବର୍ତ୍ତେ ପତନ ହିଁ ଅନିବାର୍ଯ୍ୟ । ଧର୍ମ ହିଁ ମଣିଷକୁ

ପତନରୁ ରକ୍ଷା କରେ । ଯାହା ମନୁଷ୍ୟକୁ ପତନରୁ ନିବର୍ତ୍ତାଏ ବା ଧାରଣା କରି ରଖେ, ତାହାହିଁ ଧର୍ମ । ସେହିପରି ଯାହା ମନୁଷ୍ୟକୁ ପତନ କରିଦିଏ, ତାହାହିଁ ପାତକ । ଯେଉଁ ଆଚରଣ ଦ୍ୱାରା ଐହିକ ଓ ପାରତ୍ରିକ ଉଭୟ ଉନ୍ନତି ସମ୍ଭବ ହୋଇ ମୁକ୍ତି ମିଳେ, ତାହାରି ନାମ ହିଁ ଧର୍ମ । ଏହି ପ୍ରକାର ଧର୍ମାଚରଣ ଦ୍ୱାରା ଆତ୍ମ ଉପଲବ୍ଧି ଓ ଆତ୍ମଦର୍ଶନ ହୁଏ । ସେତେବେଳେ ବଡ଼ସାନ, ଭେଦାଭେଦ, ସ୍ପୃଶ୍ୟ ଅସ୍ପୃଶ୍ୟ ଜ୍ଞାନ ଆଉ ରହିନଥାଏ । ଧର୍ମାଚାରୀର ମନପ୍ରାଣ ହୃଦୟରେ ଅଦ୍ୱୈତ ଭାବ ସଞ୍ଚାରିତ ହୁଏ । ଶତ୍ରୁଭାବ ତିଳେ ମାତ୍ର ନରହି ମିତ୍ରଭାବ ଓ ଭ୍ରାତୃତ୍ୱ ଭାବରେ ତା'ର ଅନ୍ତଃକରଣ ଶୁଚିସ୍ନାତ ହୋଇଯାଏ । ଭଗବଦ୍‌ପ୍ରେମ ଉଚ୍ଛୁଳି ଉଠି ଜାଗତିକ ପ୍ରେମରେ ମହନୀୟ ହୁଏ । ବାଇବେଲ ('THE BIBLE') ର ମହନୀୟ ବାଣୀ ('YOU ARE FOR THE LORD, SO FOR OTHER') ସାକାର ହୁଏ, ବାସ୍ତବ ହୁଏ ।

ଯେଉଁଥିରୁ ଏହି ଶାଶ୍ୱତ ମାନବୀୟ ଭାବ ଶିକ୍ଷା କରାଯାଏ ତାହାହିଁ ବିଦ୍ୟା । ତେଣୁ ଏହା ଏକ ବୈଷୟିକ କାରବାର ନୁହେଁ , ବରଂ ଏହା ଆଧ୍ୟାତ୍ମିକ ବେଭାର ଅଟେ । ଏହି ପ୍ରକ୍ରିୟା ଦ୍ୱାରା ଯାହାର ବିନିମୟ ହୁଏ, ତାହା ପାର୍ଥିବ ସମ୍ପଦ ନୁହେଁ, ସ୍ୱର୍ଗୀୟ ବିଭବ । ଏହା ଦେବମାନବ ଉଭୟଙ୍କ ପାଇଁ ବିଭବ । 'ଆତ୍ମନି ଯତ୍‌ତଦ୍‌ ଆଧ୍ୟାତ୍ମିକମ୍‌' । ମନୁଷ୍ୟ ଏହି ଆଧ୍ୟାତ୍ମିକ ବିଭବ ବା ଜ୍ଞାନ ନିଜର ଧର୍ମ ବିଶ୍ୱାସର ପ୍ରଗାଢ଼ତାରୁ ହିଁ ଲାଭ କରେ । ଏହା ବ୍ୟକ୍ତିର ବ୍ୟକ୍ତିତ୍ୱର ପରିପକ୍ୱତା ପାଇଁ ଉଦ୍ଦୀପକର କାର୍ଯ୍ୟ କରିଥାଏ । ଈଶ୍ୱରଙ୍କୁ ସର୍ବଦା ନିଜ ସମ୍ମୁଖରେ ଆଦର୍ଶ ରୂପେ ସ୍ଥାପନ କରି ଓ ସେହି ଆଦର୍ଶ ଅନୁସରଣ କରି ବ୍ୟକ୍ତି ନିଜର ଜୀବନକାଳ ମଧ୍ୟରେ ସେହି ଈଶ୍ୱରପ୍ରାପ୍ତି ପାଇଁ ସଚେଷ୍ଟ ହୁଏ, ବ୍ୟକ୍ତିର ସ୍ୱଭାବ ଓ ଆବେଗ ତଦ୍ୱାରା ମାର୍ଜିତ ଓ ପରିବର୍ଦ୍ଧିତ ହୋଇଥାଏ । ସେ ଦିବ୍ୟାତ୍ମା ହୋଇଯାଏ ।

ପ୍ରକୃତିକୁ ଲକ୍ଷ୍ୟ କର । ପ୍ରକୃତିହିଁ ବ୍ରହ୍ମଙ୍କର ଅଂଶ ବିଶେଷ । ବ୍ରହ୍ମଙ୍କ ନିର୍ଦ୍ଦେଶରେ ପ୍ରକୃତିର କ୍ରିୟାକଳାପ ପରିଚାଳିତ । ଏହି ପ୍ରାକୃତିକ କ୍ରିୟାକଳାପରୁ ବ୍ରହ୍ମଙ୍କର ନିର୍ଦ୍ଦେଶ ଗ୍ରହଣ କର । ବୀଜଟିଏ ବୃକ୍ଷ ହେଉଛି । ମୁକୁଳଟି ପତ୍ର ହେଉଛି । କଢ଼ଟି ଫୁଲ ହେଉଛି । ଫୁଲଟିରୁ ଫଳ ଫଳୁଛି । ସାଁବାଳୁଆ ପ୍ରଜାପତିରେ ରୂପାନ୍ତରିତ ହୋଇପାରୁଛି । କୁତ୍ସିତରୁ ସୁନ୍ଦର ହେବା/କରିବା ପ୍ରକୃତିର ନିୟମ । ପଶୁତ୍ୱକୁ ବଳିଦେଇ ମାନବତ୍ୱ ଓ ମାନବତ୍ୱରୁ ଦେବତ୍ୱରେ ଉପନୀତ ହେବା ହିଁ ବ୍ରହ୍ମଙ୍କର ନିର୍ଦ୍ଦେଶ । ଏ ନିର୍ଦ୍ଦେଶର ଅବମାନନା କରି ଯଥେଚ୍ଛାଚାରୀ ହେବା, ମନମୁଖୀ ହେବା ବା ଯାହା ଇଚ୍ଛା ହେଉଛି ତାହା ମନର ଗୋଲାମ୍ ସାଜି କରିବା ଓ ସବୁ ଈଶ୍ୱରଙ୍କ ଇଚ୍ଛା ବୋଲି କହିହେବା ଦ୍ୱାରା ବ୍ରହ୍ମଦ୍ରୋହୀ ହେବା ବ୍ୟତୀତ ଅନ୍ୟ ଗତି ନଥାଏ । କୌଣସି ବ୍ରହ୍ମବାଦୀ ବ୍ୟକ୍ତି ଭୌତିକ ପ୍ରାପ୍ତି, ଭୌତିକ ଅଭିବୃଦ୍ଧି ଅନିତ୍ୟ ଶାନ୍ତି, ଦୈହିକ ସୁଖ ଓ ଏହି ପର୍ଯ୍ୟାୟଭୁକ୍ତ କିଛି ନା କିଛି କଦାପି କସ୍ମିନ୍‌କାଳେ ଚାହେଁ ନାହିଁ । ସେ ଆଧ୍ୟାତ୍ମିକ ଉନ୍ନୟନ, ଦିବ୍ୟ ଦର୍ଶନ ଓ ନିତ୍ୟ ଶାନ୍ତି ସତତ ଅନ୍ୱେଷଣ କରି ପାରିବାରିକ, ସାମାଜିକ, ଦାମ୍ପତ୍ୟ, ବୈଷୟିକ, ସାଂସାରିକ ବନ୍ଧନରୁ ମୁକ୍ତ ହେବାକୁ ଚାହେଁ । ବ୍ରହ୍ମଦର୍ଶୀ ମାନ ଅପମାନ, ସୁଖଦୁଃଖ, ପୁରସ୍କାର ତିରସ୍କାରକୁ ସମଦୃଷ୍ଟିରେ ଏକାପରି ଅନୁଭବ କରେ । ଏହି ଶିକ୍ଷା ହିଁ ପ୍ରକୃତ ଜ୍ଞାନ ପ୍ରଦାନ କରେ, ଏହି ଜ୍ଞାନ ପରିପକ୍ୱ ହୋଇ ବିଦ୍ୟାରେ ପରିଣତ ହୁଏ ଓ ଏହି ବିଦ୍ୟା ସକଳ ବନ୍ଧନରୁ ଜୀବ/ପ୍ରାଣୀକୁ ବିମୁକ୍ତ କରେ ।

ସକଳ ଧର୍ମର ମୂଳ ଲକ୍ଷ୍ୟ ଈଶ୍ୱର ବିଶ୍ୱାସ ମାଧ୍ୟମରେ ଈଶ୍ୱରୋପଲବ୍ଧି । ଯଦି ଏହା ସତ୍ୟ, ତେବେ ଧର୍ମାଚାର୍ଯ୍ୟମାନେ ଧର୍ମଧର୍ମ ମଧ୍ୟରେ ବିଭିନ୍ନତା ସୃଷ୍ଟି କରିଛନ୍ତି କାହିଁକି ? କାହିଁକି ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ବାଦବିବାଦର ସୂତ୍ରପାତ ହେଉଛି ? କାହିଁକି ଏ ଗୋଷ୍ଠୀ ସଂଘର୍ଷ ? କ୍ଷୁଦ୍ରକ୍ଷୁଦ୍ର ଝରଣା ମିଳି ନଦୀରେ ଓ ସମସ୍ତ ନଦନଦୀ ଯାଇ ସାଗରରେ ମିଳିତ ହୋଇ ନିଜ ନିଜର ସ୍ୱତନ୍ତ୍ର ସତ୍ତା ହରାଇ ଦେବା ପରି ସକଳ ଗୋଷ୍ଠୀ ଓ ସମ୍ପ୍ରଦାୟ ଏକ ଓ ଅଭିନ୍ନ ମାନବିକ ଧର୍ମସ୍ରୋତରେ ମିଳିତ ହୋଇଯିବାରେ ଯେଉଁ ଶାନ୍ତି ଓ ଦିବ୍ୟତ୍ୱ ରହିଛି, ତାହାର ମାଧୁର୍ଯ୍ୟ ଉପଲବ୍ଧି କରିବା ପାଇଁ ଆଗେଇ ଆସୁ ନାହାଁନ୍ତି କାହିଁକି ? ଏ ସକଳ ପ୍ରଶ୍ନର ଗୋଟିଏ ସାଧାରଣ ଉତ୍ତର ମିଳେ ସଂକୀର୍ଣ୍ଣତା । ସଂକୀର୍ଣ୍ଣ ମନୋଭାବ ପୋଷଣ କରୁଥିବା ଦୃଷ୍ଟିରୁ ଏହି ମହତ୍ତର କାର୍ଯ୍ୟ ଆଜି ସମ୍ପାଦିତ ହୋଇ ପାରିନାହିଁ, ପାରୁନାହିଁ । ସମଗ୍ରମାନବ ସମାଜ ଏକ ପରିବାରଭୁକ୍ତ, ଏକ କୁଟୁମ୍ବ । ଏହା ବସ୍ତୁତଃ ବେଦବାଣ,

ହୋଇ ରହିଯାଇଛି, କାର୍ଯ୍ୟତଃ ଆଚରଣରେ ବା ବ୍ୟବହାରରେ ଫୁଟି ଉଠି ନାହିଁ । ଏହା ଅବଶ୍ୟ ଅନେକାଂଶରେ ସତ୍ୟ । କିନ୍ତୁ ଆମ ବିଚାରରେ, ଏହି ସତ୍ୟର ଅନ୍ତରାଳରେ ଲୁଚି ରହିଛି ଆଉ ଏ ମହତ୍ତର ସତ୍ୟ । ତାହା ଉପରୋକ୍ତ ସକଳ ପ୍ରଶ୍ନର ଏକ ଅସାଧାରଣ ଉତ୍ତର, ମୀମାଂସା, ଲୀଳା । ତାହା ହେଉଛି ମାୟା । ବ୍ରହ୍ମପ୍ରକୃତି ମାଧ୍ୟମରେ ମାୟା ବିସ୍ତାର କରି ଲୀଳା ରଚନା କରି ଚାଲିଛନ୍ତି । କଣ୍ଟା ପାତିଲା ବାଛି ଦେଉଛନ୍ତି । ବଦ୍ଧମୁକ୍ତ ବାରି ଦେଉଛନ୍ତି । ସତ୍ୟ ଅସତ୍ୟ ନିର୍ଦ୍ଧାରଣ କରୁଛନ୍ତି । ବ୍ରହ୍ମଙ୍କର ଏହି ମହାଘୋର ପରୀକ୍ଷାରୁ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇ ପାରୁଛନ୍ତି କେତେଜଣ ଧର୍ମାଚାର୍ଯ୍ୟ ?

ଘୋର ଅନ୍ଧକାର ମଧ୍ୟରେ ଚନ୍ଦ୍ରକାନ୍ତ ମଣି ଆଲୋକ ବିତରଣ କରିବା ସଦୃଶ ସାଂସାରିକ ସକଳ ଦୁଃଖ ଜ୍ୱାଳା ଯାତନା ଯନ୍ତ୍ରଣା ମଧ୍ୟରେ ଚରମ ପୁରୁଷ ପରମ ପ୍ରେମମୟ ଠାକୁରେ ପରମଶାନ୍ତି ବିତରଣ କରି ମନୁଷ୍ୟ ସମାଜକୁ ମୁକ୍ତି ମୋକ୍ଷ ନିର୍ବାଣ ପଥରେ ଆଜି ପଥିକ କରିଦେଇଛନ୍ତି । ପଥିକର ପାଥେୟ ହେଉଛି ଧର୍ମଧାରା, କର୍ମଯୋଗ । ଯୁଗୋପଯୋଗୀ ପଦ୍ଧତିରେ ସାଧନ ପଥରେ ଆଗେଇ ଚାଲେ ଧିରେ ଧିରେ ପାଦେ ପାଦେ ସାଧକ ପଥିକ । କାର୍ଯ୍ୟତଃ ତାହାର ସ୍ଥୁଳ ଶରୀରରେ ଓ ସୂକ୍ଷ୍ମ ଭାବରାଜ୍ୟରେ ଦ୍ରୁତ ପରିବର୍ତ୍ତନ ଘଟେ । ଦୃଢ଼ ବିଶ୍ୱାସ, ନିଷ୍ଠା, ବିଧି, ପଦ୍ଧତି ଅନୁସାରେ ଧର୍ମଧାରାରେ ରହି କର୍ମଯୋଗ ଅଭ୍ୟାସ ବଳରେ ସାଁବାଳୁଆ ସୁନ୍ଦର ପ୍ରଜାପତିରେ ରୂପାନ୍ତରିତ ହୋଇଯାଏ, ବୀଜଟି ମଧ୍ୟରେ ଲୁଚି ରହିଥିବା ବିରାଟ ବୃକ୍ଷର ସମ୍ଭାବନା ସାକାର ହୁଏ । ପ୍ରତ୍ୟେକ ଜୀବର ଅନ୍ତଃକରଣରେ ଲୁଚି ରହିଥିବା ସୂକ୍ଷ୍ମ ବୀଜ ରୂପକ ସଂସ୍କାରର ଉଦ୍‌ଗମ ହୁଏ । ଠାକୁରଙ୍କର କରୁଣା କଲ୍ୟାଣ ଲାଭ କରି ଜୀବ ଧନ୍ୟହୁଏ, ଧନ୍ୟ ହୁଏ ତା'ର ଜନ୍ମ, ସାର୍ଥକ ହୁଏ ତା'ର ଜୀବନ, ସଫଳ ହୁଏ ତା'ର କର୍ମଯୋଗ, ଧର୍ମଧାରା ।

ରଜନୀର ଅନ୍ଧକାର ଘୋଟିଛି । ଅନ୍ଧକାରର ଆବରଣ ତଳେ ସକଳ ପଦାର୍ଥ ବିଦ୍ୟମାନ ଥିଲେ ମଧ୍ୟ ତାହା ବାରି ହେଉ ନାହିଁ । ସେହିପରି ମାୟାରେ ଅନ୍ଧକାର ଆମ ଚାରିପାର୍ଶ୍ୱରେ ଘୋଟି ଯାଇଛି । ସତ୍ୟ, ନିତ୍ୟ, ଶାଶ୍ୱତ, ସନାତନ ବିରାଜମାନ କରିଥିଲେ ମଧ୍ୟ ଆମେ ଚିହ୍ନି ପାରୁନାହୁଁ । ରଜନୀ ଶେଷରେ ନୂତନ ସୂର୍ଯ୍ୟୋଦୟର ଆଲୋକରେ ପାର୍ଥିବ ସକଳ ପଦାର୍ଥ ଦୃଶ୍ୟମାନ ହେବା ଭଳି ଥରେ ଆମ ହୃଦୟରେ ଜ୍ଞାନର ପ୍ରଦୀପ ଜଳି ଉଠିଲେ, ସକଳ ଦିବ୍ୟତ୍ୱ ଆମର ଦୃଷ୍ଟି ପଥାରୂଢ଼ ହେବ ହିଁ ହେବ । ପ୍ରତିଟି ହୃଦୟରେ ଦିବ୍ୟଜ୍ଞାନର ପ୍ରଦୀପ ଜଳାଇବାର ଦାୟିତ୍ୱ ଆମ ନିଜର, କର୍ତ୍ତବ୍ୟ ମଧ୍ୟ ଆମ ନିଜର । କର୍ମଯୋଗ ଆମକୁ କରିବାକୁ ହିଁ ହେବ, ଜ୍ଞାନଯୋଗରେ ଉପନୀତ ହେଲେ ତପ୍ରରେ ଭକ୍ତିଯୋଗରେ ଆମେ ତାଙ୍କର କରୁଣା କଲ୍ୟାଣ ଲାଭ କରି ତାଙ୍କର ପ୍ରକୃତ ପରିଚୟ ଅବଶ୍ୟ ପାଇବା ହିଁ ପାଇବା । ଜୀବକାଳ ସୀମିତ, ସମୟ ଗଡ଼ି ଚାଲିଛି, ଅବହେଳା କଲେ ଜୀବନ ଭେଳା କୂଳ ପହଞ୍ଚିବା ପୂର୍ବରୁ ବୁଡ଼ି ଯିବାର ସମ୍ଭାବନାକୁ ଏଡ଼ାଇ ଦିଆ ଯାଇ ନପାରେ । ବେଳହୁଁ ପଥ ବାଛି ନେବା ଶ୍ରେୟସ୍କର ।

ଘୋଟି ଆସୁଛିରେ କରାଳ କାଳ,
ଘୋସାରି ନେବ ତୋ ଆକର୍ଷି ବାଳ ।
ହୁଗୁଳା କଲୁଣି କରମ ଯୋଗ,
କରମେ ତୋ' ଲେଖା ଦୁର୍ଭୋଗ ଭୋଗ ।।
ଆଜିଠୁ ସତର୍କ ହୁଅ,
କାଳବାଳ ଧରି ଟାଣି ଟାଣି ନେବ
ତୁ ପଛେ ଘୋଡ଼େଇ ଶୁଅ ।।

# ଜିଜ୍ଞାସା : ଜିଜ୍ଞାସୁ

**ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ସହିତ ଆଧ୍ୟାତ୍ମିକ ଆଲୋଚନା ପ୍ରସଙ୍ଗେ**

**'ଚରମ' : ସପ୍ତମପୁଷ୍ପ : ପ୍ରଥମ ପାଖୁଡ଼ା : ୩୨ଶ ସଂଖ୍ୟାର ଅନୁସ୍ମୃତିରୁ :**

'ସନ୍ଦେଶପତ୍ର'ରେ ପତ୍ରସ୍ଥ 'ଦଶମୋଦକ'ର 'ଏକମୁଖୀଭାବ' ସମ୍ପର୍କରେ ଜିଜ୍ଞାସୁ ଭକ୍ତର ପ୍ରଶ୍ନ ଏବଂ ସରଳ, ସୁନ୍ଦର ବୋଧଗମ୍ୟ ଉତ୍ତର -

ଜିଜ୍ଞାସୁ : ଆଜ୍ଞା ଦଶମୋଦକର ଏକମୁଖୀ ଭାବଟି କିପରି ?

ଠାକୁର : ତୁମେ କ'ଣ ବୁଝିଛ କୁହ ?

ଜିଜ୍ଞାସୁ : ଜ୍ଞାନୀମାନେ ଯାହା ଲେଖିଛନ୍ତି, ଆଉ କହିଛନ୍ତି ଅଜ୍ଞାନମାନେ ତା'କୁ ବୁଝିବେ ଆଉ ତା' କଥା କହିବେ ?

ଠାକୁର : ସିଏ ପୁଣି ଲେଖା ହୋଇଛି କାହାପାଇଁ ?

ଜିଜ୍ଞାସୁ : ଯିଏ ଲେଖିଛନ୍ତି ତାଙ୍କରି ପାଇଁ । ଏକମୁଖୀ ଭାବ ତାଙ୍କରି ଭିତରେ ପରିସ୍ଫୁଟ । ସେହିଁ ଜାଣନ୍ତି ଏକମୁଖୀ ଭାବର ସ୍ୱାଦ । ଅନୁଭବ ତାଙ୍କରି ଭିତରେ ଜ୍ୱଳନ୍ତ । ଏଣୁ ସେମାନେ ଜଣେ ଜଣେ ପ୍ରତୀକ ।

ଠାକୁର : ଯାହା ପାଇଁ ଲେଖାଯାଇଛି ସେ ତାଙ୍କର ବୁଝିବେ । ତୁମକୁ କାହିଁକି ବୁଝାଯିବ ।

ଜିଜ୍ଞାସୁ : ଆମେ ଶୁଣିବୁ ।

ଠାକୁର : ଆମ ମୁହଁରୁ ଶୁଣିବ । ଆମ ମୁହଁକୁ ଚାହିଁଲେତ ।

ଜିଜ୍ଞାସୁ : ଆମେ ତ ଆପଣଙ୍କ ମୁହଁକୁ ଚାହିଁଛୁ ।

ଠାକୁର : ଆମେ କିନ୍ତୁ ଦେଖୁଛୁ ତୁମେ ତୁମ ମୁହଁକୁ ଚାହିଁଛ । ତୁମ ଆଖି ଯାହା ଦେଖୁଛି ତମେ ତ ତାହା ଦେଖୁଛ । ତୁମ କାନ ଯାହା ଶୁଣୁଛି ତୁମେ ତ ସେହି କଥା ଶୁଣୁଛ । ତୁମ ମୁଖ ଯାହା ଚାହୁଁଛି ତୁମେ ତାହା ଖାଉଛ । ତୁମ ମନ ଯାହା କହୁଛି ତୁମେ ତାହା କରୁଛ । ଆମ କଥାକୁ ତୁମ କାନ, ଆମ କର୍ମକୁ ତୁମ ଆଖି, ଆମର ଭାବକୁ ତୁମ ମନ ଯଦି ଦେଖନ୍ତା ତାହା ହେଲେ, ଆମେ ବୁଝନ୍ତୁ ତୁମେ ଆମ ମୁହଁକୁ ଅନାଇଛ ।

ଜିଜ୍ଞାସୁ : ଆପଣ ତ ସବୁବେଳେ ଆମକୁ ଦୋଷ ଦେଉଛନ୍ତି । ସବୁ କଥାରେ ଆମର ମର୍ମକୁ କାଢ଼ି ପଦାରେ ପକାଉଛନ୍ତି ।

ଠାକୁର : ଆମେ କ'ଣ ତୁମକୁ ଦୋଷ ଦେଉଛୁ । ଆମେ ଜୀବର ସ୍ୱଧର୍ମ କଥା କହୁଛୁ । ଜୀବ ଯଦି ଟିକେ ଗୁରୁଙ୍କ ଆଡ଼କୁ ଦୃଷ୍ଟି ଦିଅନ୍ତା ଗୁରୁଙ୍କର ଜ୍ଞାନ ତା ଭିତରକୁ ପ୍ରବେଶ କରିଯାଆନ୍ତା । ଜୀବର ପରା ଶୋଷଣ କରିବାର କ୍ଷମତା ଅଛି । 'ମା' ଠାରୁ ଛୁଆ କିପରି ଚୁଚୁମି ଚୁଚୁମି କ୍ଷୀର ଶୋଷି ପକାଉଛି । ଜୀବର ଧର୍ମ ଶୋଷଣ କରିବା । ଯେପରି ବ୍ଲଟିଙ୍ଗ ପେପର କାଳିକୁ ଶୋଷଣ କରି ନିଜେ କଳା ହୋଇଯାଏ । ଏହି ନ୍ୟାୟରେ ଗୁରୁଙ୍କ ମୁଖରୁ ଗୁରୁଜ୍ଞାନ ତୁମେ ଯଦି ଶ୍ରବଣରେ ଶୋଷଣ କରନ୍ତ, ତାହେଲେ ଗୁରୁଜ୍ଞାନ ତୁମ

ଭିତରକୁ ଶୋଷି ହୋଇଯାଇ ରଙ୍ଗ ବଦଳାଇ ଦିଅନ୍ତା । ଲକ୍ଷଣ ଚରିତ୍ରରେ ଫୁଟି ବାହାରନ୍ତା । ତୁମର କାନ କ'ଣ ଗୁରୁ ମୁଖରେ ଅଛି ? ନାଁ-ଖଚ ତୁଗୁଲିରେ ଅଛି । ତୁମର ମୁଖ ଯୁଆଡ଼େ ତୁମର ଗତିବି ସିଆଡ଼େ ।

ଜିଜ୍ଞାସୁ : ନାଁ, ଏଥର ଆମେ ଆପଣଙ୍କ କଥା ଶୁଣିବୁ । ଏବେ ଏହି ଏକମୁଖୀ ଭାବଟି କ'ଣ କୁହନ୍ତୁ ।'

ଠାକୁର : (ଟିକିଏ ନୀରବ ରହି...) (କହିବାକୁ ଲାଗିଲେ) - ମଣିଷର ଆଖି ସିନା ଏକ କିନ୍ତୁ ତା'ର ଦର୍ଶନ ଅନେକ । କାନ ସିନା ଏକ ତା'ର ଶ୍ରବଣ ଅନେକ । ମନ ସିନା ଏକ ତା'ର ଭାବ ଅନେକ । ଜିହ୍ୱା ସିନା ଏକ ତା'ର ସ୍ୱାଦ ଅନେକ । ଏକ ମୁଖରେ ଅନେକ ସ୍ୱାଦ, ଅନେକ ଶ୍ରବଣ, ଅନେକ ଦର୍ଶନ, ଅନେକ ଭାବ ଗୃହୀତ ହୋଇ ତହିଁରେ ମୁଖଗୁଡ଼ିକ ତଦାକାର ହୋଇ ଯାଉଛନ୍ତି । ଏଣୁ ମଣିଷର ବିଷୟ ଗ୍ରହଣ ରୂପୀ ମୁଖଗୁଡ଼ିକ ଏକ ହୋଇ ଅନେକ ବିଷୟ ଗ୍ରହଣ ହେତୁ ଅନେକ ହୋଇ ଅନେକ ଭାବରେ ଅନେକ କ୍ରିୟା ପ୍ରକାଶ କରୁଅଛନ୍ତି । ଏଣୁ ଏକମୁଖ ଅନେକ ମୁଖରେ ପରିଣତ ହେଉଛି ।

''ଅନେକ ମୁଖ ଏକ କରି ତହିଁ ବିହରେ ନର ହରି ।
ଏକ ମୁଖରେ ସବୁ ଖାଇ କିଛି ହିଁ କାରଣ ନ ହୋଇ ॥''

ଜିଜ୍ଞାସୁ : ଏପରି କ୍ରିୟା ତ ସ୍ୱଧର୍ମ ବଳରେ ହେଉଛି ।

ଠାକୁର : ଆମେ ତ ସେହି କଥା କହୁଛୁ ।

ଜିଜ୍ଞାସୁ : ଏଥିରେ ଜୀବର ଦୋଷ କ'ଣ ?

ଠାକୁର : କିଛି ଦୋଷ ନାହିଁ । ଫଳ କିନ୍ତୁ ଓଲଟା ।

ଜିଜ୍ଞାସୁ : ଫଳ କ'ଣ ଓଲଟା ?

ଠାକୁର : ପୂର୍ବରୁ କହିଛୁ ନିଧନ ନିଶ୍ଚିତ । ମନେ ପକାଅ ।

ଜିଜ୍ଞାସୁ : ତାହା ହେଲେ ଆମେ କ'ଣ କରିବୁ ?

ଠାକୁର : ଅନେକ ମୁଖକୁ ଏକ କରିବାର କ୍ଷମତା ତୁମର ଅଛି । ତୁମେ ଚାହିଁଲେ ଏକ କରିପାରିବ । ସୃଷ୍ଟିର ସମସ୍ତ ବିଷୟକୁ ମଣିଷ ଭୋଗ କରିବାକୁ ଆଶାୟୀ ହୁଏ । କିନ୍ତୁ କୁହ ସବୁ ଭୋଗ କରି ପାରେ କି ?

ଜିଜ୍ଞାସୁ : ନାଁ

ଠାକୁର : କାହିଁକି ଏପରି ହୁଏ ? ମଣିଷର ଆଶା ସିନା ଅନନ୍ତ କିନ୍ତୁ ଭୋଗ ତା'ର ସୀମିତ । ଗୃହିତ ବିଷୟର ଫଳ ଯେତିକି ମଣିଷ ଭୋଗ କରିବ ମାତ୍ର ସେତିକି, ଏହି ଜ୍ଞାନ ଏକ ମୁଖୀର ଏକ ଭାଗ । ଏହି ଜ୍ଞାନଟି ଯଦି ତୁମ ଭିତରେ ଗୃହିତ ହୁଏ, ଅନେକ ମୁଖର ବା ଅନ୍ୟର ଧନ ସମ୍ପତ୍ତି, ମାନ, ମର୍ଯ୍ୟାଦା, ସୁଖ, ଦୁଃଖ ତୁମର ଦର୍ଶନକୁ ପଶି ଆସିଲେ ମଧ ଏହି ଜ୍ଞାନ ଦ୍ୱାରା ତାହା ବିତାଡ଼ିତ ହୋଇଯାଏ । ନିଜର ପୁରୁଷାର୍ଥକୁ ବିବେଚନା କରିପାରିଲେ ଏକମୁଖୀ ଭାବ ଆସେ ।

ଜିଜ୍ଞାସୁ : କିପରି ?

ଠାକୁର : ଅନେକ ମୁଖର ଅନେକ ଦର୍ଶନ, ଶ୍ରବଣ ନିଜ ମୁଖରେ ମନନ ବା ଗୁଣନ ହୋଇଥାଏ । ଯଦି ବିବେଚନା କରାଯାଏ ଆଉ ପ୍ରଶ୍ନ କରାଯାଏ, ଅନେକ ମୁଖର ବା ଅନ୍ୟର ଭୋଗ ପଦାର୍ଥ ଗୁଡ଼ିକ ତମ ପାଇଁ ସିଦ୍ଧ କି ? ଦଶଟଙ୍କା ମଜୁରୀ ଅର୍ଜନ କରୁଥିବା ସିଦ୍ଧ ସାମର୍ଥ୍ୟ ଉଡ଼ାଜାହାଜରେ ଚଢ଼ିବାକୁ ଆଶାୟୀ ହେଲେ ହୋଇ ପାରିବକି ? ଯାହାର ଜାହାଜରେ ଚଢ଼ିବାର ସାମର୍ଥ୍ୟ ସିଦ୍ଧ ହୋଇଅଛି ସେ ସିନା ଚଢ଼ିବ । ଏହି ଦର୍ଶନ ଦଶଟଙ୍କା ମଜୁରୀ ପାଉଥିବା ମଣିଷ ମୁଣ୍ଡରେ ରହେ ନା ଦର୍ଶନ ଆସିଲେ ବି ମଧ ପୋଛି ହୋଇଯାଏ ? ଏହା ହେଉଛି ଏକ ମୁଖୀ ଭାବର ଏକ ଦର୍ଶନ ।

ଜିଜ୍ଞାସୁ : ଆଉ ସବୁ ଏକମୁଖୀର ଭାବ କିପରି ?

ଠାକୁର : ଅନେକ ପ୍ରକାର ଭାବ ଅଛି ।

ଜିଜ୍ଞାସୁ : ଆଉ ସବୁ କିପରି ଭାବ ଅଛି କୁହନ୍ତୁ ।

ଠାକୁର : ସଂସାର କରିବା ପାଇଁ ନାରୀଟିଏ ଦରକାର । ଏଥିପାଇଁ ପ୍ରତ୍ୟେକ ପୁରୁଷ ପାଇଁ ଗୋଟିଏ ନାରୀ ଓ ଗୋଟିଏ ନାରୀ ପାଇଁ ଗୋଟିଏ ପୁରୁଷ ଲୋଡ଼ା । ଏହା ହେଉଛି ସଂସାରର ବିଧାନ । ବିଧାତା ସୃଷ୍ଟ । ତୁମର ଦର୍ଶନ ପଥରେ ତୁମର ସ୍ତ୍ରୀ ଥାଇ ଯେତେବେଳେ ସ୍ୱଧର୍ମ ଜାତ ନେତ୍ର ଦ୍ୱାରା ଅନେକ ନାରୀର ରୂପ ଦର୍ଶନ ପଥକୁ ଆସି ତୁମ ଭିତରକୁ ପଶି ଆସନ୍ତି, ତୁମେ କ'ଣ ସମସ୍ତ ନାରୀର ରୂପ ତୁମ ମୁଣ୍ଡ ଭିତରେ ରଖ ? ନାଁ, ତୁମର ପ୍ରାପ୍ତ ସ୍ତ୍ରୀକୁ ମୁଣ୍ଡରେ ରଖ । ଅନେକ ଭାବକୁ ମନରୁ ଉଡ଼ାଇ ଦେଇ ଗୋଟିଏ ଭାବ ତୁମ ପାଇଁ ଯାହା ଗୃହିତ ତାହାକୁ ରଖିବା ହେଉଛି ଏକମୁଖୀ ଭାବର ଗୋଟିଏ ଭାବ ।

ଜିଜ୍ଞାସୁ : ଆଜ୍ଞା ଗୋଟିଏ କାମ କଲା ବେଳକୁ ଦଶଟା କଥା ମୁଣ୍ଡକୁ ଆସେ ।

ଠାକୁର : ଗୋଟିଏ କାମ କରିବାକୁ ଯାଇ ଦଶଟା କାମରେ ମୁଣ୍ଡ ପୂରାଇବା ଉଚିତ ନୁହେଁ । ଗୋଟିଏ କାମରେ କିପରି ଚରମ ହେବ ସେଇଆ କର ।।(କ୍ରମଶଃ)


ଛନ୍ଦା ଚରଣେ ବନ୍ଧା ଜୀବନ ।
ତୁମ ଗୁଣ ଚିନ୍ତି ଯାଉ ମୋ ଦିନ ।।

କାଳର ଗତି ଭୟଙ୍କର ।
ଧର୍ମଧାରାକୁ ଦୃଢ଼ କର ।।

ଚରଣେ ଶରଣ ମାଗୁଛି ।
ଭକତି ଶରଣ ଚିହ୍ନୁଛି ।।
ଏତିକି କରୁଣା ଦିଅନ୍ତୁ ।
ଭାବଡ଼ୋରେ ବାନ୍ଧି ରଖନ୍ତୁ ।।

# ରତ୍ନବେଦୀ

## ସମ୍ଭବାମି ଯୁଗେ ଯୁଗେ



*ଭାବ ବିନୋଦିଆ ଠାକୁର ଭାବ ସାଗର ସାଇଁ ।*
*ଭବ ସାଗରରୁ ଉଦ୍ଧାରି ଧରି ତାରିବା ପାଇଁ ॥*
*ଅବ୍ୟକ୍ତ ଅନାଦି ମଣ୍ଡଳ ଭେଦି ଧରି ଧରାଧାମରେ ।*
*ବିହରନ୍ତି ନିଶି ଦିବସ ବ୍ୟକ୍ତ ନରତନୁରେ ॥*
*ସୃଷ୍ଟିତତ୍ତ୍ୱ ବାଣ୍ଟି ଦିଅନ୍ତି ସାବଲୀଳ ରୀତିରେ ।*
*ଆଗେଇ ନିଅନ୍ତି ଜୀବକୁ ସୁସହଜ ଗତିରେ ॥*

*କର୍ମଫଳ ଭୋଗ କରିବା ପାଇଁ ଜୀବ ଧରାଧାମରେ ବାର ବାର ଜନ୍ମ ନିଏ । ଅନିତ୍ୟ, ଭୌତିକ, ନଶ୍ୱର ବିଷୟର ବିଷବନ୍ଧନରେ ବାନ୍ଧିହୋଇ ଜୀବ ଜନ୍ମମୃତ୍ୟୁଚକ୍ରରେ ନିକ୍ଷେପିତ ହୁଏ । ସ୍ରଷ୍ଟା ଜୀବ ମଧ୍ୟରେ ଦେଇଥିବା ବିଚାର ବିବେକ ବୁଦ୍ଧିର ସଦୁପଯୋଗ କରି ଜୀବ ପୁରୁଷାର୍ଥ ବଳରେ ମନ୍ଦରୁ ଭଲ ହୋଇପାରେ, 'କୁ' ରୁ 'ସୁ' ହୋଇପାରେ, ବିଷୟ ବନ୍ଧନରୁ ମୁକ୍ତ ହୋଇପାରେ । ଭଗବତ୍ କୃପା ଲାଭ କରିପାରେ । ଅଶାନ୍ତିରୁ ମୁକ୍ତ ହୋଇ ପ୍ରଶାନ୍ତ ଜୀବନ ଯାପନ କରିପାରେ । ସୃଷ୍ଟିତତ୍ତ୍ୱର ଏହି ନିଗୁଢ଼, ନିଗମ ରହସ୍ୟ ଉନ୍ମୋଚନର ପ୍ରୟାସ କରାଯାଇଛି ଏହି ସ୍ତମ୍ଭରେ ଧାରାବାହିକ ଭାବରେ -*

**'ଚରମ' : ସପ୍ତମପୁଷ୍ପ : ପ୍ରଥମ ପାଖୁଡ଼ା : ଦ୍ୱାତ୍ରିଂଶତିତମ ସଂଖ୍ୟାର ଅନୁଶ୍ରୁତିରୁ :**

## (୪୦) ରଜ୍ଜୁଗୁର୍ଜରୀ କୋଷ :

**ଜନନୀ ଜଠର ଜରାୟୁ**

### (୩) ମୈତୀମାୟା ସ୍ନାୟୁ :

ବ୍ରହ୍ମାଣ୍ଡ ତତ୍ତ୍ୱ ମତରେ ରଜ୍ଜୁଗୁର୍ଜରୀ କୋଷ ଶୃଣବୁଙ୍ଗର ସାହାଯ୍ୟ ନିଏ । ଏହା ସୂକ୍ଷ୍ମସୂତ୍ରରେ ପୂର୍ଣ୍ଣିମା, ସଂକ୍ରାନ୍ତି, ଅମାବାସ୍ୟା ଓ ଏକାଦଶୀ ତିଥିରେ ହରିଦ୍ରା ବର୍ଣ୍ଣ ଧାରଣ କରେ । ଏହା ଜୀବ ପିଣ୍ଡର ମାନସପଟରେ ଶାନ୍ତ, ସରଳ, ନିଷ୍କପଟ, ସ୍ପଷ୍ଟବାଦୀ ଭାବ ତୋଳେ । ଏହିଭାବ ବିଶେଷତଃ ଯୋଗୀମାନଙ୍କ ପକ୍ଷରେ ଅଧିକ ସ୍ପଷ୍ଟ ହୋଇଥାଏ । ଯୋଗୀମାନେ ଦୀର୍ଘଦିନ ଧରି ଯୋଗାଭ୍ୟାସ ବଳରେ ପିଣ୍ଡସ୍ଥ ବିଜେନ୍ଦ୍ରିୟ ବୃତ୍ତି ସକଳକୁ ଦମନ କରି ସତ୍ୟେନ୍ଦ୍ରିୟ ବୃତ୍ତି ପ୍ରକୋଷ୍ଠର ଦ୍ୱାର ଉନ୍ମୋଚନ କରିଥିବା କାରଣରୁ ସେମାନଙ୍କଠାରେ ଏହି ଭାବ ସ୍ପଷ୍ଟ ବାରିହୋଇଯାଏ । ସଂସାରୀମାନଙ୍କ କ୍ଷେତ୍ରରେ ଏହା ଅନ୍ୟ ଭାବ ତୋଳେ। ପୂର୍ଣ୍ଣିମାରେ ସଂସାରୀର ମାନସରେ ଝଗଡା କରିବାର ଭାବ ଉଦୟ ହୁଏ । ଗୃହସ୍ଥାଶ୍ରମରେ ଥିବା ସ୍ତ୍ରୀ/ପୁରୁଷର କ୍ରୋଧଭାବ ପ୍ରଚଣ୍ଡ ହୁଏ । ଏହି ଅବସ୍ଥାରେ ମସ୍ତିଷ୍କର ସଂଜ୍ଞାବାହୀ ସ୍ନାୟୁ ସୂକ୍ଷ୍ମରେ ଧବଳ ବର୍ଣ୍ଣ ଧାରଣ କରିଥାଏ । ଗୃହସ୍ଥ ସ୍ତ୍ରୀ ବା ପୁରୁଷ ନିଜ ନିଜର ବୁଦ୍ଧି ବିବେକ ବିଚାର ଓ ବୋଧ ଶକ୍ତି ପ୍ରୟୋଗ କରି କଳହ ଉପୁଜିଲେ ସଂଯମତା ରକ୍ଷାକରି ନୀରବ ରହିବା ଆବଶ୍ୟକ । ଏହାଦ୍ୱାରା ବିଜେନ୍ଦ୍ରିୟ ବୃତ୍ତି ପ୍ରଖର ହୋଇପାରେ ନାହିଁ । ଫଳତଃ ଗୃହରେ ଶାନ୍ତ ପରିବେଶ ରହିପାରେ । ସଂକ୍ରାନ୍ତି କଳାରେ ଗୃହସ୍ଥ ନାରୀମାନଙ୍କର

କଳହ ଉପୁଜିଲେ, ତାଙ୍କର କ୍ରୋଧ ଅଭିମାନ ସହିତ ମିଶ୍ରିତ ହୋଇ ଏକ ସପ୍ତାହ ପର୍ଯ୍ୟନ୍ତ ରହେ । ଏହାଦ୍ୱାରା ଗୃହରେ ନାନାଦି ବିଶୃଙ୍ଖଳା ଦେଖାଯାଏ । ସ୍ୱାମୀ ସ୍ତ୍ରୀ ମଧ୍ୟରେ ସୁସମ୍ପର୍କ ରହେ ନାହିଁ । ବାରମ୍ବାର ଗୃହରେ ଏହା ଘଟିଲେ, ଦାମ୍ପତ୍ୟ ଜୀବନର ମାଧୁର୍ଯ୍ୟ ନଷ୍ଟ ହୁଏ, ସନ୍ତାନ ସନ୍ତତିଙ୍କ ଉପରେ ଏହା କୁପ୍ରଭାବ ପକାଏ । ପୁତ୍ର କନ୍ୟାମାନେ ପିତାମାତାଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧାଶୀଳ ହୁଅନ୍ତି ନାହିଁ । ସେମାନଙ୍କ ମନରେ ବିକାର ଭାବ ଉଦୟ ହୁଏ ଓ ସେମାନଙ୍କର ଭବିଷ୍ୟତ ଜୀବନ ଦୁଃଖମୟ ହୋଇଥାଏ । ଏ ପ୍ରକାର ବିପର୍ଯ୍ୟୟରୁ ରକ୍ଷା ପାଇବାର ଏକମାତ୍ର ଉପାୟ-ନାରୀମାନେ ବିବେକ ବିଚାର ବୁଦ୍ଧି ଦ୍ୱାରା ବାକ୍ ସଂଯମତା ରକ୍ଷା କଲେ, କଳହ ଭୟଙ୍କର ରୂପ ଧାରଣ କରିପାରେ ନାହିଁ । ଗୃହର ଅବସ୍ଥା ଶାନ୍ତ ପଡିଯାଏ ।

ସମାଜରେ ଅନେକ ପରିବାରରେ ଦେଖାଯାଏ ଯେ ସ୍ତ୍ରୀର ସମସ୍ତ ଭଲଗୁଣ ଥିବା ସତ୍ତ୍ୱେ, ପତିବ୍ରତା ଓ ପତି ସୋହାଗିନୀ ହୋଇଥିଲେ ମଧ୍ୟ ଅନେକ ସମୟରେ ସ୍ୱାମୀ ପ୍ରତି କଟୁଭାଷା ପ୍ରୟୋଗ କରି ଝଗଡା ଆରମ୍ଭ କରେ । ଏପରି ସାମାଜିକ ଚିତ୍ର ବିରଳ ନୁହେଁ । ଏପରି ହେବାର କାରଣ ହେଉଛି ସ୍ତ୍ରୀର ସଂଯମତା, ଧୈର୍ଯ୍ୟ, ବିଶ୍ୱାସ ଆଦିର ଅଭାବ । ଧର୍ମଧାରା ଓ କର୍ମଯୋଗ ଅଭ୍ୟାସ ଦ୍ୱାରା ଏହା ପରିବର୍ତ୍ତନ ହୋଇଥାଏ । ଅବଶିଷ୍ଟ ଜୀବନକାଳ ଶାନ୍ତ ସୁନ୍ଦର ପାରିବାରିକ ବାତାବରଣ ମଧ୍ୟରେ କଟିଯାଏ ।

ସନ୍ତାନ ଜରାୟୁରେ ଥିବା ସମୟରେ ଗର୍ଭବତୀ ମାଆମାନେ ଝଗଡା କଲେ, ପାଞ୍ଚମାସରୁ ଆଠମାସ ନଅଦିନ ପର୍ଯ୍ୟନ୍ତ ମାଆର ମସ୍ତିଷ୍କ ଅଶାନ୍ତ ଅବସ୍ଥାରେ ରହେ । ମାନସିକ ଅସୁସ୍ଥତା (ମାନସିକ ରୋଗ) ଦେଖାଦିଏ । ଜରାୟୁ ଦୁର୍ବଳ ହୋଇଯାଇ ପରବର୍ତ୍ତୀ କାଳରେ ଜରାୟୁ ଓ ଜନନେନ୍ଦ୍ରିୟରେ ଅସାଧ୍ୟ ରୋଗ ସୃଷ୍ଟିହୁଏ । ଗର୍ଭସ୍ଥ ଶିଶୁ ରୁଗ୍ଣ ଅବସ୍ଥାରେ ଭୂମିଷ୍ଠ ହୁଏ । ସେହି ଶିଶୁର କିଶୋର ଅବସ୍ଥାରେ ମୈତୀମାୟା ସ୍ନାୟୁ ସାତବର୍ଷ ପାଞ୍ଚମାସ ପର୍ଯ୍ୟନ୍ତ ବିକାର ସୃଷ୍ଟି କରାଏ । ସେହି ଶିଶୁ ଶୈଶବ କାଳରେ ଅତି ମାତ୍ରାରେ କାନ୍ଦୁରା ହୁଏ ଓ ଚିଡ଼ା ପ୍ରକୃତିର ହୋଇଥାଏ । ମୈତୀମାୟା ସ୍ନାୟୁର ପ୍ରଭାବରୁ ଶିଶୁ ବିନାକାରଣରେ ବାରମ୍ବାର ଚମକି ପଡେ । ହାତଗୋଡ଼ ଛାଟେ । ଚିତ୍କାର କରି କାନ୍ଦେ । ପୁଣି ପର ମୁହୂର୍ତ୍ତରେ ଅକାରଣରେ ହସୁଥାଏ ।

ଆଜିକାଲି ସମୟରେ ଅନେକ ମାଆ ଜରାୟୁ କର୍କଟରୋଗ ବା ଜନନେନ୍ଦ୍ରିୟ କର୍କଟ ରୋଗରେ ଆକ୍ରାନ୍ତ ହେବାର ଏହାହିଁ କାରଣ । ସେମାନେ ଯଦି ବୋଧ ବିବେକ ଜ୍ଞାନ ଶକ୍ତି ଦ୍ୱାରା ନିଜକୁ ନିଜେ ସଂଯମ କରି କୁବାକ୍ୟ, କଟୁକଥା, ସନ୍ଦେହ, ଅବିଶ୍ୱାସ ଆଦି ପ୍ରୟୋଗ ନକରି ଶାନ୍ତ ସରଳ ରହିପାରନ୍ତେ, ତେବେ ସେମାନେ ନିଜନିଜକୁ ମସ୍ତିଷ୍କ ବିକାର ରୋଗ (ପାଗଳାମି), ଜରାୟୁ କ୍ୟାନସର, ଜନନେନ୍ଦ୍ରିୟ କ୍ୟାନ୍‌ସର୍ ଆଦି ଅସାଧ୍ୟ ରୋଗରୁ ରକ୍ଷା କରିପାରନ୍ତେ । ସନ୍ତାନସମ୍ଭବା ମାଆମାନେ ବାକ୍ ସଂଯମତା, ନୀରବତା, ଧୈର୍ଯ୍ୟ, ବିଶ୍ୱାସ ଆଦିର ପ୍ରୟୋଗ କରିପାରିଲେ, ରୁଗ୍ଣ ସନ୍ତାନ ଜନ୍ମ ଦିଅନ୍ତେ ନାହିଁ । ସୁସ୍ଥ ସୁନ୍ଦର ତେଜସ୍ୱୀ, ବୁଦ୍ଧିମାନ ସନ୍ତାନ ଜନ୍ମ କରି ନିଜ ପରିବାରକୁ ତଥା ସମାଜକୁ ଉପହାର ଦେଇ ପାରନ୍ତେ । ସମାଜକୁ ସୁସ୍ଥ ସୁନ୍ଦର ସବଳ କରି ଗଢ଼ି ତୋଳିବାର ଦାୟିତ୍ୱ ତେଣୁ ମାଆମାନଙ୍କର ଯଥେଷ୍ଟ ଅଧିକ । ମାଆମାନେ ଭଲ ହେଲେ, ସନ୍ତାନ ସନ୍ତତି ଭଲ ହେବେ । ଏ ସମାଜ ମଧ୍ୟ ଭଲହେବ ।

ଜରାୟୁରେ ମୈତୀମାୟା ସ୍ନାୟୁର କାର୍ଯ୍ୟ ଅତୀବ ବିଚିତ୍ର । ମାତୃଗର୍ଭର ଜରାୟୁରେ ପରଂବ୍ରହ୍ମ ଜୀବବ୍ରହ୍ମରେ ଅଂଶ ସ୍ୱରୂପ ବିରାଜମାନ କରି ଅଂଶଗ୍ରହଣ କରିବା ପରେ ମୈତୀମାୟା ସ୍ନାୟୁ ଜୀବକୁ ନିଜ କିରଣଦ୍ୱାରା ଆଭରଣ ଯୋଗାଇଥାଏ । ସେ ସମୟରେ ଚେତନଶୀଳା ମାଆ ସ୍ୱପ୍ନ ଆକାରରେ ପିଣ୍ଡପୁରୁଷଙ୍କୁ ଛାୟା ସଦୃଶ ଦେଖିଥାଏ । ଏହି ସ୍ନାୟୁ ଜୀବର ପ୍ରତ୍ୟେକ ଇନ୍ଦ୍ରିୟର ବଜନ ତଥା ସଂଯମତାରେ ସାହାଯ୍ୟ କରେ । ଜୀବର ଗତିଶୀଳ ଅବସ୍ଥାରେ ଏହି ସ୍ନାୟୁ ଶୁଣଭୃଙ୍ଗର ସାହାଯ୍ୟ ନେଇ ବଳର କମ୍ ବେଶିରେ ଚେତା ଶକ୍ତିର ସହାୟତାରେ ଅନ୍ୟ ମାଧମରେ ପରୀକ୍ଷା କରାଏ । କମ୍ ଶକ୍ତିରେ ଅଧିକ ଜିତାପଟ ପାଇବାର କାର୍ଯ୍ୟ ରକ୍ତୁଗୁର୍ଜରୀ କୋଷ ଦ୍ୱାରା ହୋଇଥାଏ । ଏହା ଜରାୟୁରେ ଥିବା ସମୟରେ ବ୍ରହ୍ମଙ୍କର ମେଧାହିତ ଶକ୍ତି ମାଧମରେ ସୂକ୍ଷ୍ମରେ ଗତିକରେ । ଜରାୟୁରେ ପ୍ରବେଶ କରିବା ଦିନ ମାଆର ଲକ୍ଷଣରୁ ଏହା ଜଣାପଡେ । ସେହିଦିନ ଠାରୁ ଏକମାସ ପର୍ଯ୍ୟନ୍ତ ମାଆକୁ ପିତା, କଷା, ଖଟା ଖାଇବାକୁ ରୁଚିକର ବୋଧହୁଏ । ମାଆର ମସ୍ତିଷ୍କ ଓଜନିଆ ଲାଗେ ଉଦର ଭାରା ଅଧିକ ଜଣାଯାଏ । ମାଆ ବସିପାରେ ନାହିଁ । ଶୋଇବାକୁ ଭଲପାଏ । ସମୟ ସମୟରେ ମାଆ ମୁରୁକି ହସେ ତ ପରମୁହୂର୍ତ୍ତରେ ବିନା କାରଣରେ କାନ୍ଦି ଉଠେ । ପିଣ୍ଡର ଭାରା ସହ୍ୟ କରି ନ ପାରି ମାଆ କାନ୍ଦିଥାଏ । (କ୍ରମଶଃ)









# କଲ୍ୟାଣ ଢାଳି ଦେବେ

[ପ୍ରଭୁଙ୍କର କଲ୍ୟାଣର ଧାରା ଅବିରତ ଝରିପଡୁଛି ବିଶ୍ୱବ୍ରହ୍ମାଣ୍ଡରେ-ସ୍ଥାବର, ଜଙ୍ଗମ, କୀଟପତଙ୍ଗ, ସରୀସୃପ, ପଶୁପକ୍ଷୀ, ବୃକ୍ଷଲତା, ଦେବ, ମାନବ, ଯକ୍ଷ, କିନ୍ନର ଏପରିକି ଜଡଚେତନ ସମସ୍ତଙ୍କ ପାଇଁ ସମାନ ଭାବରେ । ପରମପିତା ପରମପୁରୁଷ ମହାପ୍ରଭୁ କ'ଣ କେବେହେଲେ ଏଥିରେ ପାତର ଅନ୍ତର, ପର ଆପଣାର ଭାବନେଇ ପକ୍ଷପାତିତା କରି ପାରନ୍ତି ନା କରୁଛନ୍ତି ? ସକଳ ତାଙ୍କ ଠାରୁ ସୃଷ୍ଟ, ସମସ୍ତେ ତାଙ୍କର ପ୍ରିୟ ସନ୍ତାନ । ତେବେ ଅନେକେ ଦୀର୍ଘଶ୍ୱାସ ତ୍ୟାଗ କରି ଅଭିଯୋଗ କରନ୍ତି : ପ୍ରଭୁଙ୍କର ମୋ ପ୍ରତି କରୁଣା ଟୋପାଏ ନାହିଁ । ପ୍ରଭୁଙ୍କର କଲ୍ୟାଣ ମୁଁ ପାଇ ପାରୁନାହିଁ ।' କାହିଁକି ? କାହିଁକି ତେବେ ଆମର ଏହି ଅଭିଯୋଗ ? କାହିଁକି ଆମର ଏ ଅଭିମାନ ??

ପ୍ରଭୁଙ୍କର କରୁଣା କଲ୍ୟାଣ ପାଇଁ ଆମେ ଉନ୍ମୁଖ ନ ହୋଇ ବିମୁଖ ହୋଇ ରହିଲେ, ତାଙ୍କର ଅମୀୟ କରୁଣା ଓ କଲ୍ୟାଣ କଣାର ଅମୃତରସ ଆସ୍ୱାଦନ କରି ପାରିବାକି ? ଭାବି ଦେଖନ୍ତୁ - ବର୍ଷାଝରି ଚାଲିଛି ଅବିରତ ଅବିରାମ ଭାବରେ । କଳସୀଟିର ମୁହଁ ଉପରକୁ କରି ରଖିଲେ ସିନା ବର୍ଷାଜଳ କଳସୀ ମଧ୍ୟରେ ସଞ୍ଚିତ ହୋଇ ରହିବ । କଳସୀର ମୁହଁଟିକୁ ତଳମୁହାଁ କରି ରଖିଲେ ତା'ଗର୍ଭରେ ଜଳ ସଞ୍ଚିତ ହୋଇ ରହିବ କି ? ଏବେ ବୁଝନ୍ତୁ-ଆମର ଅଭିଯୋଗ ଓ ଅଭିମାନ ଯଥାର୍ଥ କି ?

ସ୍ୱୟଂ ନରନାରାୟଣ ମହାପ୍ରଭୁ ଜୀବ ଜଗତର ପାଇଁ କଲ୍ୟାଣ ଧାରା ବର୍ଷିଚାଲିଛନ୍ତି 'ଚରମ'ର ଏହି ସ୍ତମ୍ଭରେ । ଏଣିକି ଆମର ଦାୟିତ୍ୱ ଆମେ ତାଙ୍କର କଲ୍ୟାଣ ଓ କରୁଣାର ଧାରା ସଂଚୟ କରି ରଖିବା କିପରି ? ଦାୟିତ୍ୱ ସହିତ ଆମର ମଧ୍ୟ କିଛି ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ରହିଛି । ବୁଝେଁ କି ? ]

ସବୁତ ଦେଇଛ ଦେଉଛ ପ୍ରଭୁହେ
ଯୋଗ୍ୟତା ମୋର ମାପି ।
ତଥାପି କାହିଁକି ଅବୁଝା କରୁଛ
ମାୟାର ପ୍ରଲେପ ଲେପି ॥
ସବୁଠି ରହିଛ ସବୁତ ଜାଣୁଛ
ପ୍ରଭୁ, ସର୍ବଶକ୍ତିମାନ ।
କଲ୍ୟାଣ କରି କରୁଣା କରହେ
ତୁଟୁ ସବୁ ଅଭିମାନ ॥

'ଚରମ'ରେ ଧନ ମୋହର ହେଲା ପ୍ରଥମ ଦିନ ।

ଯେଦିନ ଆକୁଳେ କଲୁତୁ ଧର୍ମ ଧାରା ଗ୍ରହଣ ॥

ପାଶୋରି ଗଲୁକି ଧନରେ ସେ ଦିନର ଶପଥ ?

ପାଳୁଛୁ କି ତାହା କହିଲୁ ଧରି ସନ୍ଦେଶ ପଥ ??

ଅନାଇ ରହିଛି ତୋତେରେ ଧରି ଅବ୍ୟକ୍ତ ଆଶା ।

ବିଷୟା ନିଶାରେ ମାତିଲୁ କରି ମୋତେ ନିରାଶା ॥

ଦେବୁ ଦେବୁ ବୋଲି କହୁଛୁ ଗଣ୍ଠି ଫିଟାଉ ନାହୁଁ ।

ଝୁଲାମୁଣି ଖୋଲା ନ ହେଲେ କିଛି ପାଇବୁ କାହୁଁ ??

ସୁନାପିଲା ପରି ଧନରେ ଧାରା ନିତି କରିବୁ ।

ଦେହ, ମନ, ପ୍ରାଣ, ହୃଦୟ ନିରିମଳ ରଖିବୁ ॥

ମମତା ବାଣ୍ଟିବୁ ସଭିଙ୍କୁ ସର୍ବେ ଭାଇଭଉଣୀ ।

ଏହା ହେଲି ଭଲ ପାଇବୁ ବଡ ସାନ ନଗଣି ॥

କୁଟ କପଟତା ଛଳନା ମିଥ୍ୟାଚାର ତେଜିବୁ ।

ବୀଜମନ୍ତ୍ରଗୋଟି ନିୟତ ମାନସରେ ହେଜିବୁ ॥

ସମୟକୁ ଜାଣି ସକଳ କର୍ମ କରିବୁ ଧନ ।

ସମୟ ସମଷ୍ଟି ପିନାରେ ତୋର ସୁଖ ଜୀବନ ॥

ହେଳାରେ ସମୟ ଗଡାଇ କାର୍ଯ୍ୟନାଶ ନକର ।

ଦୃଢକରି ବୀଜମନ୍ତ୍ରକୁ ହୃଦୟରେ ତୁ ଧର ॥

ପ୍ରେମ କର ଏହି ସୃଷ୍ଟିକୁ ସୃଷ୍ଟି ମୋ ପ୍ରେମମୟ ।

କଲ୍ୟାଣ ଲଭିବୁ ଦେଖିବୁ ଜଗତ ବ୍ରହ୍ମମୟ ॥

ଝୁରିହେବୁଧନ ଗୁରୁଙ୍କୁ ଶୟନେ ଜାଗରଣେ ।

ଈର୍ଷା ହିଂସା କରି ଜୀବନ ନଜଳା ଅକାରଣେ ॥

ଭୁଲିଯା ଧନରେ ଅତୀତ ବର୍ତ୍ତମାନ ତୋ ପାଇଁ ।

ଅମୂଲ୍ୟ ରତନ ତୋହର ତା'ର ସରିକେ କାହିଁ ??

ପଦ୍ମପାଦେ ସଁପି ଦେଏରେ ତୋର ଭବିଷ୍ୟତକୁ ।

ସୁବର୍ଣ୍ଣ ପରଶ ଲଭିବୁ ଧନ ସତ ସତକୁ ॥

କହୁଛି କରୁଣା କଲ୍ୟାଣ ଚରମ ପ୍ରାପ୍ତି ହେଉ ।

ଯୁଗେଯୁଗେ ଭାବ ନାବ ତୋ' ପାଦେ ଛଟଣି ଥାଉ ॥

# କେଶବ କୈବଲ୍ୟ କଣିକା

☞ ମନୁଷ୍ୟ ମାନଙ୍କର ସୃଷ୍ଟି ବୈବସ୍ୱତ ମନୁଙ୍କ ଠାରୁ। ମନୁ ୮୪ ମଣ୍ଡଳ । ପ୍ରତ୍ୟେକ ମନୁମଣ୍ଡଳରୁ ମନୁଙ୍କ ଦ୍ୱାରା ଆକାଶ, ନଦନଦୀ, ବୃକ୍ଷଲତା, ଜୀବଜନ୍ତୁ ଆଦି ସୃଷ୍ଟି ହୋଇଛନ୍ତି ॥

☞ ନାରୀର ସ୍ତନଯୁଗଳରେ ସତ୍ତ୍ୱଗୁଣାଶ୍ରୟୀ ଅମୃତକଳା ରହିଛି । ପୁଣି ରଜତମଯୁକ୍ତ ଗୁଣଧର୍ମୀ ବିକୃତି କଳା ମଧ୍ୟ ରହିଛି ॥

☞ ଆଦେଶ ଅନୁଗାମୀ ହେବା ବହୁ ଉର୍ଦ୍ଧ୍ୱସ୍ତରର କଥା । ଉତ୍ତମ ଭକ୍ତମାନେ କେବଳ ଏହା ପାଳନ କରି ନୀରବରେ କର୍ମ ବାହିନେଇ ଆଦେଶ ଅନୁଗାମୀ ହୋଇଥାଆନ୍ତି ।

☞ ବହୁ ବୋଧଶକ୍ତି ଦ୍ୱାରା ସହିଷ୍ଣୁତା ଗୁଣ ଆହରିତ ହୋଇଥାଏ ॥

☞ ବହୁ ବାଧାବିଘ୍ନ ଏଡାଇ ଆଗେଇ ପାରିଲେ, ବହୁ ଧକ୍କା ମାଡଖାଇ, ଅପମାନ ଲାଞ୍ଛନା ସହି ପାରିଲେ ଯାଇ ଏକମୁଖୀ ବା ଅନ୍ତର୍ମୁଖୀ ହୋଇପାରିବ, ନତୁବା ନାହିଁ ॥

☞ ଯେଉଁ ସ୍ତ୍ରୀ କୁଳଧର୍ମ ଅତିକ୍ରମ କରି କୁଳଟା ହୁଏ ବା କୌଣସି ପୁରୁଷ ଯଦି ନିଜର ସ୍ୱଧର୍ମ ଲଂଘନ କରି ସ୍ୱେଚ୍ଛାଚାରୀ ବା ଅସଂଯମୀ ହୁଏ, ତେବେ ସେମାନେ ଅସତ୍ ପଥରେ ଗତି କରନ୍ତି । ସେମାନେ କାହାରି ପରାମର୍ଶ ଗ୍ରହଣ କରନ୍ତି ନାହିଁ କିମ୍ବା ଅନୁଚିତ କର୍ମରେ ନିଷେଧ କଲେ ମଧ୍ୟ ଶୁଣନ୍ତି ନାହିଁ । ଅତ୍ୟଧିକ ଇନ୍ଦ୍ରିୟ ପରବଶ ହୋଇ ସେମାନେ ମ୍ଲେଚ୍ଛତ୍ୱ ପ୍ରାପ୍ତ ହୁଅନ୍ତି ।

☞ ଉଚ୍ଛୃଙ୍ଖଳ, ଦୁଶ୍ଚରିତ୍ର, ସ୍ୱେଚ୍ଛାଚାରୀ, ଅସଂଯମୀ, ଇନ୍ଦ୍ରିୟପରବଶ, ଭୋଗବିଳାସୀ ମ୍ଲେଚ୍ଛ : ସେ ପୁରୁଷ ହେଉ ବା ସ୍ତ୍ରୀ ହେଉ, ମତ୍ତହସ୍ତୀ ପରି କୌଣସି ବାରଣ ନମାନି ମରଣପଥରେ ମାଡ଼ିଚାଲେ, ସମ୍ମାନନୀୟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନ ନଦେଇ ବା ତାଙ୍କ ନିଷେଧ ଉପଦେଶ ନଶୁଣି କିମ୍ବା ଗୋଷ୍ଠୀ ପ୍ରତି ଦାୟିତ୍ୱ, କର୍ତ୍ତବ୍ୟକୁ ଭ୍ରୂକ୍ଷେପ ନ କରି ଯଥେଚ୍ଛାଚାରରେ ଚଳି ଆପଣା ଆପଣେ ନିଜର ମୃତ୍ୟୁକୁ ଖୋଜି ଲୋଡ଼ି ବଳେ ବଳେ ଆଲିଙ୍ଗନ କରେ । ସେମାନଙ୍କୁ ମୃତ୍ୟୁମୁଖରୁ କିଏ ବା ରକ୍ଷା କରି ପାରିବ ??

☞ ଈଶ୍ୱରଙ୍କ ନିବାସସ୍ଥଳ ପ୍ରତ୍ୟେକ ପ୍ରାଣୀ, ତରୁ, ତୃଣ, ଆକାଶ, ପବନ, ବିଶ୍ୱଜଗତ ସର୍ବତ୍ର । ତାଙ୍କ ସୃଷ୍ଟିରେ ଶ୍ରେଷ୍ଠ ଜୀବନ ମନୁଷ୍ୟ । ସେ ଯେତେବେଳେ ଯାହା ଇଚ୍ଛା କରିବେ, ମନୁଷ୍ୟ ମନ ଭିତରେ ସେପରି ଭାବନା ସୃଷ୍ଟି କରାଇ ଦେବେ । ମନୁଷ୍ୟ ରୂପରେ ହେଉ କିମ୍ବା ମନୁଷ୍ୟ ଦ୍ୱାରା ହେଉ, ଈଶ୍ୱର ତାଙ୍କର ଲୀଳା ବିଧାନ କରିଥାଆନ୍ତି । ତୁମମାନଙ୍କର ଏକମାତ୍ର ଏକାନ୍ତ କର୍ତ୍ତବ୍ୟ ହେଉଛି ମାନବ ସମାଜର ମଙ୍ଗଳବିଧାନ ଏବଂ ବିଶ୍ୱକଲ୍ୟାଣରେ ନିଜକୁ ପୂର୍ଣ୍ଣତଃ ସମର୍ପଣ କରିଦେବା ॥

☞ ମନୁଷ୍ୟର ନିଜ ଇଚ୍ଛାରେ ବା ଆୟତ୍ତରେ କିଛି ନାହିଁ । ସେ କେବଳ ତା'ର କର୍ମ କରିଚାଲିବ । ଭବିଷ୍ୟତ ଫଳ ମନୁଷ୍ୟ ହାତରେ ନାହିଁ । ଜଣେ ସର୍ବୋଚ୍ଚ କର୍ତ୍ତା ପରମାତ୍ମା ପରମେଶ୍ୱର ନିଶ୍ଚୟ ଅଛନ୍ତି । ତୁମେ ମୋହ ବଶତଃ ତାଙ୍କ ବିଷୟରେ ଚିନ୍ତା କରି ନାହଁ, ବରଂ ଅବହେଳା ବା ଅବମାନନା କରି ଆସିଅଛ । ଫଳତଃ ବିଷାଦରେ ଏବଂ ଦୁଃଖରେ ଭାସୁଭାସୁ ତାହାକୁ ପରମ ସୁଖ ଭାବି ପ୍ରତିଦିନ ପ୍ରତିମୁହୂର୍ତ୍ତରେ ନରକଗାମୀ ହେଉଛ ॥

☞ ଜୀବନର ଏହି ମାପ, ଲିତା, ବିଲିତା, ଦଣ୍ଡ, ଘଡ଼ି, ପ୍ରହର ପ୍ରତିଟି କାଳ ମାପ ଅତ୍ୟନ୍ତ ମୂଲ୍ୟବାନ । ସମୟଠାରୁ ଅମୂଲ୍ୟ ଦ୍ରବ୍ୟ ଆଉ ଅଧିକ କିଛି ହୋଇନପାରେ । ଏପରି ଅମୂଲ୍ୟ ସମୟକୁ ଭୋଗବିଳାସର ଲାଳସାରେ ନଷ୍ଟକରି ଜୀବନକୁ ଭ୍ରଷ୍ଟ କରୁଛ କାହିଁକି ? ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ଓ ଉଜ୍ଜ୍ୱଳତମ ପଥ ହେଉଛି ଈଶ୍ୱର ଆରାଧନା ଓ ଧର୍ମୋପାସନା ।

☞ ଧନ ହିଁ ଶ୍ରୀ । ଯେଉଁ ବ୍ୟକ୍ତି ଧନୀ ହୋଇ କୌଣସି ମୁହୂର୍ତ୍ତରେ ନିଜକୁ ଶ୍ରୀମାନ୍ ବୋଲିଭାବେ, ତାହାର ଶ୍ରୀ ତୁଟି ଯାଏ । କାରଣ, ଲକ୍ଷ୍ମୀଙ୍କର ଅନ୍ୟନାମ ଚଞ୍ଚଳା । ସେ ଏକାନ୍ତକ୍ରମେ ଗୋଟିଏ ସ୍ଥାନରେ ଦୀର୍ଘକାଳ ଅବସ୍ଥାନ କରନ୍ତି ନାହିଁ ।

☞ ଆମ ପାଖକୁ ନ ଛାଡିବା ପାଇଁ ଯିଏ ଜଗିଛି, ତା' ପ୍ରତି ସେହି ଆଦେଶ ରହିଛି । ସେ ଆଦେଶ ଲଂଘନ କରି ଦର୍ଶନ ନିମନ୍ତେ ବାରଣଥିବା ସମୟରେ ସେ ଛାଡିଦେବ କିପରି ? ଯେଉଁମାନେ ବାରଣ ନମାନି ସେ ସମୟରେ ଆମକୁ ଦର୍ଶନ କରିବା ପାଇଁ ଚାହୁଁଛନ୍ତି, ସେମାନେ ମଧ ମନେ ରଖିବା ଦରକାର, ସେ ସମୟରେ ଆମକୁ ଦର୍ଶନ ନକରିବା ପାଇଁ ସେମାନଙ୍କୁ ମଧ ନିଷେଧ କରାଯାଇଛି ଓ ତାହା ଆମର ଆଦେଶ ।

☞ ଆମର ସନ୍ନିଧାନକୁ ଆସି କେବଳ ମୁହଁକୁ ଚାହିଁ ବସି ରହିବା ଓ ସୁବିଧା ସୁଯୋଗ ଦେଖି କାରଣ ଅକାରଣରେ ହେଁ ହେଁ ଫେଁ ଫେଁ ହେବା ଗୋଟିଏ ଧନ୍ଦାରେ ପରିଣତ ହୋଇଗଲାଣି । ନା ଅଛି ଆଧ୍ୟାତ୍ମିକ ବା ଗଠନମୂଳକ ଆଲୋଚନା, ନା ଅଛି ନିଜର ବ୍ୟକ୍ତିଗତ ସାଧନା ସମ୍ପର୍କୀୟ ସନ୍ଦେହ ବା ଗ୍ରନ୍ଥି ମୋଚନ !! ଆଧ୍ୟାତ୍ମିକ ଆଲୋଚନା ଆରମ୍ଭ ହେଲେ ବରଂ ସେମାନଙ୍କର ମୁଣ୍ଡବିନ୍ଧା ଆରମ୍ଭ ହୋଇଯାଉଛି । ଏକଥା ମୁଣ୍ଡରେ ପଶୁନାହିଁ କହି ଆପଣା ଆପଣାର ବିଷୟଜଞ୍ଜାଳର ସମସ୍ୟା ମାନ ଗପି ଚାଲୁଛନ୍ତି । ସେମାନେ ବୁଝିପାରୁ ନାହାନ୍ତି, ସମସ୍ୟା ସବୁବେଳେ ରହିଛି, ରହୁଛି, ଜୀବନ ସାରା ଲାଗି ରହିଥିବ । 'ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ ।' ତାହା ଅନେକ ବୁଝୁ ନାହାନ୍ତି । ବୁଝିପାରୁ ନାହାନ୍ତି ॥

☞ ଦୁନିଆରେ ଭଲ ପାଇବା ଅଛି । ଏକାନ୍ତରେ କଣ କହିବାର ଅଛି । ଯେତେବେଳେ ଭଲପାଇଛ, ସେଠାରେ ଆତ୍ମସମ୍ମାନ କଥା ଉଠୁଛି କେଉଁଠୁ ? ବ୍ରହ୍ମଜ୍ଞାନ ସିନା ନିରୋଳାରେ ଏକାନ୍ତରେ କୁହାଯାଉଥିଲା । ଆମେ ଭାବୁଁ ସେହି ବ୍ରହ୍ମଜ୍ଞାନ ଆଲୋଚନା ପାଇଁ ନିରୋଳା ଚାହୁଁଛନ୍ତି । କିନ୍ତୁ ନିରୋଳା କଥାରେ କିଛି ହିଁ ନାହିଁ ॥

☞ ସମସ୍ତଙ୍କ ଭିତରେ ଆଚରଣ ରହିଛି । ସବୁବେଳେ ଦେଖୁଛ । ଆଚରଣରେ ବ୍ୟତିକ୍ରମ ହେଲେ, ବୁଡିବାର କଣ ଅଛି ?

# ଅଚ୍ୟୁତଙ୍କ ଲେଖନୀରୁ ଉଦ୍ଧୃତ 'ଗାଈ ଉଦଣ୍ଡ ହୋଇଲାରେ' ର ସରଳ ବ୍ୟାଖ୍ୟା

ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ମଧୁସ୍ରାବୀ ଲେଖନୀ ପ୍ରସ୍ରବିତ ଅନ୍ୟାନ୍ୟ ବହୁ କ୍ଷୁଦ୍ର କବିତା ଭଳି ଉଦ୍ଧୃତ କବିତାର ଭାଷା ବିନ୍ୟାସ, ଭାବ ବିନ୍ୟାସ, ଶୈଳୀବିନ୍ୟାସ ଏବଂ ରସଚର୍ଯ୍ୟା ଯେପରି ଅପୂର୍ବ, ସେହିପରି ଅନୁପମ । ପ୍ରତୀକ ପ୍ରୟୋଗରେ ସିଦ୍ଧଶିଳ୍ପୀ ଅଚ୍ୟୁତାନନ୍ଦଙ୍କର ଆଲୋଚ୍ୟ କବିତାର ପ୍ରଯୁକ୍ତ ସାଂକେତିକତା କବିତାର ବାହ୍ୟ ସ୍ୱରୂପକୁ ହୃଦୟସ୍ପର୍ଶୀ କରିବା ସହିତ ଏହାର ଅନ୍ତଃସ୍ୱର ଭକ୍ତି ଉଦ୍ରେକକାରୀ ଯୋଗ ଓ ସାଧନା ମାର୍ଗ ପ୍ରଦର୍ଶନରେ ସଫଳ ଓ ସାର୍ଥକ ।

ଗାଈକୁ ଏଠାରେ ଗାୟତ୍ରୀ (ଓଁ ଭୂଃ ଭୁବଃ ସ୍ୱଃ ମହଃ ଜନଃ ତପଃ ସତ୍ୟ ଆପ ଜ୍ୟୋତିର ସସ୍ୱତ ବ୍ରହ୍ମଂ ସ୍ୱହଂ ହଂସ)ର ପ୍ରତୀକ ଭାବରେ ଗ୍ରହଣ କରାଯାଇଅଛି । ଗାୟତ୍ରୀ ଗାଈ ହେଲେ, ଚେତନା ଏଗାଈର ଜଗୁଆଳ, ଜ୍ୟୋତି ପଘାରେ ଏହା ବନ୍ଧା ହୋଇଛି । ସୁମେରୁ ଖୁଣ୍ଟରେ ଜ୍ୟୋତିପଘାର ଗଣ୍ଠି ପଡିଛି । ହେତୁ ପାଞ୍ଚଣରେ ଏ ଗାଈକୁ ଆକଟ କରାଯାଉଛି । ଏ ଗାଈ ର ଧାପ ଥରକୁ ପାଞ୍ଚଯୋଜନ । ଏହି ଗାଈ ଶରୀର ରୂପକ ଗୁହାଳରେ ରହି ଉଦଣ୍ଡ ବା ପୁରୁଷାକର ଶକ୍ତିରେ ପରିଣତ ହେଉଛି । ଗୋପପୁର ବୋଇଲେ ଗୋପପାଟଣା ବା ଗୋଲାହାଟ । ଏହା ବ୍ରହ୍ମର ଲୀଳା ଭୂମି । ଏଠାରେ ଯାଉଁଳି କବାଟ ଓଲଟା ଲାଗିଛି । ମନପବନ ସେଠାକୁ ଯାଇ ପାରେ ନାହିଁ । ଷଣ୍ଢ ହେବାର ଅର୍ଥ ହେଉଛି ପୁରୁଷାକାର ଶକ୍ତିର ଉଦ୍ରେକ, ପ୍ରକାଶ ଓ ବିକାଶ କରିବା । ଆଧ୍ୟାତ୍ମିକ ଜୀବନରେ ପରମାର୍ଥ ପ୍ରାପ୍ତି ନିମନ୍ତେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଆଦି ପୁରୁଷାକାରର ପ୍ରୟୋଗ ଆବଶ୍ୟକ ହୋଇଥାଏ । ଶରୀର ଗାଈର ବାସସ୍ଥାନ ହେଲେ ମଧ୍ୟ ଗାୟତ୍ରୀ ରୂପକ ଗାଈ ଶରୀରରେ ରହି ଶରୀରକୁ ଗାଈରେ ମଧ୍ୟ ପରିଣତ କରି ଦେଇ ପାରେ । ତେଣୁ କୁହାଯାଇଛି, ତ୍ରିଗୁଣରେ ଗାଈ ଛନ୍ଦା ହୋଇଅଛି' ଅର୍ଥାତ୍ ଶରୀର ସତ୍ତ୍ୱ, ରଜ, ତମ, ଦ୍ୱାରା ଛନ୍ଦଣୀ ହୋଇଅଛି । ଯେକାକ୍ଷର ବୀଜ ବୋଇଲେ ଏକାକ୍ଷର ବୀଜ 'ଓଁ' । ଜ୍ଞାନମିଶ୍ରା ଭକ୍ତି ମାର୍ଗର ଉପାସକମାନେ 'ଓଁ' ଉପାସନା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି । ଏହା ପ୍ରଣବ ମନ୍ତ୍ର ଅଟେ ॥୧॥

ଗୋପ ବୋଇଲେ ଗୋଲାହାଟ, ବ୍ରହ୍ମ ନିବାସସ୍ଥଳ । ସେଠାରେ ଗାଈ ଗାୟତ୍ରୀ ରୂପରେ ଦୁର୍ଦ୍ଦଣ୍ଡ ଓ ପ୍ରଚଣ୍ଡ ଅର୍ଥାତ୍ ପୁରୁଷାର୍ଥ ପ୍ରବଳ ହୋଇ ଯୋଗୀର ଯୋଗସାଧନା ପଥରେ ଥିବା ସମସ୍ତ ବାଧାବିଘ୍ନ ଓ ବାଧକ ପ୍ରତିବନ୍ଧକକୁ ଭାଙ୍ଗିଚୁରି ଚୂନା କରିଦିଏ ଓ ସାଧନାର ପଥ ସାଧକ ଯୋଗୀର ଅଗ୍ରଗତି ନିମନ୍ତେ ପରିଷ୍କାର ଓ ଉନ୍ମୁକ୍ତ କରିଦେଇପାରେ । ସେତେବେଳେ ଗାଈ ଯୋଗମାୟାଙ୍କର ଭୂମିକା ଗ୍ରହଣ କରିନେଇଥାଏ । କଂସ ବୋଇଲେ ଯମ । ଏଠାରେ ଯମର ଅର୍ଥ କାଳ ନୁହେଁ । ଅଷ୍ଟାଙ୍ଗ ଯୋଗର ପ୍ରଥମ ସୋପାନ ଯାତନା, ଯନ୍ତ୍ରଣା ଅର୍ଥରେ ଏଠାରେ ସାଙ୍କେତିକ ଭାଷାରେ ମହାପୁରୁଷ ପ୍ରତୀକାତ୍ମକ ପ୍ରୟୋଗ କରି କବିତାରେ କବି ଚାତୁର୍ଯ୍ୟ ଦକ୍ଷ ବିନ୍ଧାଣୀ ସ୍ୱରୂପ ଖଞ୍ଜିଦେଇଅଛନ୍ତି । ସାଧକ ଯୋଗ ସାଧନାର ପ୍ରାଥମିକ ସ୍ତରରେ ଶାରୀରିକ ଯାତନା ଓ ଯନ୍ତ୍ରଣା ଭୋଗ କରେ । ସେହି ଯାତନା ଓ ଯନ୍ତ୍ରଣା ଭୋଗ ଅବସ୍ଥାରେ ଯୋଗୀ ସାଧକ ଭୟଭୀତ ହୋଇଯାଏ । ଯେଉଁ ସାଧକ ଭୟଭୀତ ଓ କାତର ହୋଇ ସାଧନା ତ୍ୟାଗ କରେ, ସେ ରସାତଳଗାମୀ ହୁଏ, ଉର୍ଦ୍ଧ୍ୱସୋପାନକୁ ଆରୋହଣ କରିପାରେ ନାହିଁ ॥୨॥

ପରମ ପଞ୍ଚବୀଜ ମଧ୍ୟରୁ ହ୍ରୀଂ, କ୍ଲୀଂ, ପ୍ରୀଂ ତିନିଗୋଟି ବୀଜ । ହ୍ରୀଂ-ପରାବୀଜ ଓ ବଳଦେବଙ୍କର ପ୍ରତୀକ, କ୍ଲୀଂ-କାମବୀଜ, କୃଷ୍ଣ ଜଗନ୍ନାଥଙ୍କର ପ୍ରତୀକ ଏବଂ ପ୍ରୀଂ-ପରମବୀଜ, ବିନ୍ଦୁବ୍ରହ୍ମଙ୍କର ପ୍ରତୀକ । ଏହି ତିନିଗୋଟି ପରମ, ପରା ଓ କାମ ବୀଜ ନୈମିଷ୍ୟା ଅରଣ୍ୟର ଅର୍ଥାତ ତ୍ରିକୂଟ ସନ୍ଧିରେ ଠୁଳ ହୋଇଥାଏ । ଯୋଗୀ ଏହି ତିନିବୀଜକୁ ଅଜପା ସୂତ୍ରରେ ଅନବରତ ଜପି ପାରିଲେ ପ୍ରାଣାୟାମ ସୂତ୍ରରେ ନିଃଶ୍ୱାସ ପ୍ରଶ୍ୱାସକୁ ଛନ୍ଦି ପାରିବ । ଅର୍ଥାତ୍ ପ୍ରାଣ ପବନ ସ୍ୱତଃ ନିୟନ୍ତ୍ରିତ ହୋଇଯିବ । ଏହି ପଦରେ ଦ୍ୱିତୀୟ ପାଦରେ ଅଜପା ସୂତ୍ରକୁ ସହଦେବ ମନ୍ତ୍ର ଏବଂ ପ୍ରାଣ ପବନକୁ ଗାଈ ବୋଲି ସଙ୍କେତ ଦିଆ ଯାଇଛି । ଯମ, ନିୟମ, ଧାରଣା ଓ ଧ୍ୟାନ - ଏହି ଚାରିଗୋଟି ସୋପାନ ଅତିକ୍ରମ କଲେ, ଯୋଗୀ ପ୍ରାଣାୟାମ ସାଧନ ସ୍ତରରେ ପହଞ୍ଚିପାରେ । ମହାପୁରୁଷ ଥିଲେ ସିଦ୍ଧଯୋଗୀ ତେଣୁ ତାଙ୍କର ପ୍ରତ୍ୟେକ ରଚନାରେ ଯୋଗ ମାର୍ଗର ତତ୍ତ୍ୱ ବହୁଳ ଭାବରେ ପ୍ରଖ୍ୟାପିତ ହୋଇଥିବାର ପରିଲକ୍ଷିତହୁଏ ।

ଅତୀବ ମଧୁର ସୌନ୍ଦର୍ଯ୍ୟବୋଧର ସହିତ ରସଚର୍ଯ୍ୟାକୁ ଲକ୍ଷ୍ୟରେ ରଖି ଅଚ୍ୟୁତାନନ୍ଦ ଭାବ ଅନୁଯାୟୀ ଭାଷା ପ୍ରୟୋଗ ଓ ସୁନିର୍ବାଚିତ ଶବ୍ଦ ଗୁମ୍ଫନ କରି ଥାଆନ୍ତି ।।୩।।

ପୂର୍ବରୁ ଆଲୋଚିତ ତଥ୍ୟାନୁସାରେ ଏଠାରେ ଗାଈର ଚାରିଗୋଟି ଚୀର (ଥନ) ବୋଲି ବର୍ଣ୍ଣନା କରାଯାଇଛି । ପ୍ରଥମତଃ-ଚାରିଗୋଟି ଥନର ଅର୍ଥ ଚାରିମାତ୍ରା ଅର୍ଥାତ୍ ଆ ବି ଦେ ଓ, ଦ୍ୱିତୀୟରେ ଚାରି ଗୋଟି ଥନର ଅର୍ଥ ଚାରି ଅକ୍ଷର ଅର୍ଥାତ୍ ଅହଣକ, ତୃତୀୟତଃ ଚାରିଗୋଟି ଥନର ଅର୍ଥ ଚଉପଥ ଅର୍ଥାତ୍ ସତ୍ୟ ଶାନ୍ତି ଦୟା କ୍ଷମା ଏବଂ ଚତୁର୍ଥରେ ଚାରିଥନର ଅର୍ଥ ଚତୁର୍ବର୍କା ଅର୍ଥାତ୍ ଉର୍ମ୍ମି, ଧୂର୍ମ୍ମି ଜ୍ୟୋତିଃ ଏବଂ ଜ୍ୱାଳା ଅଟେ । ଯୋଗ ମାର୍ଗରେ ଶରୀରାର୍ଥରେ, ପିଣ୍ଡତତ୍ତ୍ୱରେ, ସାଧନା ସୋପାନରେ ଏବଂ ବ୍ରହ୍ମାଣ୍ଡମତରେ ମହାପୁରୁଷ ଏହି ଗୂଢ଼ ତତ୍ତ୍ୱ ସାଙ୍କେତିକ ସାନ୍ଧ୍ୟ ଭାଷାରେ ପ୍ରକାଶ କରି ସ୍ୱୀୟ ପାଣ୍ଡିତ୍ୟ ଓ ସିଦ୍ଧିର ପରାକାଷ୍ଠା ପ୍ରଦର୍ଶନ କରିଅଛନ୍ତି । ଯୋଗୀ ସାଧକ ବ୍ୟତୀତ ଏ ତତ୍ତ୍ୱ ହୃଦୟଙ୍ଗମ ବା ଉପଲବ୍ଧ କରିବା ସାଧାରଣଙ୍କ ପକ୍ଷରେ ସାଧ୍ୟାତୀତ । ପୁନଶ୍ଚ ଏହି ତତ୍ତ୍ୱ ଅନୁଭବ ସାପେକ୍ଷ ଓ ଅନୁଭବ ସୂକ୍ଷ୍ମାନୁଭୂତି ସାପେକ୍ଷ ହୋଇଥିବାରୁ ସ୍ଥୂଳ ଶବ୍ଦ ବା ଭାଷାରେ ସର୍ବସାଧାରଣଙ୍କ ବୁଝିବା ପାଇଁ ପ୍ରକାଶ କରିବା ମଧ କଠିନ ବ୍ୟାପାର ଅଟେ । ସେହି ଚାରିଗୋଟି ଥନ ମଧ୍ୟରୁ ଗୋଟିଏ ଚୀର ପାତାଳ ଅର୍ଥାତ୍ ଆଣ୍ଠୁଠାରୁ ତଳକୁ କ୍ଷୀର ବା ଜ୍ଞାନରସ ପ୍ରଦାନ କରେ । ଏହା ଶରୀରରେ ଚୈତନ୍ୟମୟ (ଚୈତନୀୟ) ଚିତ୍ତ ସ୍ନାୟୁ ଦ୍ୱାରା କାର୍ଯ୍ୟକାରୀ ହୁଏ । ଅନ୍ୟ ଗୋଟିଏ ଚୀର ମର୍ତ୍ତ୍ୟ ବା ମର୍ତ୍ତ୍ୟମଣ୍ଡଳକୁ ଅର୍ଥାତ୍ ଆଣ୍ଠୁଠାରୁ କଣ୍ଠଦେଶ ପର୍ଯ୍ୟନ୍ତ କ୍ଷୀର ବା ଜ୍ଞାନରସ ଦିଏ । ଏହା ଯୋଗୀ ଶରୀରରେ ହୃତୈରୀ ସ୍ନାୟୁକୋଷ ଦ୍ୱାରା କାର୍ଯ୍ୟକାରୀ ହୁଏ । ତୃତୀୟ ଚୀରଟି ସ୍ୱର୍ଗପୁର ଅର୍ଥାତ୍ କଣ୍ଠ ଉପରକୁ ସମଗ୍ର ମସ୍ତକରେ କ୍ଷୀର ଜ୍ଞାନରସ ପ୍ଲାବନ କରେ । ଏହା ଯୋଗୀ ପିଣ୍ଡରେ ଶୈତ୍ରିକ ସ୍ନାୟୁ ମଣ୍ଡଳ ଦ୍ୱାରା କାର୍ଯ୍ୟକାରୀ ହୋଇଥାଏ । ଅବଶିଷ୍ଟ ଚତୁର୍ଥ ଚୀର ଟିକୁ ବାଞ୍ଝ ଶୋଷି କ୍ଷୀର ବା ଜ୍ଞାନରସ ପାନକରେ । ଏଠାରେ ବାଞ୍ଝ ବୋଇଲେ ଜୀବ ଶରୀରରେ କାରଣ ସ୍ୱରୂପରେ ଅଧିଷ୍ଠିତ କାରଣ ବା ପରମଙ୍କୁ ବୁଝାଯାଏ । ଏହି କ୍ରିୟା ଯୋଗୀସାଧକର ଶରୀରରେ ମୁଣ୍ଡୁଛି ସ୍ନାୟୁଦ୍ୱାରା ସୂକ୍ଷ୍ମସୂତ୍ରୀୟ କ୍ରିୟା ମାଧ୍ୟମରେ ସମ୍ପାଦିତ ହୋଇଥାଏ ।।୪।।

ଷଡ଼୍‌ମୁଖୀ ଗାଈ ବୋଇଲେ ଷଡ଼୍‌ଚକ୍ରଯୁକ୍ତ ଶରୀର । ଶୂନ୍ୟେ ପହ୍ନାଇଛିର ଅର୍ଥ ହେଉଛି - ଶୂନ୍ୟ ବୋଇଲେ ସହସ୍ରାର ଓଲଟମୁଖୀ ସହସ୍ରଦଳ ପଦ୍ମ । ସେଠାରେ କ୍ଷୀର ବା ଜ୍ଞାନରସର କ୍ଷରଣ ହୁଏ । ଯୋଗୀ ଯୋଗମାର୍ଗରେ ଗତିକରି ପ୍ରାଣାୟାମ ପରେ ପ୍ରତ୍ୟାହାର ସୋପାନ ଅତିକ୍ରମ କରି ସମାଧି ସୋପାନରେ ଉପନୀତ ହୁଏ । ସମାଧି ସୋପାନ ଶ୍ରେଣୀରେ ଆରୋହଣ କରି ନିର୍ବିକଳ୍ପ ସମାଧି ସ୍ତରରେ ପହଞ୍ଚିଲେ ପରା ପଶ୍ୟନ୍ତି ମଧ୍ୟମା ବୈଖରୀ ଏହିପରି ଚତୁଃସ୍ତରୀୟ ଜ୍ଞାନ ରସର କ୍ଷରଣ ହୁଏ । ଏହା ଯୋଗୀ ପିଣ୍ଡରେ ଅଦ୍ୱୀୟେ କୁଣ୍ଡଳ ଚକ୍ରରେ ସମ୍ପାଦିତ ହୁଏ । ପଚାଶ ବାଛୁରୀ ଭେଇ'ର ଅର୍ଥ ହେଉଛି - ପଚାଶ ଅକ୍ଷର (ଅ ଠାରୁ ଃ ପର୍ଯ୍ୟନ୍ତ) । ଜୀବ ଶରୀରରେ ବିଭିନ୍ନ ଚକ୍ରରେ ଏହି ଅକ୍ଷର ଗୁଡିକ ଅବସ୍ଥିତ ଅଛନ୍ତି । ପରମବ୍ରହ୍ମ, ଅକ୍ଷର ବ୍ରହ୍ମ ଅଟନ୍ତି । ତାଙ୍କଠାରୁ ଏହି ପଚାଶ କ୍ଷରିତ ବର୍ଣ୍ଣ ସୃଷ୍ଟି ହୋଇଥିଲେ ମଧ ତାଙ୍କୁ ନିରାକାର, ନିରାମୟ, ନିର୍ବିକଳ୍ପ ରୂପେ କଳ୍ପନା କରାଯାଏ, ତେଣୁ ଏଠାରେ ତାଙ୍କୁ ପ୍ରତୀକାତ୍ମକ ସାଙ୍କେତିକ ସାନ୍ଧ୍ୟ ଭାଷାରେ ବାଂଝ ବୋଲି କୁହାଯାଇଅଛି ।।୫।।

ପରମ ରୂପୀ ଗାଈ ଜୀବ ପିଣ୍ଡରେ ରହି ଜୀବକୁ ଦୁର୍ଦ୍ଦଣ୍ଡ, ଉଦ୍ଭ୍ରାନ୍ତ କରିପକାଏ । ଯୋଗସାଧନାର ପଥ ବା ଧାରା ତ୍ୟାଗ କରିଥିବା ଜୀବ ଜଗତରେ ନାନାପ୍ରକାର ଉଦ୍ଭ୍ରାନ୍ତକାଣ୍ଡ ଦୁର୍ଦ୍ଦାନ୍ତ ହୋଇ କରିଥାଏ । ସେହି ପରମରୂପୀ ଗାଈ ଚାରିପାଦ ଅର୍ଥାତ୍ ସଚରାଚର ଜଗତରେ ଚାରିଖାନି ବା ଚାରିପ୍ରକାର ଜୀବ ଯୋନି (ସ୍ୱେଦଜ, ଅଣ୍ଡଜ, ପ୍ରାଣୀଜ ଓ ଉଦ୍ଭିଦଜ)ରେ ଆତଯାତ ହେଉଥାଏ । ପାଞ୍ଚପାଦ ବୋଇଲେ ପଞ୍ଚମାତ୍ରା ଅର୍ଥାତ୍ 'ଅ, ଆ, ଇ, ଉ, ଏ, ଅଂ ପୂର୍ବୋକ୍ତ ତ୍ରିବୀଜ (ହ୍ରୀଂ, କ୍ଳୀଂ, ପ୍ରୀଂ) ସହିତ ଜପସାଧନା କଲେ, ଧରାଧାମରେ ବିଷୟ ସଂସାର କ୍ଷେତ୍ରରୁ ଜୀବର ଜଞ୍ଜାଳ ତୁଟିଯିବ ବୋଲି ଭଣିତା ପଦରେ ସିଦ୍ଧ ସାଧକ ମହାଯୋଗୀ ମହାପୁରୁଷ ଅଚ୍ୟୁତାନନ୍ଦ କବିତା ଶେଷାଂଶରେ ପରଂବ୍ରହ୍ମଙ୍କ ଠାରେ ବିନୟାବନତ ହୋଇ ନିଜକୁ ମୂଢ଼ ବୋଲି ପରିଚୟ ଦେଇ ପ୍ରକାଶ କରିଅଛନ୍ତି ।।୬।।

# ନୀଳଚକ୍ର
## ଚରମର ସଙ୍କେତ

### ଧାରା ଗ୍ରହଣ ପରେ....

**'ଚରମ' : ସପ୍ତମ ପୁଷ୍ପ : ପ୍ରଥମ ପାଖୁଡ଼ା : ଦ୍ୱାତ୍ରିଂଶତ୍ତମ ସଂଖ୍ୟାର ଅନୁସ୍ମୃତିରୁ :**

'ଚରମ' ପୃଷ୍ଠାରେ ତୁମମାନଙ୍କର କଲ୍ୟାଣ ପାଇଁ ଧାରାବାହିକ ଭାବରେ ଧର୍ମଧାରା ଓ କର୍ମଯୋଗ ଅଭ୍ୟାସର ଗୁରୁତ୍ୱ ପ୍ରସଙ୍ଗରେ ଲେଖା ପ୍ରକାଶ ପାଉଛି । ତୁମେମାନେ ଏଥିରୁ ଧାରାଗ୍ରହଣ ପରେ ତୁମମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ନିଶ୍ଚୟ ଜାଣିବାର ସୁଯୋଗ ପାଇପାରୁଛ । ଏ ସଂପର୍କରେ ଜାଣିବାପରେ ତୁମେ ସଚେତନ ହୋଇ କର୍ମ ତତ୍ପରତାର ସହିତ ଧାରା ଅଭ୍ୟାସ ଯୋଗ ନିୟମିତ ବିଧିବଦ୍ଧ ଭାବରେ କରିବାରେ ଲାଗିପଡ଼ । ଦେଖିବ, ତୁମେ ନିଜେ ହିଁ ତା'ର ବାସ୍ତବ ପ୍ରତ୍ୟକ୍ଷ ଫଳ ଅବଶ୍ୟ ପାଇବ । ତୁମେ ନିଜେ ହିଁ ଅନୁଭବ କରିବ । ସୁଖ, ଶାନ୍ତି, ଆନନ୍ଦ ନିଶ୍ଚୟ ଅନୁଭବ କରିବ । ବିଚଳିତ ଭାବ ଦୂର ହୋଇଯିବ । ମାନସିକ ଅସ୍ଥିରତା ବା ଚଞ୍ଚଳତା ରହିବ ନାହିଁ । ପରୀକ୍ଷା କରି ତୁମେ ଏହା ଦେଖିନେବ । ଧାରାଗ୍ରହଣ ପରେ ଅଭ୍ୟାସ ନ କଲେ, ଫଳ ପାଇବ କିପରି ? ତୁମେ କଣ କର୍ମ ନକରି ପାଇବାର ଆଶାକର ? ଏ ଧରାଧାମରେ କର୍ମ ନ କରି କେହି କିଛି ଫଳ ପାଏ ନାହିଁ । ତେଣୁ, ତୁମକୁ ପୁଣିଥରେ ଚେତେଇ ଦେଉଛି : ଆଜିଠାରୁ ସନ୍ଦେଶ ପଥ ଅନୁଯାୟୀ ଧାରା ଅଭ୍ୟାସ କର । ସମୟ ଗଡି ଗଲାଣି ବୋଲି ଚିନ୍ତାକରି ମନକୁ ଭାରାକ୍ରାନ୍ତ କରନାହିଁ । ତା' ଦ୍ୱାରା ଲାଭ ଆଦୌ ହେବ ନାହିଁ । ବରଂ ପ୍ରଚୁର କ୍ଷତି ହେବ । ଏବେବି ସମୟ ଅଛି, ଆମର ମଧ୍ୟ ଧୈର୍ଯ୍ୟ ଅଛି । ଅଭ୍ୟାସ କର୍ମଧାରା ଆରମ୍ଭ କରିଦିଅ । ଆମେ ନିଶ୍ଚୟ କରି କହୁଛୁ, ତୁମେ ତୁମର କର୍ମର ଫଳ ନିଶ୍ଚୟ ପାଇବ ।

ଗତ ସଂଖ୍ୟାରେ ତୁମମାନଙ୍କୁ ଅର୍ଘ୍ୟ ପ୍ରସଙ୍ଗରେ କେତେ ସୂଚନା ଦେଇଅଛି । ଅର୍ଘ୍ୟ ଫଳ ଧାରଣ, ଅର୍ଘ୍ୟ ଫଳ ଧୌତ ଜଳପାନ ଓ ଅର୍ଘ୍ୟପ୍ରଦାନ ବିଷୟରେ ମଧ୍ୟ କିଛି ସୂଚନା ଦେଇଛି । ତୁମମାନଙ୍କ ମଧ୍ୟରୁ ଅନେକେ ଅର୍ଘ୍ୟଫଳର ପ୍ରକାର (ଗୁଆ, ହରିଡ଼ା, ବାହାଡ଼ା, ଇତ୍ୟାଦି) ଭେଦ ଏବଂ ଅର୍ଘ୍ୟଫଳର ସଂଖ୍ୟା (୧ଟି, ୨ଟି, ୩ଟି, କ୍ରମରେ) ଭେଦ ତଥା ଅର୍ଘ୍ୟତିଥି (ଅମାବାସ୍ୟା, ପୂର୍ଣ୍ଣିମା, ମାସାନ୍ତ, ସଂକ୍ରାନ୍ତି, ଚନ୍ଦ୍ରକ୍ଷୟ, ଶୁକ୍ଳାଏକାଦଶୀ, କୃଷ୍ଣାଏକାଦଶୀ ଇତ୍ୟାଦି) ଭେଦ ସଂପର୍କରେ ଜାଣିବା ପାଇଁ ଇଚ୍ଛା ପ୍ରକାଶ କରୁଥିବାର ବାର୍ତ୍ତା ଆମ କାନକୁ ଅନେକ ଦିନରୁ ଆସିଲାଣି । ଏସବୁ ପ୍ରସଙ୍ଗରେ ସଂପୂର୍ଣ୍ଣ ତାତ୍ତ୍ୱିକ ଆଲୋଚନା 'ଚରମ' ପୃଷ୍ଠାର ସୀମିତ ପରିସର ମଧ୍ୟରେ କରିବା ଅବଶ୍ୟ ସମ୍ଭବ ନୁହେଁ । ତଥାପି, ଆମେ ଗତ ସଂଖ୍ୟାରେ ପ୍ରତିଶ୍ରୁତି ଦେଇଥିଲୁ ଏ ସଂପର୍କରେ ଆଲୋଚନା କରି ତୁମକୁ ଜଣାଇଦେବା ପାଇଁ । ପ୍ରତିଶ୍ରୁତି ରକ୍ଷା କରି ଆମେ ତୁମକୁ ଏ ବିଷୟରେ ସଂକ୍ଷେପରେ ଜଣାଇବା ପାଇଁ ଚେଷ୍ଟା କରୁଛୁ । ଏହି ସଂଖ୍ୟାରୁ ଧାରାବାହିକ ଭାବରେ 'ଚରମ' ପୃଷ୍ଠାରେ 'ଚରମ'ର ସଙ୍କେତ ସ୍ତମ୍ଭରେ ଅର୍ଘ୍ୟଫଳ ଓ ଅର୍ଘ୍ୟତିଥିର ପ୍ରକାର ଓ ସଂଖ୍ୟା ଭେଦ ପ୍ରସଙ୍ଗରେ ନିୟମିତ ଲେଖାମାନ ପ୍ରକାଶ କରାଯିବ ।

ତୁମେମାନେ ଏହା ପଢ଼ି ତୁମ ମନରେ ଉଙ୍କି ମାରୁଥିବା ସନ୍ଦେହ, ସଂଶୟ ଅନେକ ପରିମାଣରେ ସମାଧାନ କରିପାରିବ ।

ଜନ୍ମ ଜନ୍ମାନ୍ତରର କୃତକର୍ମର ଫଳଭୋଗ କରିବା ପାଇଁ ଜୀବାତ୍ମା ଧରାଧାମରେ ଜନ୍ମ ଗ୍ରହଣ କରେ । ସେଥିପାଇଁ ଜୀବ ଶରୀରକୁ ଭୋଗ ଶରୀର କୁହାଯାଏ । ଜୀବାତ୍ମା ଶରୀର ଧରି ଧରାପୃଷ୍ଠରେ କୃତକର୍ମର ଫଳ ଭୋଗ କରେ । ସଦ୍‌କର୍ମର ସଦ୍‌ଫଳ ଏବଂ ଅସଦ୍‌କର୍ମର ଅସଦ୍‌ଫଳ (କୁ କର୍ମର କୁଫଳ) ଜୀବକୁ ଭୋଗ କରିବାକୁ ହୋଇଥାଏ । ଅନେକ ସମୟରେ ଅସଦ୍ ବା କୁକର୍ମର ଅସଦ୍ ବା କୁଫଳ ଏତେ ତୀବ୍ର ଓ ଭୀଷଣ ହୋଇଥାଏ ଯେ, ଜୀବ ଦେହଧରି ତାହା ସହ୍ୟ କରିପାରେନାହିଁ, ଅତିଷ୍ଠ ହୋଇଯାଏ । ଅନେକ ଏହାକୁ ଭାଗ୍ୟ ବୋଲି ମଧ୍ୟ କହିଥାଆନ୍ତି । ଏପରି କହିବାରେ ସେମାନଙ୍କର ଭୁଲ ନଥାଏ । ସେମାନେ ହୁଏତ ଜାଣନ୍ତି ନାହିଁ ଯେ, ଭାଗ୍ୟ ବହୁଳ ଭାବରେ କର୍ମ ଦ୍ୱାରା ହିଁ ନିୟନ୍ତ୍ରିତ ହୋଇଥାଏ । ତୁମର ଭାଗ୍ୟ ତୁମର କୃତକର୍ମ ଉପରେ ସଂପୂର୍ଣ୍ଣ ନିର୍ଭର କରେ । ଯେପରି କର୍ମ, ସେପରି ଭାଗ୍ୟ । ସୁକର୍ମ କଲେ, ସୌଭାଗ୍ୟ ମିଳେ, କୁକର୍ମ ଦ୍ୱାରା ଦୁର୍ଭାଗ୍ୟକୁ ହିଁ ଆହ୍ୱାନ କରାଯାଇଥାଏ ।

ଅର୍ଘ୍ୟ ଫଳ ଧାରଣ, ଅର୍ଘ୍ୟଫଳ ଧୌତ ଜଳପାନ ଓ କୃତାଞ୍ଜଳି ଅର୍ଘ୍ୟ ପ୍ରଦାନ ଦ୍ୱାରା କୃତକର୍ମର ଫଳକୁ ନିୟନ୍ତ୍ରଣ କରାଯାଏ । ତୁମ କୃତ ସୁକର୍ମର ସୁଫଳ ଏହାଦ୍ୱାରା ବହୁଗୁଣରେ ବଢ଼ିଯାଇ ତୁମର ସୌଭାଗ୍ୟକୁ ଅଧିକରୁ ଅଧିକ ଉଜ୍ଜ୍ୱଳ କରେ । ଏହାଦ୍ୱାରା ତୁମେ ଅଧିକ ସୌଭାଗ୍ୟଶାଳୀ ହୋଇଯାଅ । ସ୍ଥୁଳ ଜଗତର ଉଦାହରଣଟିଏ ଦେଇ ବୁଝାଇବାକୁ ଚେଷ୍ଟା କରୁଛି । ମନେକର ତୁମ ପାଖରେ ପାଞ୍ଚଟଙ୍କା ଅଛି, ତୁମ ସାଙ୍ଗ ପାଖରେ ମଧ୍ୟ ପାଞ୍ଚଟଙ୍କା ଅଛି । ତୁମେ ନିୟମିତ ଅର୍ଘ୍ୟଫଳ ଧାରଣ, ଅର୍ଘ୍ୟଫଳଧୌତ ଜଳପାନ ଓ କୃତାଞ୍ଜଳି ଅର୍ଘ୍ୟ ପ୍ରଦାନ କରୁଛ । ସେ କିନ୍ତୁ ଧାରା ନେଇନାହିଁ । କିମ୍ବା ଧାରାନେଇ ମଧ୍ୟ ଅର୍ଘ୍ୟଫଳ ଧାରଣ, ଅର୍ଘ୍ୟଫଳ ଧୌତ ଜଳପାନ ଓ ଅର୍ଘ୍ୟ ପ୍ରଦାନ ବିଧି ମୁତାବକ ନିୟମିତ କରୁନାହିଁ । ଉଭୟେ ସଂସାର ହାଟରେ ସଉଦା କରିବାକୁ ଆସିଛ । ତୁମେ ପାଞ୍ଚଟଙ୍କାରେ ଯେତିକି ସଉଦା କରିପାରିବ, ସେ କିନ୍ତୁ ସମାନ ସୌଭାଗ୍ୟର ଅଧିକାରୀ ହୋଇ ମଧ୍ୟ ସେତିକି ପରିମାଣର ସଉଦା କରି ପାରିବ ନାହିଁ କି ସେତିକି ସୌଭାଗ୍ୟ ମଧ୍ୟ ପାଇବ ନାହିଁ । ଅର୍ଘ୍ୟ ଫଳ ଧାରଣ, ଧୌତଜଳପାନ ଓ ଅର୍ଘ୍ୟ ପ୍ରଦାନରୁ ତୁମେ ତା' ତୁଳନାରେ ସମାନ କର୍ମ ପାଇଁ ଅଧିକ ସୌଭାଗ୍ୟ ଲାଭ କରିପାରୁଛ । ସଂସାର କ୍ଷେତ୍ରରେ ପର୍ଯ୍ୟବେକ୍ଷଣ, ଅନୁଶୀଳନ, ଅନୁଧ୍ୟାନ ଓ ଗବେଷଣା କଲେ, ତୁମେ ଆମ ତତ୍ତ୍ୱର ସତ୍ୟତା ଅବଶ୍ୟ ଉପଲବ୍ଧି କରି ପାରିବ ।

ଠିକ୍ ସେହିପରି ତୁମ କୃତ କୁକର୍ମର କୁଫଳ ବା ଦୁର୍ଭାଗ୍ୟକୁ ମଧ୍ୟ ଏହା ନିୟନ୍ତ୍ରଣ କରିଥାଏ । ବିଧିବଦ୍ଧ ଭାବରେ ନିୟମିତ ଅର୍ଘ୍ୟଫଳ ଧାରଣ, ଧୌତ ଜଳପାନ ଓ ଅର୍ଘ୍ୟ ନିବେଦନ ଦ୍ୱାରା ତୁମର କୁଫଳ ଭୋଗ ଓ ଦୁର୍ଭାଗ୍ୟ ଲାଘବ ହୁଏ । ଏହାଦ୍ୱାରା ତୁମର ଦୁର୍ଭୋଗ ବହୁ ପରିମାଣରେ କମିଯାଏ ଓ ଦୁଃଖ, କଷ୍ଟ, ରୋଗ, ଶୋକ, ଯାତନା, ଯନ୍ତ୍ରଣା ଏପରିକି ତ୍ରିତାପ ଆଧିଦୈବିକ, ଆଧିଭୌତିକ ଓ ଆଧ୍ୟାତ୍ମିକ ତାପ ଯଥେଷ୍ଟ ହ୍ରାସ ପାଏ । ଏପରିକି ଅକାଳ ମୃତ୍ୟୁ (ବଜ୍ରାଘାତ, ସର୍ପାଘାତ, ଦୁର୍ଘଟଣା ଜନିତ ଅପମୃତ୍ୟୁ)ରୁ ଏହା ତୁମକୁ ରକ୍ଷା କରେ । ଦାରିଦ୍ର୍ୟ ଦୋଷରୁ ରକ୍ଷାକରେ । ଯେଉଁମାନେ ଅର୍ଘ୍ୟଫଳ ଧାରଣ କରି ମଧ୍ୟ ଏଥିରୁ ରକ୍ଷା ପାଇପାରୁ ନାହାନ୍ତି, ରକ୍ଷା ପାଇ ପାରିନାହାନ୍ତି, କେଉଁଠି ସେମାନଙ୍କର ତ୍ରୁଟି ବିଚ୍ୟୁତି ରହିଥିଲା ତାହା କ'ଣ ତୁମେ ଅନୁଧ୍ୟାନ କରି ଜାଣିଛ ? ଆମେ ପୂର୍ବରୁ କହିଛୁ, କୁକର୍ମରୁ ଦୁର୍ଭାଗ୍ୟ ଆସିଥାଏ । ବିଶ୍ୱାସ ଓ ନିଷ୍ଠା ବିହୀନ ଭାବରେ ଅର୍ଘ୍ୟଫଳ ଧାରଣ କରି ସଦ୍‌ଫଳ ପାଇବାକୁ ଆଶା କରିବା ବୃଥା ଅସ୍ୱାଭାବିକ ନୁହେଁକି ? ଆମେ ସିନା ତୁମକୁ କ୍ଷମା

କରିଦେବୁ । ମାତ୍ର କାଳଚକ୍ରକୁ ଯେଉଁ ସ୍ୱାଧୀନ ଅଧିକାର ଦିଆଯାଇଛି, ତା' ଉପରେ ଆମେ କାହିଁକି ହସ୍ତକ୍ଷେପ କରିବୁ ? ତା'କୁ ତା' କାମ ସ୍ୱାଧୀନ ଭାବରେ କରିବା ପାଇଁ ଅଧିକାର ଦେଇ ଛାଡ଼ି ଦିଆଯାଇଛି । ତା'କୁ କ୍ଷମା ଦେବାର ଅଧିକାର ଦିଆଯାଇନାହିଁ । ତେଣୁ କ୍ଷମା ନ ଦେଇ ଦୋଷୀକୁ ଦଣ୍ଡ ନିଶ୍ଚୟ ହେବ । ଯିଏ ଦୋଷ କରିବ, ସେ ଦଣ୍ଡ ନ ପାଇବ ବା କିପରି ? ତା' ନହେଲେ ସୃଷ୍ଟିରେ ନିୟମ, ଶୃଙ୍ଖଳା, ଶାନ୍ତି, ସୌନ୍ଦର୍ଯ୍ୟ-ସବୁକିଛି ବିପର୍ଯ୍ୟସ୍ତ ହୋଇଯିବ ନାହିଁକି ? ଶତ ସହସ୍ର ସଂଖ୍ୟାରେ ମହିଷାସୁର, ତାରକାସୁର ଭଳି ଅସୁର ଏ ଧରାପୃଷ୍ଠରେ ତାଣ୍ଡବ ଆରମ୍ଭ କରିଦେବେ ନାହିଁକି ? ଏହା ଫଳରେ ତୁମେ କ'ଣ ସୁଖ ଶାନ୍ତିରେ ଚଳି ରହି ପାରିବ ? ଭଲ ଭାବରେ ଚିନ୍ତା କରି ଅନୁଧାନ ଓ ଅନୁଶୀଳନ କରି ପାରିଲେ, ଅର୍ଘ୍ୟଫଳ ଧାରଣ, ଧୌତ ଜଳପାନ ଓ ଅର୍ଘ୍ୟପ୍ରଦାନର ମହତ୍ତ୍ୱ ତୁମେମାନେ ନିଶ୍ଚୟ ଉତ୍ତମରୂପେ ବୁଝି ପାରିବ । ଅର୍ଘ୍ୟଫଳକୁ ଖେଳନା ମନେ କରିବ ନାହିଁ । ଏହାର ଗୁରୁତ୍ୱ ତୁମ ଜୀବନ ପାଇଁ କେତେ ଅଧିକ ତାହା ଅନୁଭବ କରିବାକୁ ଚେଷ୍ଟା କର ।

ଏତଦ୍‌ବ୍ୟତୀତ ଆମର ମଧ୍ୟ ଅନେକ ସୂକ୍ଷ୍ମସୂତ୍ରୀୟ କାର୍ଯ୍ୟ, ଧାରା ଗ୍ରହଣ କରିଥିବା ଦିବ୍ୟାତ୍ମାଙ୍କ ଉପରେ ଅନବରତ ଚାଲିଅଛି । ସନ୍ଦେଶ ପତ୍ରରେ ଆମେ ପ୍ରତିଶ୍ରୁତି ଦେଇଛୁ-'ତୁମେ ମୋତେ ଚାହଁ, ମୁଁ ତୁମକୁ ଚାହିଁ ସାଇଁଙ୍କ ନିକଟକୁ ନେଇଯିବି ।' ଏହାର ତାତ୍ପର୍ଯ୍ୟ ଅତୀବ ଗଭୀର । ତଥାପି, ଏଠାରେ ସଂକ୍ଷେପରେ ସଂକେତ ଦେଉଅଛି । ଏହି ଉକ୍ତିର ଭାବାର୍ଥ ହେଉଛି ଧାରା ଧରି ତୁମେ ପଦ୍ମପାଦରେ ସ୍ଥିର ଲୟ ରଖି ପାରିଲେ, ଆମେ ତୁମକୁ ସୂକ୍ଷ୍ମ ଶୁଭ ଦୃଷ୍ଟିରେ ରଖି ତୁମର ଲକ୍ଷ୍ୟ-ଚରମପ୍ରାପ୍ତି କରାଇ ଦେବୁ । ସେଥିପାଇଁ ଆମେ ଧାନାତ୍ମା ମାନଙ୍କର କର୍ମଫଳ ଖଣ୍ଡନ ନିମନ୍ତେ ତାଙ୍କୁ ଆଗୁଆ ଦୁଃଖ, ଶୋକ, ରୋଗ ଯନ୍ତ୍ରଣାଦି ସୀମିତ ସମୟ ମଧ୍ୟରେ ଅନ୍ତତଃ ଭୋଗ କରାଇ ଦେଉଁ । ଏହାଦ୍ୱାରା ସେମାନଙ୍କର ସଂସ୍କାର ହୋଇଯାଏ । ଏହି ତତ୍ତ୍ୱ ଅନେକେ ବୁଝି ନ ପାରି ଅଭିମାନରେ ଆମକୁ ଦୋଷ ଦିଅନ୍ତି । ସାମାନ୍ୟ ଯନ୍ତ୍ରଣା ସହିନପାରି ଝଡ଼ାଫୁଙ୍କା କରିବା ପାଇଁ ଆମ ପାଖକୁ ଦୌଡ଼ି ଆସନ୍ତି । ଆମ ପାଖରେ ତାଙ୍କର ନାନା ସମସ୍ୟା ତୋଳନ୍ତି । ଫଳରେ ଆମେ ଆମର ସୂକ୍ଷ୍ମ ସୂତ୍ରୀୟ କାର୍ଯ୍ୟ ସ୍ଥଗିତ ରଖୁଁ । ତାଙ୍କର କୁକର୍ମର ଫଳ ସଞ୍ଚିତ ହୋଇ ରହିଯାଏ । ଆମ କାମ ଅଧାରୁ ବନ୍ଦ ରହେ । ଯେଉଁମାନେ ଧୈର୍ଯ୍ୟଧରି ସହ୍ୟ କରି ଯାଆନ୍ତି, ଅନ୍ତକରେ ତାଙ୍କର ଦୁର୍ଭୋଗ୍ୟ ଶେଷ ହୋଇଯାଏ, ସେମାନଙ୍କର ସଂସ୍କାର ହୋଇଯାଏ, କୁକର୍ମର କୁଫଳ ଜନିତ ଦୁର୍ଭୋଗ୍ୟ ସଞ୍ଚିତ ହୋଇ ରହିଯାଏ ନାହିଁ । ସେମାନେ ମୁକ୍ତ ହୋଇ ଭକ୍ତ ହୋଇଯାଆନ୍ତି । ଯୁଗଯୁଗାନ୍ତର ପାଇଁ ଜନ୍ମଜନ୍ମାନ୍ତର ପାଇଁ ସେମାନେ ଆମର ଭକ୍ତ । ସେମାନଙ୍କ ସହିତ ଆମର ନିବିଡ଼ ଘନିଷ୍ଠ ସମ୍ପର୍କ ସ୍ଥାପନ ହୋଇଯାଏ । ସଂସାରରେ ଯେପରି ପୁରୁଷାନୁକ୍ରମ ପାଇଁ ବନ୍ଧୁତା ବନ୍ଧାଯାଏ । ଠିକ୍ ସେହିପରି । ସଂକ୍ଷେପରେ ସଂକେତ ଦେଇ ଆମ ସୂକ୍ଷ୍ମସୂତ୍ରୀୟ କର୍ମଧାରା ସମ୍ପର୍କରେ ଜଣାଇଲି । ବିସ୍ତାରିତ ଭାବରେ ସବୁକିଛି ଖୋଲି ବସିଲେ ରାମାୟଣ, ମହାଭାରତ ଭଳି ଶତ ସହସ୍ର ଗ୍ରନ୍ଥ ହୋଇଯିବ । ଏତିକିରୁ ବୁଝିବାକୁ ଚେଷ୍ଟା କଲେ, ଅନେକ କିଛି ତୁମେ ବୁଝି ପାରିବ ।

ପରବର୍ତ୍ତୀ ସଂଖ୍ୟାରେ ଅର୍ଘ୍ୟଫଳ ଓ ଅର୍ଘ୍ୟ ତିଥି ସମ୍ପର୍କରେ ଆଲୋଚନା ଆରମ୍ଭ କରିବି । (କ୍ରମଶଃ)

ଜଣେ ମାତ୍ର ଲୀଳା ରଚୁଛି ସବୁଠି,
ତା' ବିନୁ ଆନକେ ନାହିଁ ।
ସବୁ ତା'ପାଦରେ ସଅଁପି ଦେ'ରେ
ଶ୍ରୀପାଦ ପଦ୍ମକୁ ଚାହିଁ ।।

# ଉତ୍ସବ ପରିଚିତି

## ସମ୍ବୁଧୀ ସ୍ମାରକ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ

୧୪୦୬ ସାଲ ବୃଷ ଦି୩୦ନ, ରବିବାର ଠାରୁ ମିଥୁନ ଦି୫ନ ଶନିବାର

ସ୍ଥାନ : ଦଶପଲ୍ଲା ରାଜବାଟି, ଦଶପଲ୍ଲା, ନୟାଗଡ଼

ଭକ୍ତ ପ୍ରିୟାୟ ଭବରୋଗ ବିନାଶନାୟ । ଅଦ୍ୱୈତ ଭାବାୟ ଆତ୍ମ ଚେତନାୟ ।
ପରମ୍ପରା କୌଳ ଗତି ଭାବମୟ । ବ୍ରହ୍ମଜ୍ଞ ବ୍ରାହ୍ମଣ ପଦ ସଦା ସେବିତାୟ ।
ଯଦୁନାଥାୟ ସୁତାୟ ସୁକାନ୍ତି ଗର୍ଭବାସିନେ । ଶୁଦ୍ର ବ୍ୟୋମାକ୍ଷୀ ପାରିଣ କେଶବଚନ୍ଦ୍ର ମଙ୍ଗଳଂ ॥

ଗୌରୀ ରୁଦ୍ର ମିଶ୍ରିତ ଶିବ ମୂର୍ତ୍ତେ । ରାଧାଭାବ କୃଷ୍ଣରୂପଂ ଲାବଣ୍ୟଂ ।
ରୁଦ୍ରବ୍ରତୀ ପାଳନ ସାଧକସ । ଅନାଦିରୂପଂ କେଶବଂ ପ୍ରଣାମୀ ॥

ଯଦୁପତି ମତି କାନ୍ତି କୋଳ ମଣ୍ଡିତ ଚନ୍ଦ୍ର । ହରିବଂଧୁ ପ୍ରାଣବଂଧୁ ମନ୍ଦ୍ରନାଦେନ ସାନ୍ଦ୍ର ।
ଗଗନ ତଳ ବିହାରୀ ଜ୍ୟୋତି ବିକିନ୍ଦ୍ରକେନ୍ଦ୍ର । ସକଳ ବିଭବ ଦାତା କେଶବ ଜ୍ଞାନ ଚନ୍ଦ୍ର ॥

ଯେଉଁ ମନୁଷ୍ୟ କର୍ମଫଳର ଆଶା ତ୍ୟାଗ କରିଅଛନ୍ତି, ରାଗଦ୍ୱେଷହୀନ, ଅଧ୍ୟାତ୍ମଜ୍ଞାନରେ ଅବିଚଳିତ ଚିତ୍ତ, ଈଶ୍ୱର ପ୍ରୀତି ଉଦ୍ଦେଶ୍ୟରେ ଯଜ୍ଞକର୍ମ ବା କର୍ତ୍ତବ୍ୟ ସମ୍ପାଦନ କରନ୍ତି, ତାଙ୍କର ସମସ୍ତ କର୍ମର ଫଳ ବିନଷ୍ଟ ହୁଏ । ସେ କର୍ମ ବନ୍ଧନରୁ ସଂପୂର୍ଣ୍ଣ ମୁକ୍ତ ହୁଅନ୍ତି ।

ସମସ୍ତ କର୍ମ ସେହି ପରମପିତାଙ୍କର । ତାଙ୍କ ପ୍ରୀତିପାଇଁ ବା ସୃଷ୍ଟିରକ୍ଷା ନିମିତ୍ତ ଯେଉଁ କର୍ମ କରାଯାଏ, ତାହା 'ଯଜ୍ଞାୟକର୍ମ' । ଯଜ୍ଞରେ ବ୍ୟବହୃତ ହେଉଥିବା ଶ୍ରୁବାଦି ପାତ୍ର ବ୍ରହ୍ମ ଘୃତାଦି ବ୍ରହ୍ମ, ଯଜ୍ଞ ଅଗ୍ନିବ୍ରହ୍ମ, ଯଜ୍ଞରେ ଆହୁତି ପ୍ରଦାନ କରୁଥିବା ବ୍ୟକ୍ତି-ହୋତା ମଧ୍ୟ ବ୍ରହ୍ମ । ଏହିପରି ସର୍ବତ୍ର ବ୍ରହ୍ମ ପୂରିତ ଜ୍ଞାନରେ ସ୍ଥିର, ଅବିଚଳିତ ରହୁଥିବା ମନୁଷ୍ୟ ହିଁ ବ୍ରହ୍ମକୁ ଲାଭ କରିପାରନ୍ତି । ଯେଉଁ ବ୍ୟକ୍ତି କର୍ମରେ ଓ କର୍ମର ବିଭିନ୍ନ ଅଙ୍ଗରେ ବ୍ରହ୍ମ ଦର୍ଶନ କରନ୍ତି, ଅନୁଭବ କରନ୍ତି - ''ସର୍ବ ଖଲ୍ୱିଦଂ ବ୍ରହ୍ମ'' - ସେ ବ୍ୟକ୍ତି ବ୍ରହ୍ମକୁ ପ୍ରାପ୍ତ ହୁଅନ୍ତି, ଅନ୍ୟ କେହି କେହି ଯୋଗୀ ଯଜ୍ଞରେ ଦେବତାମାନଙ୍କୁ ଉପାସନା କରନ୍ତି । କେତେକ ବ୍ୟକ୍ତି ଯଜ୍ଞାଗ୍ନିକୁ ବ୍ରହ୍ମ ମନେକରି ପୂଜା ସମର୍ପଣ କରିଥାନ୍ତି । ଅନେକ କର୍ଣ୍ଣ ପ୍ରଭୃତି ଇନ୍ଦ୍ରିୟମାନଙ୍କୁ ସଂଯମରୂପକ ଅଗ୍ନିରେ ଆହୁତି ଦିଅନ୍ତି ଅର୍ଥାତ୍ ଇନ୍ଦ୍ରିୟମାନଙ୍କୁ ସଂଯତ ରଖନ୍ତି । ଅନେକାଂଶ ଇନ୍ଦ୍ରିୟ ରୂପକ ଅଗ୍ନିରେ ଶବ୍ଦ ପ୍ରଭୃତି ବିଷୟମାନଙ୍କୁ ଆହୁତି ଦିଅନ୍ତି, ଅର୍ଥାତ୍ କେତେକ ଗୃହସ୍ଥ ଇନ୍ଦ୍ରିୟ ବିଷୟ ଉପଭୋଗ କରି ମଧ୍ୟ ଅନାସକ୍ତ ଚିତ୍ତରେ ରାଗଦ୍ୱେଷ ପରିହାର କରି ନିର୍ଲିପ୍ତ ରହନ୍ତି । ଅନ୍ୟ କେହି କେହି ସମସ୍ତ ଇନ୍ଦ୍ରିୟମାନଙ୍କ କର୍ମକୁ ଏବଂ ପ୍ରାଣାଦି ସମସ୍ତ ବାୟୁମାନଙ୍କ କର୍ମକୁ ଜ୍ଞାନଦ୍ୱାରା ଆତ୍ମ ସଂଯମ ଯୋଗ ରୂପକ ଅଗ୍ନିରେ ଆହୁତି ଦିଅନ୍ତି । ଯଥା:-

ଜ୍ଞାନେନ୍ଦ୍ରିୟ - ପାଞ୍ଚଗୋଟି-ଚକ୍ଷୁ, କର୍ଣ୍ଣ, ଜିହ୍ୱା, ନାସିକା, ତ୍ୱକ୍ ।

କର୍ମେନ୍ଦ୍ରିୟ-ପାଞ୍ଚଗୋଟି-ବାକ୍ (ମୁଖ), ପାଣି, ପାଦ, ପାୟୁ (ମଳଦ୍ୱାର), ଉପସ୍ଥ (ଜନନେନ୍ଦ୍ରିୟ)

ବାୟୁ - ପାଞ୍ଚପ୍ରକାର -

(୧) ପ୍ରାଣବାୟୁ : ସ୍ଥାନ-ହୃଦୟ । କାର୍ଯ୍ୟ-ବହିର୍ଗମନ । ଏହାକୁ ନିଶ୍ୱାସ ଓ ପ୍ରଶ୍ୱାସ ବୋଲି ମଧ୍ୟ କୁହାଯାଏ ।

(୨) ଅପାନ ବାୟୁ : ସ୍ଥାନ-ଗୁହ୍ୟ । କାର୍ଯ୍ୟ-ଅନ୍ତର୍ଗମନ ।

(୩) ସମାନ ବାୟୁ : ସ୍ଥାନ - ନାଭି । କାର୍ଯ୍ୟ - ଭୁକ୍ତ ଦ୍ରବ୍ୟର ପରିପାକ ।

(୪) ବ୍ୟାନବାୟୁ : ସ୍ଥାନ - ସମସ୍ତ ଶରୀର । କାର୍ଯ୍ୟ - ଆକୁଞ୍ଚନ, ପ୍ରସାରଣ ଆଦି କ୍ରିୟା ।

(୫) ଉଦାନ ବାୟୁ : ସ୍ଥାନ-କଣ୍ଠ । କାର୍ଯ୍ୟ - ଉର୍ଦ୍ଧ୍ୱଶ୍ୱାସ ଓ ଶରୀରର ଉତ୍ତାପ ରକ୍ଷା ।

ଆତ୍ମା ସମ୍ବନ୍ଧରେ ଧାରଣା, ଧ୍ୟାନ ଓ ସମାଧି ପ୍ରଯୁକ୍ତ ହେଲେ ତାକୁ ଆତ୍ମ ସଂଯମ ଯୋଗ କୁହାଯାଏ । ଏହା ଆତ୍ମଜ୍ଞାନଦ୍ୱାରା ଉଦ୍‌ଭାସିତ । ଏଣୁ କୁହାଯାଇଅଛି, ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ ଓ ପଞ୍ଚପ୍ରାଣ - ଏମାନଙ୍କୁ ସଂଯତ କରି ସମାଧିସ୍ଥ କରିପାରିଲେ ତାହା ଆତ୍ମ ସଂଯମ ଯୋଗହୁଏ ଏବଂ ଆତ୍ମଜ୍ଞାନ ଲାଭ ହୁଏ । ତେଣୁ ସାଧକମାନେ ଇନ୍ଦ୍ରିୟ ରୂପକ ଅଗ୍ନିରେ ଶବ୍ଦ ପ୍ରଭୃତି ବିଷୟମାନଙ୍କୁ ଆହୁତି ଦେଇଦିଅନ୍ତି ।

କେହି କେହି ବିଭିନ୍ନ ଦ୍ରବ୍ୟ ଦ୍ୱାରା ଯଜ୍ଞ କରନ୍ତି । କେହି ତପସ୍ୟାରୂପକ ଯଜ୍ଞ କରନ୍ତି । କେହି ଅବା ଯୋଗ ଯଜ୍ଞ ସାଧନ କରନ୍ତି ଏବଂ ଆଉ କେହି ଦୃଢ଼ବ୍ରତ ପାଳନ ପୂର୍ବକ ବେଦାଭ୍ୟାସ କରି ଶାସ୍ତ୍ରଯଜ୍ଞ ମାଧ୍ୟମରେ ଜ୍ଞାନ ଲାଭ କରନ୍ତି । ବିଭିନ୍ନ ପ୍ରକାର ଦ୍ରବ୍ୟ ସାହାଯ୍ୟରେ ଯେଉଁ ଯଜ୍ଞ କରାଯାଏ ତାହା ''ଦ୍ରବ୍ୟଯଜ୍ଞ'' । ଦେବମନ୍ଦିର ଓ ଅନ୍ୟାନ୍ୟ ଧର୍ମାନୁଷ୍ଠାନ, ଅନ୍ନଦାନ ଇତ୍ୟାଦି ଦ୍ରବ୍ୟଯଜ୍ଞର ଅନ୍ତର୍ଭୁକ୍ତ । କ୍ଷୁଧା, ତୃଷ୍ଣା, ଋତୁକ୍ରିୟାଜନିତ କଷ୍ଟ ସହ୍ୟକରି ଯେଉଁ ସାଧନ କରାଯାଏ ତାହାକୁ 'ତପଃଯଜ୍ଞ' କୁହାଯାଏ । ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି - ଏହି ଅଷ୍ଟାଙ୍ଗ ବିଶିଷ୍ଟ ସାଧନର ନାମ ହେଉଛି ''ଯୋଗ'' । ଏହାକୁ ଅଭ୍ୟାସ କରିବାକୁ ସ୍ୱାଧ୍ୟାୟ ବା ଜ୍ଞାନଯଜ୍ଞ କୁହାଯାଏ ।

ଉପର୍ଯ୍ୟୁକ୍ତ ସାଧନରୂପକ ଯଜ୍ଞାନୁଷ୍ଠାନ କରୁଥିବା ବ୍ୟକ୍ତିମାନଙ୍କର ଅନ୍ତଃକରଣ ଶୁଦ୍ଧ ହେବାଫଳରେ ସେମାନେ ସର୍ବଦା ପ୍ରସନ୍ନ ତଥା ଶାନ୍ତିରେ ରହନ୍ତି । ଏହାହିଁ ଅମୃତର ସ୍ୱାଦ । କାରଣ ଶେଷରେ ସେହି ସାଧକ କେବଳ ବ୍ରହ୍ମଙ୍କୁ ଲାଭ କରନ୍ତି । ଯଜ୍ଞାନୁଷ୍ଠାନ କରୁନଥିବା ବ୍ୟକ୍ତି ଶାନ୍ତି ପାଆନ୍ତି ନାହିଁ । ଫଳରେ ତାଙ୍କର ଏହି ମନୁଷ୍ୟ ଜନ୍ମ ବୃଥାହୁଏ ପରଜନ୍ମ ମଧ୍ୟ ନିଷ୍ଫଳ ହୁଏ ।

ଦ୍ରବ୍ୟ ଯଜ୍ଞଠାରୁ ଜ୍ଞାନଯଜ୍ଞ ଶ୍ରେଷ୍ଠ ଅଟେ । ମାତ୍ର ଦ୍ରବ୍ୟଯଜ୍ଞ ନ୍ୟୁନ ନୁହେଁ । ଭୂଲୋକରେ ଯେତେ କର୍ମ ଅଛି ସେ ସମସ୍ତ ଜ୍ଞାନରେ ହିଁ ଶେଷ ହୁଏ । ଦୈବଯଜ୍ଞ, ଦାନଯଜ୍ଞ ପ୍ରଭୃତିର ଅନୁଷ୍ଠାନ ପାଇଁ ଅନେକ ଦ୍ରବ୍ୟର ଆବଶ୍ୟକତା ଅଛି । ତେଣୁ ଏ ସବୁକୁ ଦ୍ରବ୍ୟମୟଯଜ୍ଞ କୁହାଯାଏ । କିନ୍ତୁ ତପଃ ଯଜ୍ଞ, ଯୋଗଯଜ୍ଞ, ସ୍ୱାଧ୍ୟାୟ ଯଜ୍ଞ ଇତ୍ୟାଦିକୁ ଜ୍ଞାନଯଜ୍ଞ ଭାବରେ ଗ୍ରହଣ କରାଯାଏ । ଦ୍ରବ୍ୟଯଜ୍ଞରେ ସମସ୍ତ ଇପ୍‌ସିତ କାମନା ପୂର୍ଣ୍ଣହୁଏ । ମୃତ୍ୟୁପରେ ସ୍ୱର୍ଲୋକ ପ୍ରାପ୍ତ ହୁଏ । କିନ୍ତୁ ଜନ୍ମ, ମୃତ୍ୟୁକୁ ଜୟ କରି ହୁଏନାହିଁ । ସେଥିପାଇଁ ଜ୍ଞାନଯଜ୍ଞ ଦରକାର ହୁଏ । ଏହି ଜ୍ଞାନ ଯଜ୍ଞର ସ୍ଥୂଳ ପରିପ୍ରକାଶ ଧାରାକୁ ''ବ୍ରହ୍ମଯଜ୍ଞ'' କୁହାଯାଏ ।

କଳିଯୁଗରେ ଯୁଗପ୍ରଭାବ ଦୋଷରୁ ମନୁଷ୍ୟ ଜ୍ଞାନଯଜ୍ଞ କରି ମୁକ୍ତିଲାଭ କରିବା ସମ୍ଭବ ହୋଇପାରୁନାହିଁ । ତେଣୁ ଦ୍ରବ୍ୟଯଜ୍ଞ ମାଧ୍ୟମରେ ଜ୍ଞାନଯଜ୍ଞର ସୂତ୍ର, ଶକ୍ତି, ସାମର୍ଥ୍ୟ ଲାଭ କରିବା ଏକାନ୍ତ ପ୍ରୟୋଜନ । ପ୍ରକୃତ ଜ୍ଞାନ

ଲାଭ ହେଲେ କର୍ମ ଓ ଜ୍ଞାନର ପାର୍ଥକ୍ୟ ଦୂର ହୋଇଯାଏ । ଜ୍ଞାନ ଲାଭ ନିମିତ୍ତ ବ୍ରହ୍ମଜ୍ଞାନୀ ଗୁରୁଙ୍କର ଅନୁଗତ ହୋଇ ତାଙ୍କ ଶରଣରେ ନିଜକୁ ଉତ୍ସର୍ଗ କରିବା ଆବଶ୍ୟକ । ମାତ୍ର ପ୍ରକୃତିର ବିଡ଼ମ୍ବନାରେ ମନୁଷ୍ୟ ଆଜି ଗୁରୁମୁଖୀ, ଜ୍ଞାନମୁଖ ହେବାପାଇଁ ବିମୁଖ ହେଉଅଛି । ସତ୍ୟକୁ ପରିହାର କରି ମିଥ୍ୟାକୁ ସୁବାସିତ ଚନ୍ଦନ ଭାବରେ ଗ୍ରହଣ କରି ଆନନ୍ଦରେ ନାଚି ଉଠୁଛି । କିନ୍ତୁ ପ୍ରକୃତ ଜ୍ଞାନୀମାନେ ସର୍ବଦା ଏହିପରି ଅଜ୍ଞାନୀମାନଙ୍କର ଚିତ୍ତଶୁଦ୍ଧି, ଆତ୍ମଜ୍ଞାନ ପ୍ରାପ୍ତି ନିମନ୍ତେ କଠୋର ସାଧନ କରି ସ୍ରଷ୍ଟାଙ୍କ ନିକଟରେ ପ୍ରାର୍ଥନା କରି ଆସିଛନ୍ତି । ସେହି ପ୍ରାତଃସ୍ମରଣୀୟ ସାଧୁମାନଙ୍କର ପୁଣ୍ୟବଳରେ ଏ ଧରିତ୍ରୀ ତିଷ୍ଠି ରହିଅଛି ଏବଂ ସେମାନେ ମାଗିଥିବା ବର ପ୍ରଭାବରେ ଅଜ୍ଞାନୀ ମନୁଷ୍ୟର ହୃଦୟରେ ଜ୍ଞାନର ପ୍ରଦୀପ ପ୍ରଜ୍ଜ୍ୱଳିତ ହେଉଅଛି ।

ସେହିପରି ଏକ ସିଦ୍ଧ ସାଧକଙ୍କର ଅନନ୍ୟ ଭକ୍ତି, ଅସାଧାରଣ ସାଧନ ଓ ସାଧନ ଶେଷରେ ସିଦ୍ଧି ହିଁ ଆଜି ଅନୁଷ୍ଠିତ ହେଉଥିବା ''ବ୍ରହ୍ମଯଜ୍ଞ''ର ଆଧାର ।

ଶ୍ରୀଚୈତନ୍ୟ ଦେବଙ୍କର ପ୍ରେମଲୀଳା ସଂରଚନର ସମୟ । ଅବିଭକ୍ତ ପୁରୀ ଜିଲ୍ଲା ଅନ୍ତର୍ଗତ ବ୍ରହ୍ମଗିରି ନାମକ ଏକ ଛୋଟ ପଲ୍ଲୀରେ ବାସକରୁଥିଲେ ଏକ ବିଷ୍ଣୁପ୍ରିୟ ଦମ୍ପତି । ଗୃହସ୍ଥଙ୍କ ନାମ ''ଅନୁପମ'' ଓ ଗୃହଲକ୍ଷ୍ମୀଙ୍କ ନାମ ''ଶ୍ରୁତିଦେବୀ'' । ଉଭୟେ ସର୍ବଦା ନାରାୟଣଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ । ଅତ୍ୟନ୍ତ ଦରିଦ୍ର ହୋଇଥିଲେ ମଧ୍ୟ, ମନରେ କେବେହେଲେ ସେମାନଙ୍କର ଦୁଃଖ ନଥିଲା । ସବୁ ସେହି କଲ୍ୟାଣମୟଙ୍କ ଇଚ୍ଛା ଭାବି ସେମାନେ ଆନନ୍ଦରେ ରହୁଥିଲେ । କିନ୍ତୁ ଗୋଟିଏ ସୁସନ୍ତାନ ପାଇଁ ଶ୍ରୀପୟରରେ ସର୍ବଦା ଅଳି କରି ଚାଲିଥିଲେ । ସେମାନଙ୍କର ଅଭିଷ୍ଟ ପୂର୍ଣ୍ଣ ହେବାର ସମୟ ଉପସ୍ଥିତ ହେଲା । ଏକଦା ଜନୈକ ସାଧୁ ଭିକ୍ଷାଗ୍ରହଣ କରିବାର ଛଳନା କରି ସେମାନଙ୍କ ଗୃହରେ ଉପସ୍ଥିତ ହେଲେ । ଆଶୀର୍ବାଦ ଦେଇ କହିଗଲେ, ''ତୁମର ସୁପୁତ୍ରଟିଏ ଲାଭ ହେବ । କିନ୍ତୁ ସେ ପୁତ୍ର ତୁମ ନିକଟରେ ନରହି ଜଗତ୍‌କଲ୍ୟାଣ ଉଦ୍ଦେଶ୍ୟରେ ନିଜକୁ ଉତ୍ସର୍ଗ କରିଦେବ ।''

ଏହାପରେ ସତୀ ''ଶ୍ରୁତିଦେବୀ'' ଅନ୍ତଃସତ୍ତ୍ୱା ହେଲେ । ଶିଶୁ ଜନ୍ମ ନେବା ପୂର୍ବରୁ ଅନେକ ଅଲୌକିକ ଦୃଶ୍ୟଦର୍ଶନ କରିବାକୁ ଲାଗିଲେ । ପବିତ୍ର ଗର୍ଭରେ ସ୍ଥାନ ପାଇବା ମୁହୂର୍ତ୍ତରୁ ଭୂମିଷ୍ଠ ହେବା ପର୍ଯ୍ୟନ୍ତ ପ୍ରତିଦିନ ସାଧୁମାନଙ୍କର ଭିଡ଼ ଘରେ ଲାଗି ରହିଲା । ସମସ୍ତେ ଆଗନ୍ତୁକ ଦେବଶିଶୁକୁ ଆଶୀର୍ବାଦ ଦେଇ ଯାଉଥିଲେ । ଶେଷରେ ଜ୍ୟେଷ୍ଠମାସ ଅମାବାସ୍ୟାର ଅବ୍ୟକ୍ତ ରାତ୍ରିରେ ଦେବଶିଶୁ ଭୂମିଷ୍ଠ ହେଲେ । ଜନ୍ମ ହେବାର ଏକୋଇଶ ଦିନରେ ଜଣେ ଦିବ୍ୟବପୁଧାରୀ ସନ୍ନ୍ୟାସୀ ଆସି ପହଞ୍ଚିଲେ । ଶିଶୁର ନାମକରଣ କରିଗଲେ । ଶିଶୁର ନାମ ଦେଲେ ''ଶୁଦ୍ଧଗତି'' । ଭବିଷ୍ୟବାଣୀ ଦେଇ କହିଗଲେ, ''ଏ ଶିଶୁ ମହତ ପୁରୁଷ ଭାବରେ ଉଦ୍‌ଭାସିତ ହେବ । ସନ୍ନ୍ୟାସ ଗ୍ରହଣ କରି ଗୃହତ୍ୟାଗ କରିବ ।'' ଧୀରେ ଧୀରେ ଶୁଦ୍ଧଗତି ଶୁକ୍ଳପକ୍ଷ ଚନ୍ଦ୍ରମାପରି ବଢ଼ିବାକୁ ଲାଗିଲା । ଥରେ ଶିଶୁ ଏକାକୀ ଘରେ ଶୋଇ ରହି ଖେଳୁଥିବା ସମୟରେ ଏକ ନାଗସାପ ଆସି ତା ସହିତ ଖେଳିବାକୁ ଲାଗିଲା । ଏହି ସମୟରେ ମାଆ ଶ୍ରୁତିଦେବୀ ଆସି ଦେଖିବାମାତ୍ରେ ଚିତ୍କାର କଲେ । ପିତା ମଧ୍ୟ ପହଞ୍ଚିଗଲେ । ସେମାନେ ଭୟରେ ଥରି ଉଠୁଥିବା ସମୟରେ ଶିଶୁଟି ନିର୍ଭୟ ଓ ଆନନ୍ଦରେ ସର୍ପଟି ସହ ଖେଳିଚାଲିଥିଲା । କିଛି ସମୟପରେ ସର୍ପ ତା ରାସ୍ତାରେ ଚାଲିଗଲା । କିନ୍ତୁ ସନ୍ନ୍ୟାସୀଙ୍କର ଭବିଷ୍ୟବାଣୀ ସତ୍ୟ ହେବାର ସମୟ ଆସି ଯାଉଅଛି ବୋଲି ପିତା, ମାତା ନିଶ୍ଚୟ ହୋଇଗଲେ ।

ସେ ସମୟରେ ଚାଟଶାଳୀଥାଏ । ଶୁଦ୍ଧଗତି ଛଅବର୍ଷ ବୟସରେ ଚାଟଶାଳୀକୁ ପାଠ ପଢ଼ିବାକୁ ଗଲା । ତା'ର ପ୍ରଚଣ୍ଡ ସ୍ମରଣଶକ୍ତି, ଅବଧାନଙ୍କ ପ୍ରତି ଭକ୍ତି, ନିଷ୍ଠା ଓ ଏକାଗ୍ରତା ଲକ୍ଷ୍ୟ କରି ଗୁରୁମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲେ ।

କାରଣ ଏତେ କମ୍ ବୟସରେ ଏପରି ସାଧୁତା, ସୁଲକ୍ଷଣ କେବଳ ଅସାଧାରଣ ଶିଶୁ ଦ୍ୱାରା ହିଁ ସମ୍ଭବ ହୋଇପାରେ । ମାତ୍ର ଦୁଇ ବର୍ଷ ମଧ୍ୟରେ ଶୁଦ୍ଧଗତି କଡ଼ା, ବୋଡ଼ି, ଗଣ୍ଡା, ପଣ, ଓଡ଼ାଙ୍କ, ଫେଡ଼ାଙ୍କ, ଅଙ୍କକଷା ଓ ବର୍ଣ୍ଣମାଳା ଆଦି ସମସ୍ତ ବିଦ୍ୟା ଆୟତ୍ତ କରିନେଲା । ଏହାପରେ ଅବଧାନେ ଶୁଦ୍ଧଗତିଙ୍କୁ ଗୃହକୁ ଫେରିଯିବାପାଇଁ କହିଲେ । କିନ୍ତୁ ଶୁଦ୍ଧଗତି ଆଉ ଘରକୁ ଯିବାପାଇଁ ରାଜି ହେଲେ ନାହିଁ । ଶେଷରେ ଅବଧାନେ ତାଙ୍କର ପିତାମାତାଙ୍କୁ ଡ଼କାଇ ତାଙ୍କ ସଙ୍ଗରେ ପଠାଇଦେଲେ । ଘରକୁ ଫେରିବାପରେ ସର୍ବଦା ମଉନ ରହିଲେ । କାହାରି ସହିତ କଥାବାର୍ତ୍ତା କଲେନାହିଁ । ଯଦି କେଉଁଠାରେ ନାମ ସଂକୀର୍ତ୍ତନ କିମ୍ବା ପୂଜାର୍ଚ୍ଚନାର ସମ୍ବାଦ ପାଉଥିଲେ, ଆତ୍ମହରା ହୋଇ ସେହି ସ୍ଥାନକୁ ଛୁଟି ଯାଉଥିଲେ ଓ ସେଠାରେ ସଂଜ୍ଞାହୀନ ହୋଇପଡୁଥିଲେ । ପୁତ୍ରର ଏହି ଅବସ୍ଥା ଦେଖି ପିତା, ମାତା ଧୈର୍ଯ୍ୟହରା ହୋଇଗଲେ । କ'ଣ କରିବେ ନିଷ୍ପତ୍ତି ନେଇପାରିଲେ ନାହିଁ । କାରଣ ଦିନକୁ ଦିନ ସେ ନିର୍ଲିପ୍ତ ହୋଇଯାଉଥିଲେ । ଏହି ସନ୍ଧି ମୁହୂର୍ତ୍ତରେ ମେଧାନନ୍ଦ ନାମକ ଏକ ଅବଧୂତ ସନ୍ନ୍ୟାସୀ ଆସି ପହଞ୍ଚିଲେ । ଶୁଦ୍ଧଗତିଙ୍କୁ ତାଙ୍କର ଉପଯୁକ୍ତ ଶିଷ୍ୟ ବୋଲି ଦାବିକରି ବ୍ରହ୍ମଜ୍ଞାନ ଶିକ୍ଷାପାଇଁ ସାଙ୍ଗରେ ନେଇ ଚାଲିଗଲେ । ଶୁଦ୍ଧଗତିଙ୍କର ଗୃହତ୍ୟାଗ କରିବା ସମୟରେ ବୟସଥିଲା ନଅ ବର୍ଷ ପାଞ୍ଚମାସ । ଏହିଠାରୁ ଆରମ୍ଭ ହେଲା ଶୁଦ୍ଧଗତିଙ୍କର ଜ୍ଞାନଯଜ୍ଞର ଅଙ୍କୁରାରୋପଣ ।

ସତ୍ୟ ଯୁଗରୁ ପୂଣ୍ୟତାର ପ୍ରତିଷ୍ଠା ନେଇ ଦଣ୍ଡାୟମାନ ହୋଇଥିବା ମଣିଭଦ୍ରା ପର୍ବତର ପାର୍ଶ୍ୱବର୍ତ୍ତୀ ଜଙ୍ଗଲ ମଧ୍ୟରେ ଏକ କ୍ଷୁଦ୍ର ପାହାଡ଼ ଥିଲା । ସତ୍ୟଯୁଗରେ ଉକ୍ତ ପାହାଡ଼ଗୁମ୍ଫାରେ ତୁଙ୍ଗଭଦ୍ରା ଋଷି ତାଙ୍କର ଆଶ୍ରମ ପ୍ରତିଷ୍ଠା କରି ପୂର୍ଣ୍ଣତା ଲାଭ କରିଥିଲେ । ତ୍ରେତୟାଯୁଗରେ ପ୍ରଭୁ ଶ୍ରୀରାମ ଭ୍ରାତା ଲକ୍ଷ୍ମଣ, ମାଆ ସୀତା ଓ ଭକ୍ତଶ୍ରେଷ୍ଠ ହନୁଙ୍କୁ ସାଙ୍ଗରେ ନେଇ ଏହିଠାରେ ଏକ ସପ୍ତାହ ଅବସ୍ଥାନ କରିଥିଲେ । ସେହି ସମୟରେ ପ୍ରଭୁ ଯୋଗମାୟାଙ୍କୁ ବରଦାୟିନୀ ନାମରେ ଆବାହନ କରି ଏଠାରେ ପୂଜାର୍ଚ୍ଚନା କରିଥିଲେ । ସେହିଦିନଠାରୁ ଦେବୀ ସୂକ୍ଷ୍ମରେ ଏହି ପବିତ୍ର ପୀଠରେ ଉପସ୍ଥିତ ଅଛନ୍ତି । ପ୍ରଭୁଙ୍କ ପାଦଦେଶରେ ହନୁ ଥିବାର ସ୍ମାରକରେ ପାହାଡ଼ର ନିମ୍ନ ଦେଶରେ ମହାବୀର ନାମରେ ଭକ୍ତଶ୍ରେଷ୍ଠ ପୂଜା ଗ୍ରହଣ କରୁଛନ୍ତି । ଦ୍ୱାପର ଯୁଗରେ ପାଣ୍ଡବମାନେ ମଣିନାଗ ପର୍ବତରେ ଅଜ୍ଞାତବାସ କରୁଥିବା ସମୟରେ ସଖା ଶ୍ରୀକୃଷ୍ଣ ସେମାନଙ୍କ ନିକଟକୁ ଆସିଥିଲେ । ସେହିଠାରେ ଅର୍ଜ୍ଜୁନଙ୍କୁ ସେ ତାଙ୍କର ସୂକ୍ଷ୍ମରୂପ ଦର୍ଶନ କରାଇଥିଲେ । ତାପରେ ପାଣ୍ଡବମାନଙ୍କୁ ସଂଗରେ ନେଇ ବରଦାୟିନୀଙ୍କୁ ଦର୍ଶନ କରିବାପାଇଁ ଉକ୍ତ ପବିତ୍ର ପାହାଡ଼କୁ ଆସି ଏଠାରେ ତିନିଦିନ ଅବସ୍ଥାନ କରିଥିଲେ । ତେଣୁ ତ୍ରେତୟା ଯୁଗରୁ ମାଆ ବରଦାୟିନୀ ଏହି ପାହାଡ଼ରେ ଉପସ୍ଥିତ ଅଛନ୍ତି । ଦେବାଧିଦେବ ମହାଦେବ ପ୍ରତିଦିନ ଏଠାରେ ବିଜେକରି ପାହାଡ଼ଟିକୁ କୈଳାଶର ମର୍ଯ୍ୟାଦା ଦେଇଆସିଛନ୍ତି । ଏତଦ୍‌ଭିନ୍ନ କଳିର ପୁରୁଷୋତ୍ତମଙ୍କୁ ଦର୍ଶନ କରିବାର ଲକ୍ଷ୍ୟ ନେଇ ସତ୍ୟଯୁଗରୁ ସାତଜଣ ଋଷି ସୂକ୍ଷ୍ମ ସତ୍ତାନେଇ ଏବେ ମଧ୍ୟ ଏହି ପାହାଡ଼ରେ ଅପେକ୍ଷା କରି ରହିଛନ୍ତି । ସେହି ଋଷିମାନେ ହେଲେ ବିରତୁଙ୍ଗ ଋଷି - (ସତ୍ୟ), ଭୂତଭଦ୍ରା ଋଷି-(ସତ୍ୟ), ଋଷଚନ୍ଦ୍ର ଋଷି-(ତ୍ରେତୟା), ନିର୍ମୁକ ଋଷି-(ତ୍ରେତୟା), ଧୃତିପଶୁ ଋଷି-(ତ୍ରେତୟା), ଜରଦ୍‌ଗବ ଋଷି - (ଦ୍ୱାପର) ଏବଂ ଚୌରାସିକା ଋଷି (ଦ୍ୱାପର) । ଏହି ପାହାଡ଼ ପାଦଦେଶରେ ସନ୍ନ୍ୟାସୀମେଧାନନ୍ଦ ନିଜର ଆଶ୍ରମ କରି ରହୁଥିଲେ । ମେଧାନନ୍ଦ ପ୍ରାଣାୟାମ ଯୋଗରେ ପୂର୍ଣ୍ଣସିଦ୍ଧି ଲାଭ କରିଥିଲେ । ଯୋଗୀ ଶରୀର ସାଧନ ସମୟରେ ପ୍ରାଣାୟାମଦ୍ୱାରା ଶରୀରର ଦଶଦ୍ୱାରା ରୁଦ୍ଧକରି ଆତ୍ମାକୁ ବ୍ରହ୍ମ ସହିତ ଲୀନ କରାଇଥାନ୍ତି । ତାହାରି ସ୍ଥୂଳ ସ୍ମାରକରେ ସେ ତାଙ୍କ ଆଶ୍ରମର ଦଶଗୋଟି ଦ୍ୱାର ରଖିଥିଲେ ଓ ପ୍ରତି ଦ୍ୱାରରେ ଶିଷ୍ୟମାନଙ୍କୁ ଛୋଟ ଛୋଟ ଆଶ୍ରମ କରାଇ ରଖାଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତିଦ୍ୱାରର ଆଶ୍ରମଗୁଡ଼ିକ ଏକ ଏକ ଛୋଟ ପଲ୍ଲୀରେ ରୂପାନ୍ତରିତ ହୋଇଥିଲା ଏବଂ ରାଜୁଡ଼ା ଶାସନ ପ୍ରତିଷ୍ଠିତ ହେବାପରେ ସ୍ଥାନଟିର ନାମ ''ଦଶପଲ୍ଲା'' ନାମରେ ନାମିତ ହୋଇଥିଲା ।

ସନ୍ୟାସୀ ମେଧାନନ୍ଦ ଶୁଦ୍ଧଗତିଙ୍କୁ ସାଙ୍ଗରେ ନେଇ ତାଙ୍କର ଏହି ଆଶ୍ରମକୁ ନେଇଆସିଲେ । ଏହିଠାରେ ତାଙ୍କୁ ବ୍ରହ୍ମବିଦ୍ୟା ପ୍ରଦାନ କରି ସାଧନକ୍ଷେତ୍ରକୁ ପ୍ରବେଶ କରାଇଲେ । ପ୍ରତ୍ୟେକ ମନୁଷ୍ୟ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଚାରୋଟି ଅବସ୍ଥା ଦେଇ ଗତିକରିବାକୁ ବାଧ ହୋଇଥାଏ । ଯିଏ ନିଜର ସାଧନ ମାଧ୍ୟମରେ ଗୋଟିଏ ଜନ୍ମରେ ଚତୁରାବସ୍ଥା ଅତିକ୍ରମ କରିଯାଏ ସେ ପୂର୍ଣ୍ଣାଙ୍ଗ ହୁଏ । ନଚେତ୍ ଯେଉଁ ଅବସ୍ଥା ପର୍ଯ୍ୟନ୍ତ ପହଞ୍ଚିଥାଏ, ସେହିଠାରେ ହିଁ ତା'ର ମୃତ୍ୟୁହୁଏ କିନ୍ତୁ ପରିବର୍ତ୍ତୀ ଜନ୍ମକୁ ଏହି ଅବସ୍ଥା ପର୍ଯ୍ୟନ୍ତ ପହଞ୍ଚିଥିବା କର୍ମ ସିଦ୍ଧି ଅଭାବରୁ ସାଥୀ ହୋଇପାରେ ନାହିଁ । ତେଣୁ ପୁନରାୟ ପ୍ରଥମରୁ କର୍ମ ଆରମ୍ଭ କରିବାକୁ ହୁଏ । ଏହି ଆଲୋଚ୍ୟ ଚାରୋଟି ଅବସ୍ଥା ହେଉଛି - ଶୁଦ୍ର, ଦ୍ୱିଜ, ବିପ୍ର ଓ ବ୍ରାହ୍ମଣ । ଯିଏ ଯେଉଁ କୁଳରେ ଜନ୍ମ ହୋଇଥାଉ ପଛକେ, ମାତୃଗର୍ଭରୁ ଭୂମିଷ୍ଠ ହେବା ସମୟରେ ଶୁଦ୍ର ହୋଇଥାଏ । ପରବର୍ତ୍ତୀ ପର୍ଯ୍ୟାୟରେ ଯଜ୍ଞବେଦୀରେ ଜନ୍ମ ସଂସ୍କାର ହେବାପରେ ସେ ଦ୍ୱିଜ (ଦୁଇଥର ଜନ୍ମ-ପ୍ରଥମେ ମାତୃଗର୍ଭରୁ, ଦ୍ୱିତୀୟରେ ମନ୍ତ୍ରଗର୍ଭରୁ) ହୁଏ । ଦ୍ୱିଜ ହେବାପରେ ବେଦାଭ୍ୟାସ କଲେ ସେ ବିପ୍ରହୁଏ । ବେଦ ଅର୍ଥାତ୍ ଶରୀର ଏବଂ ଶାସ୍ତ୍ର । ଶାସ୍ତ୍ର ଅଧ୍ୟୟନ କରି ଶାସ୍ତ୍ରଜ୍ଞାନ ଅର୍ଜନ ସହ ଉପଯୁକ୍ତ ସଦ୍‌ଗୁରୁଙ୍କ ପ୍ରେରଣାରେ ଶରୀର ସାଧନରେ ବ୍ରତୀ ହେଲେ ସେ ବିପ୍ର ହୁଏ । ବିପ୍ର ଅବସ୍ଥାରେ କର୍ମ ନିପୁଣତାରେ କ୍ରମଶଃ ଆତ୍ମସାଧନରେ ନିଯୁକ୍ତ ରହି ବ୍ରହ୍ମ ଦର୍ଶନ ଲାଭପରେ ସେ ବ୍ରାହ୍ମଣର ପରିଚୟ ବହନ କରେ । ସେହି କ୍ରମରେ ଶୁଦ୍ଧଗତି ଶ୍ରୀଗୁରୁଦେବଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଧୀରେ ଧୀରେ ଏହି ଚତୁରାବସ୍ଥା ଅତିକ୍ରମ କରିବାକୁ ଲାଗିଲେ ।

ଶ୍ରୀଗୁରୁଦେବଙ୍କ ବଚନ ପ୍ରତି ଏକାନ୍ତ ନିଷ୍ଠା, ନିର୍ବିକାର କର୍ମ ପ୍ରବଣତା, ଅଖଣ୍ଡ ବିଶ୍ୱାସ, ଅନନ୍ୟ ଭକ୍ତି ପ୍ରକଟ କରି ଶୁଦ୍ଧଗତି କଠୋର ସାଧନରେ ବୁଡ଼ିଗଲେ । ପର୍ଯ୍ୟାୟକ୍ରମେ ଜ୍ଞାନଯଜ୍ଞର ଉପରଆଲୋଚିତ ଅଷ୍ଟଅଙ୍ଗ ଯମ, ନିୟମ, ଆସନ, ଧ୍ୟାନ, ଧାରଣା, ପ୍ରତ୍ୟାହାର, ପ୍ରାଣାୟାମ, ସମାଧିରେ ସିଦ୍ଧିଲାଭ କରି ନିର୍ବିକଳ୍ପ ସମାଧି ଆଡ଼କୁ ଅଗ୍ରସର ହେଲେ ।

ନଅବର୍ଷ ପାଞ୍ଚମାସ ବୟସରେ ଗୁରୁମୁଖୀ ହୋଇଥିବା ଶୁଦ୍ଧଗତି ମାତ୍ର ପାଞ୍ଚବର୍ଷ ଦୁଇମାସ ମଧ୍ୟରେ ଅର୍ଥାତ୍ ଚଉଦବର୍ଷ ସାତମାସ ବୟସରେ ପୂର୍ଣ୍ଣ ସମାଧିରେ ଧ୍ୟାନସ୍ଥ ହୋଇ ''ସମାଧିସ୍ଥ ଜ୍ଞାନ'' ଆହରଣ କଲେ । ସମାଧିରେ ଊର୍ଦ୍ଧ୍ୱଗାମୀ ହେବାସମୟରେ ସାଧକକୁ ବିଭିନ୍ନ ମଣ୍ଡଳ ଅତିକ୍ରମ କରିବାକୁ ପଡ଼େ । ପ୍ରତ୍ୟେକ ମଣ୍ଡଳ ଭେଦ ସମୟରେ ସେହି ମଣ୍ଡଳୀୟ ଜ୍ଞାନ ସିଦ୍ଧି ଗ୍ରହଣ କରିବାକୁ ହୁଏ । ସେହି କ୍ରମରେ ଶୁଦ୍ଧଗତି ଏକ ଏକ କରି ଦ୍ୱାଦଶ ମଣ୍ଡଳ ଭେଦ କରିଗଲେ ଏବଂ ସେହି ମଣ୍ଡଳସ୍ଥ ସମସ୍ତ ଜ୍ଞାନ ଆହରଣ କଲେ । କ୍ରମାନ୍ୱୟରେ ଏହି ମଣ୍ଡଳଗୁଡ଼ିକର ନାମ :- ୧.ଧେୟ ପ୍ରାଣାୟାମ-ପ୍ରାଣବାୟୁ ସଂଯମ ମଣ୍ଡଳ । ୨. ରୟିତାୟ ସବିକଳ୍ପ ସମାଧି ମଣ୍ଡଳ । ୩. ମୟିତାୟ ସମାଧି ମଣ୍ଡଳ । ୪. ଉଦୋତ୍ରୟ ସମାଧି ମଣ୍ଡଳ । ୫. ପ୍ରଷ୍ଠକ ସମାଧି ମଣ୍ଡଳ । ୬. ସମ୍ଭାଦ୍ରୁକ ସମାଧି ମଣ୍ଡଳ । ୭. ନିନୈକ ସମାଧି ମଣ୍ଡଳ । ୮. ଧୂମ୍ରକ ସମାଧି ମଣ୍ଡଳ । ୯. ଚକ୍ରଭିମ୍ଧା ଜ୍ଞାନ ମଣ୍ଡଳ । ୧୦. ତମୈୟୀ ଜ୍ଞାନ ମଣ୍ଡଳ ।୧୧. ଅଧିମ୍ବୀ ଜ୍ଞାନ ମଣ୍ଡଳ । ୧୨. ସମ୍ଭୁଧୀ ଜ୍ଞାନ ମଣ୍ଡଳ ।

ପ୍ରତ୍ୟେକ ମଣ୍ଡଳର ଜ୍ଞାନ ସମ୍ଭାର ଆଲୋଚନା କରିବା ଏହି କ୍ଷୁଦ୍ର ପତ୍ରିକା ଦ୍ୱାରା ସମ୍ଭବ ହେଉ ନଥିବାରୁ କେବଳ ''ସମ୍ଭୁଧୀ'' ଜ୍ଞାନ ମଣ୍ଡଳ ଉପରେ ସମ୍ୟକ୍ ସୂଚନା ଦିଆଯାଉଅଛି । ଉକ୍ତ ସମ୍ଭୁଧୀ ମଣ୍ଡଳରେ ସାଧକ ସୂକ୍ଷ୍ମଲୀଳା ଅନୁଭୂତି ଲାଭ କରେ । ବ୍ରହ୍ମ ଏକ । ଆତ୍ମା ଏକ । ଏହି ବ୍ରହ୍ମ ଆତ୍ମା ପ୍ରତ୍ୟେକ ଜୀବ ମଧ୍ୟରେ ବିରାଜିତ । କିନ୍ତୁ ଜୀବର ଆକୃତି, ବୁଦ୍ଧି, ବିବେକ, ଜ୍ଞାନ, ଆଚରଣ ଆଦି ଭିନ୍ନ କାହିଁକି ହୁଏ ? ଯୋଗୀ ସାଧନ ବଳରେ ଏହି ମଣ୍ଡଳରେ ପହଞ୍ଚିଗଲେ ଉକ୍ତ ଭିନ୍ନତାର କାରଣ ଉପଲବ୍ଧିକରେ । ଜୀବର କ୍ରମ ବିକାଶ ରହସ୍ୟ ମଧ୍ୟ ଏହିଠାରେ

ଅବଗତ ହୁଏ । ବୃକ୍ଷଲତା, ଜଳଚର, ସ୍ଥଳଚର ପ୍ରାଣୀମାନଙ୍କର ଆତ୍ମ ନିରୂପଣ, ସୂକ୍ଷ୍ମଗତିକ୍ରିୟା ଏହିଠାରେ ହିଁ ଉପଲବ୍ଧ ହୁଏ । ଧରାପୃଷ୍ଠରେ ବିଚରଣ କରୁଥିବା ପ୍ରତ୍ୟେକ ମନୁଷ୍ୟ ସେହି ଅମୃତର ସନ୍ତାନ । ମାତ୍ର ସେମାନଙ୍କ ମଧ୍ୟରେ ଐଶ୍ୱର୍ଯ୍ୟ ସୂକ୍ଷ୍ମଗତିର କାରଣ କେହି ଜାଣି ପାରନ୍ତି ନାହିଁ । ଧନୀ, ମଧ୍ୟବିତ୍ତ, ଦରିଦ୍ର ଆଦି ବିଭିନ୍ନ ପର୍ଯ୍ୟାୟଦେଇ ମନୁଷ୍ୟମାନେ ଗତି କରନ୍ତି । ଏହାର କାରଣସୂତ୍ର ସୂକ୍ଷ୍ମରେ ଏହି ସମ୍ଭୁଧୀ ମଣ୍ଡଳରେ ଜଣାପଡ଼ିଥାଏ । ଜନ୍ମ, ମୃତ୍ୟୁବାଦ ମୁଖ୍ୟ ସ୍ରୋତ ''କର୍ମଫଳ ଭୋଗ''ର ପ୍ରକୃତ ତଥ୍ୟ, ଜ୍ଞାନର ବିସ୍ତୃତ ବ୍ୟାଖ୍ୟା ଏହି ମଣ୍ଡଳରେ ଦେଖାଯାଇଥାଏ ।

ଦିବ୍ୟସାଧକ ଶୁଦ୍ଧଗତି ସମାଧି ସ୍ତରରେ ଏହି ଅଦ୍ଭୁତମଣ୍ଡଳରେ ପହଞ୍ଚି ଉପରଆଲୋଚିତ ସମସ୍ତ ଜ୍ଞାନ ଗ୍ରହଣ କରି ପୂର୍ଣ୍ଣତା ପ୍ରାପ୍ତି ହୋଇଗଲେ । ଗୁରୁ ମେଧାନନ୍ଦ ସୂକ୍ଷ୍ମ ଦୃଷ୍ଟିବଳରେ ସେତେବେଳେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ଶିଷ୍ୟର ନାମ ପରିବର୍ତ୍ତନ କରି ପ୍ରାପ୍ତ ମଣ୍ଡଳର ନାମାନୁସାରେ ନୂତନ ନାମ କରଣ କଲେ ''ସମ୍ଭୁଧୀ'' । ସେହିଦିନଠାରୁ ଶୁଦ୍ଧଗତି ''ସମ୍ଭୁଧୀ ମୁନି'' ନାମରେ ଧରାପୃଷ୍ଠରେ ପରିଚିତ ହେଲେ ।

ଏହି ସମ୍ଭୁଧୀ ମୁନି ସମାଧିରେ ସିଦ୍ଧିଲାଭ କରିବା ଅବସରରେ ଶ୍ରୀହରିଙ୍କ ନିକଟରେ ବରଭିକ୍ଷା କରିଥିଲେ, ''ପ୍ରଭୁ ! ସମ୍ଭୁଧୀ ଜ୍ଞାନମଣ୍ଡଳ ପ୍ରବେଶ କରି ମୁଁ ଉପଲବ୍ଧ କରୁଅଛି, ଆପଣଙ୍କ କୃପାବିନା ଜୀବ କଦାପି ଜ୍ଞାନ ସିଦ୍ଧି ଲାଭ କରିପାରିବ ନାହିଁ । ଜ୍ଞାନଯଜ୍ଞାନୁଷ୍ଠାନ ବ୍ୟତୀତ ଆପଣଙ୍କ କୃପାପ୍ରାପ୍ତ ପାଇଁ ଯୋଗ୍ୟତା ମଧ୍ୟ କେହି ପାଇବେ ନାହିଁ । ସୁତରାଂ ଜୀବ, ପରମଙ୍କ ମଧ୍ୟରେ ଦୂରତାର ସମାଧାନ କେବେ ବି ସମ୍ଭବ ହେବନାହିଁ । ତେଣୁ ହେ କଲ୍ୟାଣମୟ ! ମୋର ପ୍ରାର୍ଥନା; ଏହି ଯୁଗ (କଳି) ନିଷ୍ପତ୍ତି ଲକ୍ଷ୍ୟନେଇ ଯେତେବେଳେ ଆପଣ ମର୍ତ୍ତ୍ୟାବତରଣ କରିବେ, ସେତେବେଳେ ସ୍ୱୟଂ ଏହି ପୀଠରେ ଉପସ୍ଥିତ ରହି ଏପରି ଏକ ଯଜ୍ଞାନୁଷ୍ଠାନ କରାଇବେ, ଯାହାଦ୍ୱାରା ଦ୍ରବ୍ୟ ଓ ଜ୍ଞାନ ଉଭୟ ଯଜ୍ଞର ଫଳ ପ୍ରାପ୍ତ ହେବ । ସନାତନ ଧର୍ମଧ୍ୱଜା ଉତ୍ତୋଳନ କରାଇ ମୋହଗ୍ରସ୍ତ ଜୀବମାନଙ୍କ ମନରେ ସତ୍ୟର ଅଙ୍କୁରୋଦ୍ଗମ କରିବେ ଏବଂ ସେମାନଙ୍କୁ ସଦ୍‌ଗତି ପ୍ରାପ୍ତିର ସମସ୍ତ ସୌଭାଗ୍ୟ ପ୍ରଦାନ କରିବେ ।''

ଆଜି ସେହି ପବିତ୍ର ଦିବସ । ଜ୍ୟେଷ୍ଠ ଅମାବାସ୍ୟା ତିଥି । ସମ୍ଭୁଧୀମୁନିଙ୍କର ସ୍ୱନକ୍ଷତ୍ର ଦିବସ । ତାଙ୍କରି ସ୍ମରଣରେ ଏବଂ ତାଙ୍କରି ଇଚ୍ଛା ପୂର୍ତ୍ତି ପାଇଁ ପରମପୁରୁଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କ ସାଧନପୀଠ ଦଶପଲ୍ଲାଠାରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ, ସତ୍‌ସଂଗ ଓ ଅଖଣ୍ଡନାମ ମାଧ୍ୟମରେ ଜ୍ଞାନ ଯଜ୍ଞ ଅନୁଷ୍ଠିତ ହେଉଅଛି । ପ୍ରତ୍ୟେକ ବ୍ରହ୍ମଜିଜ୍ଞାସୁ ବ୍ୟକ୍ତି, ଯିଏ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସର ସହ ଏହି ଯଜ୍ଞାନୁଷ୍ଠନାକୁ ଗ୍ରହଣ କରିବ ସେ ନିଶ୍ଚୟ ଏହାର ପ୍ରଭାବ ଓ ଫଳାଫଳ ଉପଲବ୍ଧ କରିବ ଏଥିରେ କୌଣସି ସନ୍ଦେହ ନାହିଁ ।

ଏହି ପବିତ୍ର ଯଜ୍ଞ, ଓ ସମ୍ଭୁଧୀ ମୁନିଙ୍କ ସମ୍ପର୍କରେ ସୂଚନା ଦେବାକୁ ଯାଇ ମହାପୁରୁଷ ଅଚ୍ୟୁତାନନ୍ଦ କହନ୍ତି :-

ଶୁଣବାରେ ମନ ସମାଧିପାଦ । ମୂରୁଖ ଜନଙ୍କୁ ସନ୍ଦେହୀ ସ୍ୱାଦ ॥
ଜ୍ଞାନୀ ବ୍ରହ୍ମସ୍ୱର ଡ଼ାକଟି ସାର । ତିନି ଏକ ବର୍ଣ୍ଣ ବ୍ୟଞ୍ଜନ ଧାର ॥''

ଏହି ପଦ୍ୟାଂଶରେ ମହାପୁରୁଷ ନିଜମନକୁ କହୁଛନ୍ତି, ରେ ମନ ! ଏକ ସମାଧିପାଦ ସମ୍ପର୍କରେ ଶୁଣ । ସମାଧିରେ ସିଦ୍ଧିଲାଭ କରି ବ୍ରହ୍ମ ଲାଭ କରିଥିବା ସିଦ୍ଧ ସାଧକଙ୍କୁ ସମାଧି ପାଦ ବୋଲି କହନ୍ତି । ତେଣୁ କିଏ ସେହି ସମାଧି ପାଦ ? ତାଙ୍କର ପରିଚୟକୁ ସେ ତାଙ୍କର ଗାଣିତିକ ଚମତ୍କାରିତାରେ ବର୍ଣ୍ଣନା କରିଛନ୍ତି । ''ତିନି ଏକ ବର୍ଣ୍ଣ ବ୍ୟଞ୍ଜନ ଧାର'' । ଅର୍ଥାତ୍ ୩ ଓ ୧ ଦୁଇଟି ସଂଖ୍ୟା ଏକତ୍ର ଲେଖି ଯେଉଁ ସଂଖ୍ୟା ହେଲା ବ୍ୟଞ୍ଜନବର୍ଣ୍ଣର ସେହି

ସଂଖ୍ୟାରେ ଥିବା ଅକ୍ଷର । ଯଥା :- ୩ ନିକଟରେ ୧ ରଖିଲେ ୩୧ ହେବ । ବ୍ୟଞ୍ଜନ ବର୍ଣ୍ଣମାଳାର ୩୧ ତମ ଅକ୍ଷର ''ସ'' ।

**ତହିଁରୁ ଆଣିବୁ ଏକଇ ବାଣ । ବାଣ ଚାରିଗୁଣି ପାଞ୍ଚ ମିଶାଣ ।।**

''ବାଣ'' ଅର୍ଥ ପାଞ୍ଚ । ''ତହିଁରୁ ଆଣିବୁ ଏକଇ ବାଣ'' ଅର୍ଥ ୫(ପାଞ୍ଚ) ଆଣିବୁ । ତହିଁରେ ଚାରିଗୁଣ ପାଞ୍ଚ ମିଶାଇବୁ । ୫x୪+୫=୨୫ । ବ୍ୟଞ୍ଜନ ବର୍ଣ୍ଣମାଳାର ୨୫ତମ ଅକ୍ଷର ''ମ'' ।

**ଦଶବେନି ଘାଇ ଚାରିବେଦର । ବ୍ୟଞ୍ଜନ ବର୍ଣ୍ଣଟି ଅଟଇ ସାର ।।**

''ଦଶ ବେନି'' ଅର୍ଥ ଦୁଇଟି ଦଶ =୨୦ । ଘାଇ ଅର୍ଥାତ୍ ମିଶ୍ରଣ । ''ଚାରିବେଦ'' ଚାରିସଂଖ୍ୟାକୁ ବୁଝାଉଅଛି । ତେଣୁ ଏହି ସଂଖ୍ୟାଟି ହେଲା ୨୦+୪=୨୪ । ବ୍ୟଞ୍ଜନ ବର୍ଣ୍ଣର ୨୪ତମ ଅକ୍ଷର ହେଉଛି ''ଭ'' ।

**ସାତସ୍ୱରବର୍ଣ୍ଣ ସଧୀରେ ଦେବୁ । ଊନବିଂଶ ମାଳା ଯାଇ ଭେଟିବୁ ।।**

**ଚାରିବେଦେ ସ୍ୱରବର୍ଣ୍ଣକୁ ଧରି । ଦକ୍ଷିଣେ ଥାପିବୁ ଯତନ କରି ।।**

''ସାତସ୍ୱରବର୍ଣ୍ଣ'' । ସ୍ୱରବର୍ଣ୍ଣର ସପ୍ତମ ଅକ୍ଷର ''ଋ'' । ଏହାପରେ ''ଊନବିଂଶ ମାଳା'' ଭେଟିବୁ । ଅର୍ଥାତ୍ ପୁନଶ୍ଚ ବ୍ୟଞ୍ଜନ ବର୍ଣ୍ଣର ଊନବିଂଶ ଅକ୍ଷର ସହ ଏକତ୍ର ହେବୁ । ବ୍ୟଞ୍ଜନ ବର୍ଣ୍ଣର ଊନବିଂଶ ଅକ୍ଷର ''ଧ'' । ତାପରେ ''ଚାରିବେଦେ ସ୍ୱରବର୍ଣ୍ଣକୁ ଧରି'' ଅର୍ଥାତ୍ ସ୍ୱରବର୍ଣ୍ଣର ଚତୁର୍ଥ ଅକ୍ଷରକୁ ଆଣି ''ଧ''ର ଦକ୍ଷିଣରେ ଥାପିବୁ । ସ୍ୱରବର୍ଣ୍ଣର ଚତୁର୍ଥ ଅକ୍ଷର ''ଈ'' ।

**ସବୁରି ଅକ୍ଷର ଏକାଠି ରଖି । ସମାଧି ପାଦକୁ ଲୟ ନିରେଖି ।।**

ଉପର ଆଲୋଚିତ ସମସ୍ତ ଅକ୍ଷର ଏକତ୍ର କଲେ ସମାଧି ପାଦର ନାମ ଜାଣିପାରିବୁ । ଅକ୍ଷରଗୁଡ଼ିକ ହେଲେ ''ସ''+''ମ''+''ଭ''+''ଋ''+''ଧ''+''ଈ''=''ସମ୍ଭୃଧୀ'' ।

ମହାପୁରୁଷଙ୍କର ପ୍ରିୟ ଶିଷ୍ୟ ରାମଦାସ ଏହି ସମ୍ଭୃଧୀ ମୁନିଙ୍କ ବିଷୟରେ ଗୁରୁଙ୍କଠାରୁ ଅବଗତ ହେବାପରେ ତାଙ୍କର ବରପ୍ରାପ୍ତି, ଯଜ୍ଞ ଓ ସତସଂଗର ସ୍ଥାନ, ସମୟ ସମ୍ପର୍କରେ ପ୍ରଶ୍ନ କରନ୍ତେ ମହାପୁରୁଷ ନିରାକାରଙ୍କ ଠାରୁ ସେ ସମ୍ବନ୍ଧରେ ଯାହା ଗ୍ରହଣ କରିଥିଲେ ତାହା ତାଙ୍କୁ କହିଥିଲେ :

**ନିରାକାର କହନ୍ତି ଅଚ୍ୟୁତ ମୁଖ ଚାହିଁ । ବୃଷ ତିରିଶରେ ଅମା ଅନ୍ଧାର ଦିଶଇ ।।**

**ଜ୍ୟେଷ୍ଠ ରବି ଚତୁର୍ଦ୍ଦଶୀ ଯାଗ ମଞ୍ଜି ରୋପି । ଯତନେ ମନ୍ତର ଡାକି ପୁରୁଷକୁ ଥାପି ।।**

ଏଠାରେ ମହାପୁରୁଷଙ୍କ ସଙ୍କେତ ହେଉଛି, ବୃଷମାସ ତିରିଶ ଦିନ ହୋଇଥିବା ଅମାବାସ୍ୟା ତିଥି ପ୍ରବେଶ କରୁଥିବ । ଜ୍ୟେଷ୍ଠମାସ ରବିବାର ହୋଇଥିବ । ଏହିଦିନ ଯାଗ ମଞ୍ଜି ରୋପଣ ହେବ । ଅର୍ଥାତ୍ ଯଜ୍ଞର ଅଙ୍କୁରାରୋପଣ ହେବ ।

**ଷଡ଼, ତିନି ମିଶି ଏକ ଫିରିଙ୍ଗି ସଂଖ୍ୟାରେ । ଦଶଗୁଣ ନବ ଧାଇଁ ନବମ ଶ୍ରେଣୀରେ ।**

**ଏତକ ଏକାଠି କରି ଦେବୁଟିରେ ବାବୁ । ମଙ୍ଗଳ ବାସରେ ଧ୍ୱଜା କରିବୁଟି କାବୁ ।**

ଉକ୍ତ ପଦ୍ୟାଂଶରେ ମସିହା ଓ କେତନ ଉତ୍ତୋଳନ ଦିବସ ସମ୍ପର୍କରେ ସୂଚନା ଦିଆଯାଇଅଛି । ଯଥା :- ଷଡ଼ ତିନି ଅର୍ଥାତ୍ ୬x୩=୧୮ ଏଥିରେ ମିଶି ଏକ =୧୯ ।। ''ଦଶଗୁଣ ନବ'' ଅର୍ଥ ନବର ଦଶଗୁଣ = ୯x୧୦=୯୦ ।। ''ଧାଇଁ ନବମ ଶ୍ରେଣୀରେ'' ଅର୍ଥ, ୯୦ ଯାଇ '୯'ରେ ମିଳିତ ହେବ । ଅର୍ଥାତ୍ (୯୦+୯=)୯୯ । ଏତକ ଏକାଠି କରିଦେଲେ ୧୯୯୯ । ମହାପୁରୁଷ ଇଂରାଜୀକୁ ସର୍ବଦା ଫିରିଙ୍ଗି ବୋଲି ସମ୍ବୋଧନ କରିଥାନ୍ତି । ତେଣୁ ଇଂରାଜୀ ୧୯୯୯ ମସିହା ବୋଲି ପ୍ରମାଣ ଦେଉଛନ୍ତି । ଉପରୋକ୍ତ ପଦ୍ୟାର୍ଥକୁ ଏଥି ସହିତ ଏକତ୍ର କଲେ ୧୯୯୯ ମସିହା ବୃଷ ଦି୩୦ନ, ଜ୍ୟେଷ୍ଠମାସ ଚତୁର୍ଦ୍ଦଶୀ ଭୋଗ ଅମାବାସ୍ୟା ତିଥି ରବିବାର ଦିନ ଯଜ୍ଞର ଅଙ୍କୁରାରୋପଣ ହେବ ଏବଂ ମଙ୍ଗଳବାରରେ ସନାତନ କେତନ ଉତ୍ତୋଳନ ହେବ ।

**ଯାଗ ଜଗି ଯୋଗ ବଳେ ରଖିବୁଟି ଚେତା । ପୁରୁଷ ଆସିବ ଧାଇଁ ହେତୁ ତୁ ରଖିଥା ।।**

**ଏକ ଦୁଇ ମିଶିବାକୁ ଦଶ ବୋଲାଇଲା । ଚଇତନେ ଚେତା ରଖି ଚିତ୍ତ ଦଶପଲ୍ଲୀ ।।**

ଏଠାରେ ନିରାକର ଅଚ୍ୟୁତଙ୍କୁ କହୁଛନ୍ତି, ଯୋଗବଳରେ ଏହି ଦିନକୁ ଜଗି ରହିଥିବୁ । ଉକ୍ତ ଯଜ୍ଞବେଦୀକୁ ପୁରୁଷ ନିଜେ ଆସି ପହଞ୍ଚିବେ । କେଉଁଠାରେ ସେ ସ୍ଥାନ ? ''ଏକ, ଦୁଇ ମିଶି ଦଶ ବୋଲାଇଲା । ଚଇତନେ ଚେତାରଖି ଚିତ୍ତ ଦଶପଲ୍ଲୀ ।'' ପୂର୍ବରୁ ଆଲୋଚନା କରାଯାଇଅଛି ପ୍ରାଣାୟାମ ଯୋଗୀ ମେଧାନନ୍ଦ ଏକ ଏକ କରି ଶରୀରର ଦଶଦ୍ୱାର ଜୟକରି ଦଶଦ୍ୱାର ବିଶିଷ୍ଟ ଆଶ୍ରମ ପ୍ରତିଷ୍ଠା କରିଥିଲେ । ସେହି ଦ୍ୱାରମାନଙ୍କ ପରବର୍ତ୍ତୀ ପର୍ଯ୍ୟାୟରେ ଗଢ଼ିଉଠିଥିବା ପଲ୍ଲୀମାନଙ୍କର ମିଶ୍ରଣରେ ସ୍ଥାନଟିର ନାମ ''ଦଶପଲ୍ଲୀ'' ହୋଇଥିଲା । ଏଠାରେ ସେହି ଶରୀର ସାଧନ କ୍ରିୟା ଅବଲମ୍ବନରେ ଚୈତନ୍ୟରେ ଥିବା ଦଶଦ୍ୱାରର ସ୍ଥୂଳ ନାମ ପରିପ୍ରକାଶ ହୋଇ ''ଦଶପଲ୍ଲୀ'' ନାମ ଧାରଣ କରିଥିବା ସ୍ଥାନରେ ଉକ୍ତ ଉତ୍ସବ ସମାହିତ ହେବ ।''

ମହାପୁରୁଷଙ୍କର ଉକ୍ତ ଭବିଷ୍ୟବାଣୀ ଆଜି ସତ୍ୟ ହୋଇଅଛି । ବୃଷ ଦି୩୦ନ ରବିବାର ଦିନ ଅଙ୍କୁରାରୋପଣ ହୋଇ ମିଥୁନ ଦି୨ନ ମଙ୍ଗଳବାରରେ ଧ୍ୱଜା ଅର୍ଥାତ୍ କେତନ ଉତ୍ତୋଳନ ହୋଇଅଛି ।

ଓଁ ଶାନ୍ତିଃ ! ଓଁ ଶାନ୍ତିଃ !! ଓଁ ଶାନ୍ତିଃ !!!

**ସ୍ୱର୍ଣ୍ଣକ୍ଷେତ୍ର**
ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ
ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘ, ମାହାଙ୍ଗା, କଟକ

ଅହଂକାରୀ ଜୀବ ଅଭିମାନ କରି,
ପୁଣ୍ୟ ଫଳ ସବୁ ଦେଉଅଛି ସାରି ।
ଶିଶୁଟିଏ ପରି ହୋଇଲେ ସରଳ,
ପୀୟୁଷ ହୋଇବ ବିଷୟ ଗରଳ ।।

# ଆଶ୍ରମ ସନ୍ଦେଶ

ତା ୧.୮.୯୯ ରିଖ (ରବିବାର) : ବ୍ରାହ୍ମଣୀ କେନ୍ଦ୍ର ସଂଗଠନ ଅଧୀନସ୍ଥ ଶାଖା ସମୂହର କର୍ମକର୍ତ୍ତାମାନଙ୍କର ମିଳିତ ବୈଠକରେ ସଂଘ ଓ ପରିଷଦ୍‌ର କର୍ମକର୍ତ୍ତାମାନେ ଯୋଗଦେଇ ସାଂଗଠନିକ ଆଲୋଚନା କରି ଅଛନ୍ତି ।

ତା ୭.୮.୯୯ ରିଖ (ଶନିବାର) ଓ

ତା ୮.୮.୯୯ ରିଖ (ରବିବାର) : କଟକ ସଦର କେନ୍ଦ୍ରସଂଗଠନ ଅଧୀନସ୍ଥ ଶାଖା ସମୂହର ଏବଂ କେନ୍ଦ୍ର ସଂଗଠନ ଅନ୍ତର୍ଭୁକ୍ତ ହୋଇ ନଥିବା ଶାଖାଗୁଡ଼ିକର ପୂଜକ ଓ ସହପୂଜକମାନଙ୍କ ଜଗତପୁରସ୍ଥ କେଶବ ଭବନ ପରିସରରେ ସଂଘର ମୁଖ୍ୟ ପୂଜକ ଶାମଭାଇ ପୂଜା ଶିକ୍ଷା ପ୍ରଦାନ କରିଅଛନ୍ତି ।

ତା ୮.୮.୯୯ ରିଖ (ରବିବାର) : କଟିକଟା, ବ୍ରାହ୍ମଣୀ, ଅବାଡ଼ବାଗ କେନ୍ଦ୍ର ସଂଗଠନ ଅଧୀନସ୍ଥ ସମସ୍ତ ଶାଖାର ପରିଚାଳକ, ସହ ପରିଚାଳକ, ପୂଜକ, ସହ ପୂଜକ, ଶାଖା ସଂଗଠକ ତଥା କେନ୍ଦ୍ର ସଂଗଠନର ପରିଚାଳନା କମିଟୀ ସଭ୍ୟ ସଭ୍ୟାମାନଙ୍କର ଆଧ୍ୟାତ୍ମିକ ପ୍ରଶିକ୍ଷଣ ଶିବିର ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଅନୁଷ୍ଠିତ ହୋଇ ଯାଇଅଛି । ଏହି ଶିବିରରେ ସଂଘ ଓ ପରିଷଦର କର୍ମକର୍ତ୍ତାମାନେ ଯୋଗ ଦେଇ ସଂଘର ଓ ପରଷଦ୍‌ର ଆଭିମୁଖ୍ୟ ଏବଂ ସାଂଗଠନିକ ଧାରା ସମ୍ପର୍କରେ ଆଲୋଚନା କରି ଅଛନ୍ତି ।

ତା ୯.୮.୯୯ ରିଖ (ସୋମବାର) ଏବଂ

ତା ୧୦.୮.୯୯ ରିଖ (ମଙ୍ଗଳବାର) : ଦୁଇଦିନ ଧରି ଅବାଡ଼ବାଗ କେନ୍ଦ୍ର ସଂଗଠନ କାର୍ଯ୍ୟାଳୟଠାରେ ପୂଜାଶିକ୍ଷା ପ୍ରଦାନ କରାଯାଇଅଛି ।

ତା୧୨.୮.୯୯ରିଖ (ଗୁରୁବାର) ଓ

ତା୧୩.୮.୯୯ ରିଖ (ଶୁକ୍ରବାର) : ଏହି ଦୁଇଦିନ ଧରି ବ୍ରାହ୍ମଣୀ କେନ୍ଦ୍ର ସଂଗଠନ କାର୍ଯ୍ୟାଳୟରେ ପୂଜାଶିକ୍ଷା ପ୍ରଦାନ କରାଯାଇଅଛି ।

ତା ୧୫.୮.୯୯ରିଖ (ରବିବାର) : ଆଜି ସ୍ୱର୍ଣ୍ଣକ୍ଷେତ୍ରରେ ସ୍ୱାଧୀନତା ଦିବସ ପାଳିତ ହୋଇଅଛି ।

- କଟିକଟା କେନ୍ଦ୍ର ସଂଗଠନର ପରିଚାଳକ ବିଜୟ କେତନ ପଟ୍ଟନାୟକଙ୍କ ଦ୍ୱାରା ଆହୂତ ଶାଖା ପରିଚାଳକମାନଙ୍କ ବୈଠକର ଶାଖା ସମ୍ବନ୍ଧୀୟ ଆଲୋଚନା ଚକ୍ର ଓ ଭ୍ରାତୃ ମିଳନ ଅନୁଷ୍ଠିତ ହୋଇଅଛି ।

ତା ୧୫.୮.୯୯ ରିଖ(ରବିବାର) ଓ

ତା ୧୬.୮.୯୯ରିଖ (ସୋମବାର): ଶୁକ୍ଳୀ କେନ୍ଦ୍ର ସଂଗଠନ କାର୍ଯ୍ୟାଳୟରେ ପୂଜାଶିକ୍ଷା କାର୍ଯ୍ୟକ୍ରମ ଆଶ୍ରମର ମୁଖ୍ୟପୂଜକ ଶାମଭାଇଙ୍କ ଦ୍ୱାରା ଅନୁଷ୍ଠିତ ହୋଇଅଛି ।

ତା ୧୮.୮.୯୯ରିଖ (ବୁଧବାର) ଓ

ତା ୧୯.୮.୯୯ ରିଖ (ଗୁରୁବାର) : ରାଜନଗର କେନ୍ଦ୍ର ସଂଗଠନ କାର୍ଯ୍ୟାଳୟରେ ପୂଜାଶିକ୍ଷା ପ୍ରଦାନ କରାଯାଇଅଛି ।

ତା ୨୦.୮.୯୯ ରିଖ (ଶୁକ୍ରବାର) ଓ

ତା ୨୧.୮.୯୯ ରିଖ (ଶନିବାର) : ପଦ୍ମପୁର କେନ୍ଦ୍ର ସଂଗଠନ ଅଧୀନସ୍ଥ ଶାଖା ସମୂହର ପୂଜକମାନଙ୍କ ପୂଜାଶିକ୍ଷା ଅନୁଷ୍ଠିତ ହୋଇଅଛି ।

ତା ୨୨.୮.୯୯ ରିଖ (ରବିବାର) ଓ

ତା ୨୩.୮.୯୯ ରିଖ (ସୋମବାର) : କେନ୍ଦୁଝର ସଦର କେନ୍ଦ୍ର ସଂଗଠନ କାର୍ଯ୍ୟାଳୟରେ ପୂଜାଶିକ୍ଷା ପ୍ରଦାନ କରାଯାଇଅଛି ।

ତା୨୪.୮.୯୯ରିଖ (ମଙ୍ଗଳବାର) ଠାରୁ

ତା ୨୬.୮.୯୯ରିଖ (ଗୁରୁବାର) : (ରକ୍ଷାବନ୍ଧନ ପୂର୍ଣ୍ଣିମା) । ସ୍ୱର୍ଣ୍ଣକ୍ଷେତ୍ରରେ ମହାପ୍ରଭୁଙ୍କର ଶ୍ରୀପାଦୁକାସ୍ନାନ ଓ ବନ୍ଦନା ସହିତ ରାକ୍ଷୀ ବନ୍ଧନ ଉତ୍ସବ ମହାସମାରୋହରେ ପାଳିତ ହୋଇଅଛି । ପୂର୍ଣ୍ଣିମା ଦିନ ବିଭିନ୍ନ ସ୍ଥାନରୁ ସମାଗତ ହଜାର ହଜାର ଭାଇଭଉଣୀ ମହାମନ୍ତ୍ର ସଂକୀର୍ତ୍ତନ ସହିତ ପୂର୍ଣ୍ଣକୁମ୍ଭ ଶୋଭାଯାତ୍ରାରେ ପାଦୁକାସ୍ନାନ ମଣ୍ଡପକୁ ଆସି ଶ୍ରୀପାଦୁକା ସ୍ନାନ କରାଇଥିଲେ । ଅନେକେ ଠାକୁରଙ୍କୁ ରାକ୍ଷୀ ସହିତ ନାନା ପ୍ରକାର ଉପହାର ମଧ୍ୟ ପ୍ରଦାନ କରିଥିଲେ ଓ ପରସ୍ପର ହାତରେ ରାକ୍ଷୀ ବାନ୍ଧି ଭ୍ରାତୃତ୍ୱ ସ୍ନେହ ପ୍ରଦର୍ଶନ କରିଥିଲେ ।

ତା ୨୮.୮.୯୯ରିଖ (ଶନିବାର) ଓ

ତା ୨୯.୮.୯୯ ରିଖ (ରବିବାର) : ଏହି ଦୁଇଦିନ ବାରିପଦା ଶାଖାରେ ସମବେତ ଗୁରୁଭାଇ ଭଉଣୀମାନଙ୍କୁ ଧର୍ମଧାରା ପୁନର୍ଶିକ୍ଷା ଆଶ୍ରମର ମୁଖ୍ୟ ପୂଜକ ଶାମଭାଇଙ୍କ ଦ୍ୱାରା ପ୍ରଦାନ କରାଯାଇଅଛି ।

ତା ୨୯.୮.୯୯ ରିଖ (ରବିବାର) : ଯାଜପୁର ସହର ଶାଖାରେ ସଂଘ ଓ ପରିଷଦ୍‌ର କର୍ମକର୍ତ୍ତାମାନେ ଯୋଗଦେଇ ସାଂଗଠନିକ ଆଲୋଚନା କରିଅଛନ୍ତି ।

ତା ୦୨.୯.୯୯ ରିଖ (ଗୁରୁବାର) : କ୍ଷିତିଃଜ୍ୟୋତିଃ ଆଶ୍ରମ ତଥା ବିଭିନ୍ନ ଶାଖାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଅଛି ।

ପଦବୀରେ ରହି କର୍ତ୍ତବ୍ୟରେ ହେଳା ।
କଳେ ବୁଡ଼ିଯିବ ନିମିଷେ ତୋ ଭେଳା ॥

ଆଚରଣ ରକ୍ଷାକରି କର କର୍ମଧାରା ।
ତୋ ପାଇଁ ସାଇତା ଅଛି ପାପ୍ସୁଷ୍ଟ ପସରା ॥

ଆମର ଲକ୍ଷ୍ୟ : ଚରମପ୍ରାପ୍ତି